ବର୍ଷ-୨୪, ସଂଖ୍ୟା-୩୧୫
ଭୁବନେଶ୍ୱର
୨୦ ଡିସେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 315
Bhubaneswar
20 December, 2024 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବିଶ୍ୱବ୍ୟାପୀ ୧୫୦୦ କୋଟି କମାଇଲା 'ପୁଷ୍ପା-୨'

# ସଂସଦ ପାଇଁ କଳା ଦିବସ

**ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ସଂପର୍କିତ ବୟାନକୁ ନେଇ ଗତକାଲି ବାକ୍ ଯୁଦ୍ଧ, ଆରୋପ ପ୍ରତ୍ୟାରୋପ, ବିକ୍ଷୋଭ ପ୍ରଦର୍ଶନ ପରେ ଆଜି ସଂସଦରେ ଏମିତି ଘଟଣା ଘଟିଛି ଯାହାକି ପୂର୍ବରୁ କେବେ ଘଟି ନଥିଲା। ଗଣତନ୍ତ୍ରର ମନ୍ଦିର ସଂସଦରେ ଆଜି ଧସ୍ତାଧସ୍ତି ହୋଇଛନ୍ତି। ବିଜେପି-କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ହୋଇଥିବାବେଳେ ଏଥିରେ ବିଜେପିର ଦୁଇ ଜଣ ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ମୁକେଶ ରାଜପୁତ ଆହତ ଆରଏମଏଲ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ପ୍ରତାପ ଷଡଙ୍ଗୀଙ୍କ ମୁଣ୍ଡରେ ୫ଟି ଷ୍ଟିଚ ପଡ଼ିଛି। ସେହିପରି ମୁକେଶ ରାଜପୁତ ମଧ୍ୟ ଅଚେତ ହୋଇପଡ଼ିଥିଲେ। ଏହାକୁ ନେଇ ଦେଶବ୍ୟାପୀ ରାଜନୈତିକ ହୁଲସ୍ଥୁଲ ଦେଖିବାକୁ ମିଳିଛି। ଉଭୟ ବିଜେପି ଓ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ଉଭୟ ପରସ୍ପର ପ୍ରତି ଦୋଷାରୋପ କରିଛନ୍ତି। ବିଜେପି ସିଧାସଳଖ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି। ସେହିପରି କଂଗ୍ରେସ ମଧ୍ୟ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ କରିଛି। ସଂସଦରେ ଘଟିଥିବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା କରାଯାଇଛି। ଆହତ ସାଂସଦ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ତାଙ୍କ ଉପରେ ପଡ଼ିଥିବା ଜଣେ ଏମପିଙ୍କୁ ଠେଲି ଦେଇଛନ୍ତି।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ସମ୍ପର୍କରେ ଦେଇଥିବା ବୟାନ ନେଇ ଆଜି ସଂସଦ ଗୃହ କମ୍ପ୍ଲେକ୍ସରେ କଂଗ୍ରେସ ଏକ ପଦଯାତ୍ରା କରିଥିଲା। ଏହାର ଜବାବରେ ଭାଜପା କଂଗ୍ରେସକୁ ମିଥ୍ୟା ରାଜନୀତି କରୁଛି ବୋଲି ଅଭିଯୋଗ କରିଥିଲା। ଏହି ସମୟରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ସହ ଅନ୍ୟ ସାଂସଦମାନେ ଗୃହ ଭିତରକୁ ପ୍ରବେଶ ପାଇଁ ଚେଷ୍ଟା କରିଥିଲେ। ଫଳରେ ଉଭୟ ଦଳର ଏମପିମାନେ ସଂସଦ ଗୃହର ମକର ଫାଟକରେ ମୁହାଁମୁହିଁ ହୋଇଥିଲେ। ଏପରିକି ଉଭୟଙ୍କ ମଧ୍ୟରେ ଝଗଡା, ଠେଲାପେଲା ମଧ୍ୟ ହୋଇଥିଲା। ଏହାରି ମଧ୍ୟରେ ପ୍ରତାପ ଷଡଙ୍ଗୀ ଓ ମୁକେଶ ରାଜପୁତ ସଂସଦ ଭବନ ସିଡ଼ିରୁ ପଡିଯାଇଥିଲେ। ଫଳରେ ଉଭୟଙ୍କ ମୁଣ୍ଡରେ ରକ୍ତସ୍ରାବ ହୋଇଥିଲା। ମୁକେଶ ରାଜପୁତ ଅଚେତ ହୋଇପଡିଥିଲେ। ଯେତେବେଳେ ପ୍ରତାପଙ୍କୁ ଘଟଣା ସଂପର୍କରେ ପଚରାଗଲା, ସେ କହିଥିଲେ ଯେ ରାହୁଲ ଗାନ୍ଧୀ ତାଙ୍କ ଉପରେ ପଡ଼ିଥିବା ଜଣେ ଏମପିଙ୍କୁ ଠେଲି ଦେଇଛନ୍ତି।



- ଆମ୍ବେଦକରଙ୍କୁ ନେଇ ସଂସଦ ବାହାରେ ବିଜେପି-କଂଗ୍ରେସ ମୁହାଁମୁହିଁ
- ଧସ୍ତାଧସ୍ତି, ଠେଲାପେଲାରେ ଦୁଇ ସାଂସଦ ଆହତ : ହସ୍ପିଟାଲରେ ଭର୍ତ୍ତି
- ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଠେଲିଦେବା ଅଭିଯୋଗ ଆଣିଲା ବିଜେପି
- କଂଗ୍ରେସର ପାଲଟା ଅଭିଯୋଗ : ଖଡ଼ଗେ ଓ ମହିଳା ସାଂସଦଙ୍କୁ ଆକ୍ରମଣ

ଏହା ପରେ ମୁଁ ତଳେ ପଡ଼ିଯାଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେତେବେଳେ ଶ୍ରୀ ଗାନ୍ଧୀ ଆସିଥିଲେ ସେତେବେଳେ ସେ ସିଡି ନିକଟରେ ଠିଆହୋଇଥିଲେ। ଉଭୟଙ୍କୁ ତୁରନ୍ତ ଆରଏମଏଲ ହସ୍ପିଟାଲକୁ ନିଆଯାଇଥିଲା। ଏହି ସମୟରେ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଅର୍ଜୁନ ରାମ ମେଘୱାଲ, ପୀୟୁଷ ଗୋୟଲ ଏବଂ ଅନ୍ୟ ଭାଜପା ନେତାମାନେ ହସ୍ପିଟାଲରେ ପହଞ୍ଚିଥିଲେ।

ଯେତେବେଳେ ଲୋକ ସଭାରେ ବିରୋଧୀ ଦଳର ନେତାଙ୍କୁ ଏହି ବିଷୟରେ ପଚରାଯାଇଥିଲା, ସେ କହିଥିଲେ ଯେ ଏହା ଆପଣଙ୍କ କ୍ୟାମେରାରେ ହୋଇଥାଇପାରେ। ମୁଁ ସଂସଦର ପ୍ରବେଶ ଦ୍ୱାରରୁ ଭିତରକୁ ଯିବାକୁ ଚେଷ୍ଟା କରୁଥିଲି। ଭାଜପା ଏମପିମାନେ ମୋତେ ଅଟକାଇବାକୁ, ଠେଲିଦେବାକୁ ଚେଷ୍ଟା କରୁଥିଲେ। ସେଥିପାଇଁ ଏହା ଘଟିଲା। ହଁ, ଏହା ଘଟିଛି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଠେଲି ଦିଆଯାଇଥିଲା। ପ୍ରିୟଙ୍କା ଗାନ୍ଧୀଙ୍କୁ ମଧ୍ୟ ଠେଲି ଦିଆଯାଇଥିଲା। ତଥାପି, ଠେଲିବା ଏବଂ ଟାଣିବା ଦ୍ୱାରା ଆମେ ପ୍ରଭାବିତ ହୋଇନଥିଲୁ। ଏହା ହେଉଛି ପ୍ରବେଶ ଏବଂ ଆମର ଭିତରକୁ ଯିବାର ଅଧିକାର ଅଛି। ଭାଜପା ଏମପିମାନେ ଆମକୁ ଭିତରକୁ ଯିବାକୁ ଅଟକାଇବାକୁ ଚେଷ୍ଟା କରୁଥିଲେ। ମୁଖ୍ୟ ପ୍ରସଙ୍ଗ ହେଉଛି ସେମାନେ ସମ୍ବିଧାନ ଉପରେ ଆକ୍ରମଣ କରୁଛନ୍ତି ଏବଂ ଆମ୍ବେଦକରଙ୍କ ସ୍ମୃତିକୁ ଅପମାନ କରୁଛନ୍ତି।

ଉଭୟ ସାଂସଦଙ୍କୁ ରାମମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କୁ ଏବେ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ଲୋହିଆ ହସ୍ପିଟାଲର ଡାକ୍ତର ଅଜୟ ଶୁକ୍ଳ କହିଛନ୍ତି ଯେ ଆମେ ଉଭୟ ସାଂସଦଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ସ୍ଥିର କରିବାକୁ ଉଦ୍ୟମ କରୁଛୁ। ସେମାନଙ୍କ ଲକ୍ଷଣର ଉପଚାର ଆରମ୍ଭ ହୋଇଯାଇଛି, କାରଣ ସେମାନଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏଣୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି ପ୍ରତାପ ଷଡ଼ଙ୍ଗୀଙ୍କ ଅଧିକ ରକ୍ତସ୍ରାବ ହେଉଥିଲା। ଏଣୁ ତାଙ୍କ ମୁଣ୍ଡରେ ଷ୍ଟିଚ୍ ପଡିଛି ମୁକେଶ ରାଜପୁତ ବେହୋସ ହୋଇଯାଇଥିଲେ, ଏବେ ତାଙ୍କର ଚେତା ଫେରିଲାଣି ହେଲେ ତାଙ୍କ ମୁଣ୍ଡ ବୁଲଉଛି।



## ଥାନାରେ ବିଜେପି, କଂଗ୍ରେସ

**ନୂଆଦିଲ୍ଲୀ, ୧୯।୧୨:** ସଂସଦରେ ଘଟିଥିବା ଖଣ୍ଡଯୁଦ୍ଧ ପରେ ମାମଲା ଏବେ ଥାନାକୁ ଯାଇଛି। ଉଭୟ ବିଜେପି ଓ କଂଗ୍ରେସ ପରସ୍ପର ବିରୋଧରେ ଥାନାରେ ମାମଲା ରୁଜୁ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କିଛି ବିଜେପି ନେତାଙ୍କ ସହିତ ଦିଲ୍ଲୀ ପୁଲିସରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ସଂସଦ ବାହାରେ ଥିବା ଷ୍ଟ୍ରିଟ୍ ପୁଲିସ ଷ୍ଟେସନ୍‌ରେ ପହଞ୍ଚି ଅଭିଯୋଗ ଦାୟର କରିଛନ୍ତି। ଠାକୁର ଏନେଇ ସେ କହିଛନ୍ତି ଆମେ ବିଏନଏସର ଧାରା ୧୦, ୧୧୫, ୧୧୭, ୧୨୫, ୧୩୧, ଏବଂ ୩୫୧ ଅନୁଯାୟୀ ଏକ ଅଭିଯୋଗ ଦାଖଲ କରିଛୁ। ଧାରା ୧୦୯ ହତ୍ୟା ଉଦ୍ୟମ, ଧାରା ୧୧୭ ଜାଣିଶୁଣି ଗଭୀର ଆଘାତ ପହଞ୍ଚାଇବା ଅଭିଯୋଗ ଲଗାଯାଇଛି। ବିଜେପି ଅଭିଯୋଗ କରିଛି ଯେ ମକର ଦ୍ୱାର ବାହାରେ ଏନଡିଏ ସାଂସଦଙ୍କ ବିରୋଧ କରୁଥିବା ସମୟରେ ରାହୁଲ ଗାନ୍ଧୀ ୬୯ ବର୍ଷୀୟ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଠେଲି ଦେଇଥିଲେ ଏଥିରେ ତାଙ୍କର ମୁଣ୍ଡ ଫାଟି ଯାଇଛି। ବିଜେପି ଅନୁଯାୟୀ ଷଡ଼ଙ୍ଗୀ ଏବଂ ଅନ୍ୟ ଜଣେ ବିଜେପି ସାଂସଦ ମୁକେଶ ରାଜପୁତ ଏହି ଘଟଣାରେ ଆହତ ହୋଇଛନ୍ତି। ମୁଣ୍ଡରେ ଆଘାତ ଲାଗି ଉଭୟଙ୍କୁ ରାମ ମନୋହର ଲୋହିଆ ହସ୍ପିଟାଲରେ ଆଇସିୟୁରେ ଭର୍ତ୍ତି କରାଯାଇଛି।



ଭାଜପାର ଅଭିଯୋଗ ଉପରେ ଦିଲ୍ଲୀ ପୋଲିସ ରାହୁଲଙ୍କ ବିରୋଧରେ ମାମଲା ରୁଜୁ କରିଛି। ସୂଚନାନୁସାରେ, ବିଏନଏସ ୧୧୭, ୧୨୫, ୧୩୧, ୩(୫) ଅଧୀନରେ କଂଗ୍ରେସ ନେତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି।

ଜବାବାରେ କଂଗ୍ରେସ ମଧ୍ୟ ଥାନାର ଦ୍ୱାରସ୍ଥ ହୋଇଛି। କିଛି ମହିଳା ସାଂସଦଙ୍କ ସହିତ କଂଗ୍ରେସ ସାଂସଦଙ୍କ ଏକ ପ୍ରତିନିଧୀ ଦଳ ଷ୍ଟ୍ରିଟ୍ ପୋଲିସ ଷ୍ଟେସନରେ ପାଲଟା ଅଭିଯୋଗ କରିଛି। ଏହି ଘଟଣା ପଛରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ ଏକ ଷଡଯନ୍ତ୍ର ଲୁଚି ରହିଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ଗତକାଲି ଜଣେ ଦଳିତ ନେତାଙ୍କୁ ଯେଉଁଭଳି ଭାବରେ ଦୁର୍ବ୍ୟବହାର କରାଯାଇଥିଲା ଏବଂ ଆଜି ତାଙ୍କୁ ଠେଲି ଦିଆଗଲା। ଏହା ଏକ ଷଡଯନ୍ତ୍ର ନିଶ୍ଚୟ ବୋଲି ଶ୍ରୀ ତିୱାରୀ କହିଛନ୍ତି।

## ମହିଳା ସାଂସଦଙ୍କ ଅଭିଯୋଗ

**ନୂଆଦିଲ୍ଲୀ, ୧୯।୧୨:** ରାଜ୍ୟ ସଭାରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ସରକାର ଗୁରୁତର ଅଭିଯୋଗ ଆଣିଛନ୍ତି ନାଗାଲାଣ୍ଡ ଭାଜପା ସଦସ୍ୟ ଫାଙ୍ଗନନ କୋନ୍ୟାକ। ଅଭିଯୋଗ କରିଛନ୍ତି ଯେ ଯେତେବେଳେ



ସେ ସଂସଦର ମକର ଫାଟକ ନିକଟରେ ଅନ୍ୟ ଏମ୍‌ପିଙ୍କ ସହ ବିରୋଧ କରୁଥିଲେ ସେତେବେଳେ ଲୋକ ସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ତାଙ୍କ ନିକଟକୁ ଆସିଥିଲେ ଆଉ ଚିଲାଇଥିଲେ।

ରାଜ୍ୟସଭା ସଭାପତି ଜଗଦୀପ ଧନଖଡ଼ଙ୍କୁ ନିଜର ଅଭିଯୋଗ ପତ୍ରରେ କୋନୟାକ ଲେଖିଛନ୍ତି, ମୁଁ ରାଜ୍ୟସଭା ସାଂସଦ ଏସ୍ ଫାଙ୍ଗନନ୍ କୋନୟାକ୍। ମାନ୍ୟବର ଡ. ବାବାସାହେବ ଆମ୍ବେଦକରଙ୍କ ଉପରେ କଂଗ୍ରେସ ପାର୍ଟି କରିଥିବା ଅତ୍ୟାଚାର ବିରୋଧରେ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲି । ମୁଁ ହାତରେ ପ୍ଲାକାର୍ଡ ଧରି ମକର ଦ୍ୱାରର ସିଡି ତଳେ ଠିଆ ହୋଇଥିଲି । ସୁରକ୍ଷା କର୍ମୀମାନେ ଅନ୍ୟ ଦଳର ମାନ୍ୟବର ସାଂସଦଙ୍କ ପ୍ରବେଶ ପାଇଁ ପ୍ରବେଶ ପଥରେ ରାସ୍ତା ପ୍ରସ୍ତୁତ କରିଥିଲେ। ହଠାତ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦଳର ଅନ୍ୟ ସଦସ୍ୟଙ୍କ ସହ ମୋ ସାମ୍ନାକୁ ଆସିଥିଲେ, ଯଦିଓ ସେମାନଙ୍କ ପାଇଁ ରାସ୍ତା ଖୋଲିଯାଇଥିଲା। ସେମାନେ ମୋତେ ଉଚ୍ଚ ସ୍ୱରରେ ଗାଳିଗୁଲଜ କରିଥିଲେ ଏବଂ ସେ ଏତେ ନିକଟକୁ ଆସିଥିଲେ ଯେ ମୁଁ ଜଣେ ମହିଳା ସଦସ୍ୟ ହୋଇ ଅତ୍ୟନ୍ତ ଅସହଜ ଅନୁଭବ କଲି ମୁଁ ଗୋଟିଏ ପଟକୁ ଘୁଞ୍ଚିଗଲି, କିନ୍ତୁ ମୁଁ ଅନୁଭବ କଲି ଯେ କୌଣସି ସଂସଦ ସଦସ୍ୟ ଏପରି ଆଚରଣ କରିବା ଉଚିତ ନୁହେଁ।

# ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ ଓଡ଼ିଶା ସାଂସଦ

**ନୂଆଦିଲ୍ଲୀ, ୧୯।୧୨ (ମହାଭାରତ):** ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରାହୁଲ ଗାନ୍ଧୀ ଧକ୍କା ମାରିବା ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ପ୍ରତାପଙ୍କ ଆଖି ପାଖରେ ଆଘାତ ଲାଗିଥିବା ବେଳେ ସେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହାପରେ ଓଡ଼ିଶା ସାଂସଦମାନେ ହସ୍ପିଟାଲରେ ଭେଟିବା ସହ ଘଟଣାକୁ ନିନ୍ଦା କରିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହ ଏଭଳି ଭୁଲ ପାଇଁ ରାହୁଲ ଗାନ୍ଧୀଙ୍କୁ କ୍ଷମା ମାଗିବା ପାଇଁ ସେ ଦାବି କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସାମନ୍ତବାଦୀ ଚିନ୍ତାଧାରାରେ ଗ୍ରସିତ ରାହୁଲ ଗାନ୍ଧି ଅସହାୟତାର ସୀମା ଅତିକ୍ରମ କରିଛନ୍ତି। ଯେଉଁମାନେ ମିଛ ଭଲ ପାଇବାର ବାର୍ତ୍ତା ବାଣ୍ଟୁଛନ୍ତି, ସମ୍ବିଧାନର କଥା କହୁଛନ୍ତି, ବି ଆର୍.ଆମ୍ବେଦକରଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ସେମାନଙ୍କର ଗୁଣ୍ଡାଗିରି ଏବଂ ଅସଲ ଚେହେରା ସାମ୍ନାକୁ ଆସିଛି। 'ଗଣତନ୍ତ୍ରର ମନ୍ଦିର'ରେ ଶାରୀରିକ ନିର୍ଯାତନା ଏବଂ ଧମକର କୌଣସି ସ୍ଥାନ ନାହିଁ। ସଂସଦୀୟ ଶାଳୀନତା ପ୍ରତି ଏଭଳି ଘୃଣା ; ବିରୋଧୀ ଦଳ ପାଇଁ ଠିକ୍ ନୁହେଁ।

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଡାକ୍ତରଖାନାରେ ଯାଇ ତାଙ୍କୁ ଭେଟିଛନ୍ତି। ମେଡିକାଲରୁ ବାହାରି ଅପରାଜିତା ଗଣମାଧ୍ୟମକୁ ସୂଚନା କହିଛନ୍ତି ପ୍ରତାପ ଷଡ଼ଙ୍ଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ, ସେ ଏବେ ହସପିଟାଲରେ ଅଛନ୍ତି। ଭଗବାନ ତାଙ୍କୁ ଭଲ କରିଦିଅନ୍ତୁ। ତେବେ ରାହୁଲଙ୍କ ଏପରି ବ୍ୟବହାର ପରେ ଭାଜପା ସାଂସଦମାନେ ଘଟଣାକୁ ନିନ୍ଦା କରିବା ସହିତ ପାର୍ଲିଆମେଣ୍ଟ ଆଗରେ ବସି ପ୍ରତିବାଦ କରିଛନ୍ତି। ଏହି ଅବସରରେ ଅପରାଜିତା ମଧ୍ୟ ଏଥିରେ ସାମିଲ ହୋଇ ପାର୍ଲିଆମେଣ୍ଟ ଆଗରେ ବସି କଡା ଭାଷାରେ ପ୍ରତିକ୍ରିୟା କରି କଂଗ୍ରେସ ଦଳକୁ ସମାଲୋଚନା କରିଛନ୍ତି।



କେନ୍ଦୁଝରର ଏମ୍‌ପି ଅନନ୍ତ ନାୟକ ଶ୍ରୀ ଷଡ଼ଙ୍ଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ପ୍ରତାପଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହ ମଧ୍ୟ ସେ ଆଲୋଚନା କରିଛନ୍ତି ନାୟକ। ନନା ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ବୋଲି ମା ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହି ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯେଭଳି ଭାବେ ଅତ୍ୟନ୍ତ ଅଶାଳୀନ ଓ ଦାୟିତ୍ୱହୀନ ବ୍ୟବହାର କରିଛନ୍ତି।ତାକୁ ମୁଁ କଡ଼ା ଶବ୍ଦରେ ନିନ୍ଦା କରୁଛି। ଆଜି ରାହୁଲ ଗାନ୍ଧୀ ତାଙ୍କର ଅଶାଳୀନ ବ୍ୟବହାରର ସମସ୍ତ ସୀମାକୁ ଉଲ୍ଲଂଘନ କରି ଯାଇଛନ୍ତି ଓ ଗଣତନ୍ତ୍ରର ପବିତ୍ରର ମନ୍ଦିରର ଗରିମାକୁ କ୍ଷୁଣ୍ଣ କରିଛନ୍ତି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ରାହୁଲ ଏହି ପ୍ରସଙ୍ଗରେ ସାର୍ବଜନୀନ ଭାବେ କ୍ଷମା ପ୍ରାର୍ଥନା କରିବାକୁ ସେ ଦାବି କରିଛନ୍ତି।

ଢେଙ୍କାନାଳ ବିଜେପି ସାଂସଦ ରୁଦ୍ର ନାରାୟଣ ପାଣି କହିଛନ୍ତି କଂଗ୍ରେସର ଏଭଳି ଅଭଦ୍ରାମୀ ବିନାଶ କାଳେ ବିପରୀତ ବୁଦ୍ଧି ଭଳି କଂଗ୍ରେସର ଅବସ୍ଥା ଆହୁରି ଦୟନୀୟ ହେବ। ଏହା ରାହୁଲ ଗାନ୍ଧୀଙ୍କ ମୂର୍ଖାମୀ। ନିରାଶ ହୋଇ କଂଗ୍ରେସ ଏବେ୍ ଗୁଣ୍ଡାଗର୍ଦ୍ଦି କରୁଛି। ରାହୁଲ ପୂର୍ବତନ ମନ୍ତ୍ରୀଙ୍କୁ ଜାଣିଛନ୍ତି। ସେ ଏଭଳି କରିବା ନିନ୍ଦନୀୟ ବୋଲି ରୁଦ୍ର ପାଣି କହିଛନ୍ତି।ଏନେଇ ଆମେ ଦୃଢ଼କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କ ନିକଟରେ ଦାବି କରିବୁ ବୋଲି ରୁଦ୍ର ପାଣି କହିଛନ୍ତି।

କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନ ତଥା ଅହଂକାରୀ ଆଚରଣକୁ ମୁଁ ଦୃଢ଼ ନିନ୍ଦା କରୁଛି। ବିରୋଧୀଦଳର ନେତାଙ୍କ ଏପରି ଆଚରଣ ଆଶ୍ଚର୍ଯ୍ୟଜନକ ଏବଂ ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ ମୋର ସଂସଦ ସହକର୍ମୀଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।

# ୫ ଆତଙ୍କବାଦୀ ନିପାତ୍

**ଶ୍ରୀନଗର, ୧୮।୧୨ (ମହାଭାରତ):** ଆଜି ସକାଳେ ଜମ୍ମୁ-କଶ୍ମୀରର କୁଲଗାମ ଜିଲ୍ଲାରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହେବା ପରେ ପାଞ୍ଚ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିସହିତ ବେଳେ ଦୁଇ ସେନିକ ମଧ୍ୟ ଆହତ ହୋଇଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

ବୁଧବାର ରାତିରେ ଜିଲ୍ଲାର ବେହବାଗ ଅଞ୍ଚଳରେ କଦେର ଠାରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁପ୍ତ ସୂଚନା ପାଇବା ପରେ ସୁରକ୍ଷା ବାହିନୀ ଏକ କର୍ଡନ ଏବଂ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ତେବେ ଆତଙ୍କବାଦୀମାନେ ଏହି ସମୟରେ ସୁରକ୍ଷା ବାହିନୀ ଉପରେ ଗୁଳି ଚଳାଇବା ଯୁଦ୍ଧ ପରିସ୍ଥିତି ଉପୁଜୁଥିଲା। ଏକ୍ସରେ ଏକ ପୋଷ୍ଟ କରି ସେନାର ଚିନାର କର୍ପସ୍ ପକ୍ଷରୁ କୁହାଯାଇଛି ଯେ ''ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଏକ ଗୁପ୍ତ ତଥ୍ୟକୁ ଆଧାର କରି ଡିସେମ୍ବର ୧୯ ତାରିଖରେ କୁଲଗାମର କଦେର ଠାରେ ଭାରତୀୟ ସେନା ଏବଂ ଜମ୍ମୁ-କଶ୍ମୀର ପୁଲିସ ଦ୍ୱାରା ମିଳିତ ଅପରେସନ ଆରମ୍ଭ କରାଯାଇଥିଲା।

## ଶାହାଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ



**ନୂଆଦିଲ୍ଲୀ, ୧୯।୧୨ (ପିଆଇବି):** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଜାମ୍ମୁ-କାଶ୍ମୀରର ସୁରକ୍ଷା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ, ନିର୍ଦ୍ଦେଶକ (ଆଇବି), ଆରଏଡବ୍ଲୁ ମୁଖ୍ୟ, ସେନା ମୁଖ୍ୟ, ଜିଓସି-ଇନ୍-ସି (ଉତ୍ତର କମାଣ୍ଡ), ଡିଜିଏମଓ, ଜାମ୍ମୁ-କାଶ୍ମୀରର ମୁଖ୍ୟ ଶାସନ ସଚିବ ଓ ଡିଜିପି, କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳଗୁଡ଼ିକର ମୁଖ୍ୟ ଏବଂ ଗୃହ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଉଦବୋଧନ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ, ଆତଙ୍କବାଦ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୂନ୍ୟ ସହନଶୀଳତା ନୀତି ଅନୁରୂପ, ଆମେ ଯଥାଶୀଘ୍ର ଆତଙ୍କ ମୁକ୍ତ ଜାମ୍ମୁ-କାଶ୍ମୀର ଲକ୍ଷ୍ୟ ହାସଲ କରିବୁ ଏବଂ ଏଥିପାଇଁ ସବୁପ୍ରକାର ସମ୍ବଳ ଯୋଗାଇ ଦିଆଯିବ। ସମସ୍ତ ସୁରକ୍ଷା ବାହିନୀର ମିଳିତ ପ୍ରୟାସ ଦ୍ୱାରା ମୋଦୀ ସରକାର ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତିବଦ୍ଧ। ଅମିତ ଶାହ କହିଥିଲେ ଯେ, ଜାମ୍ମୁ ଓ କାଶ୍ମୀର ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଜନସାଧାରଣଙ୍କ ଅଭୂତପୂର୍ବ ଅଂଶଗ୍ରହଣ ଗଣତନ୍ତ୍ର ଉପରେ ସେମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସକୁ ଦର୍ଶାଉଛି। ଆତଙ୍କବାଦ ଘଟଣା, ଅନୁପ୍ରବେଶ ଏବଂ ଆତଙ୍କବାଦୀ ସଂଗଠନରେ ଯୁବବର୍ଗଙ୍କୁ ସାମିଲ କରିବା ଘଟଣାରେ ଉଲ୍ଲେଖନୀୟ ହ୍ରାସ ପାଇଁ କେନ୍ଦ୍ର ସୁରକ୍ଷା ସଂସ୍ଥାଗୁଡ଼ିକର ପ୍ରୟାସକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରଶଂସା କରିଛନ୍ତି।

# ଶିମିଳିପାଳରେ ବାଘ ଜଗିବେ ସଶସ୍ତ୍ରବଳ

**ଭୁବନେଶ୍ୱର, ୧୯।୧୨ (ମହାଭାରତ):** ମୟୂରଭଞ୍ଜ ଜିଲାର ଶିମିଳିପାଳ ଟାଇଗର ରିଜର୍ଭରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି ସରକାର। ଶିକାର ତଥା ବନ୍ୟଜନ୍ତୁ ଅପରାଧରୁ ଏହି ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ଏକ ୧୩୧ ସଦସ୍ୟ ବିଶିଷ୍ଟ ସଶସ୍ତ୍ର ପୋଲିସ କମ୍ପାନୀ ନିୟୋଜିତ ହେବ। ମୟୂରଭଞ୍ଜ ଏସପି ଏହି ୟୁନିଟ୍ ର ନେତୃତ୍ୱ ନେବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଦ୍ୱାରା ଆକାଉଣ୍ଟାଣ୍ଟ ଜେନେରାଲ୍ (ଏ ଆଣ୍ଡ ଇ) ଏବଂ (ଅଡିଟ୍) କୁ ଦିଆଯାଇଥିବା ବିଜ୍ଞପ୍ତି ମାଧ୍ୟମରେ ଏହି ଘୋଷଣା କରାଯାଇଛି। ମୟୂରଭଞ୍ଜରେ ମୁଖ୍ୟାଳୟ ଥିବା ଏହି କମ୍ପାନୀରେ ୮୭ ସିପାହୀ, ୩୦ ହାଭିଲଦାର, ତିନି ଡ୍ରାଇଭର



ହାଭିଲଦାର, ତିନି ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ସଶସ୍ତ୍ର), ତିନି ସବ୍-ଇନ୍ସପେକ୍ଟର (ସଶସ୍ତ୍ର), ଜଣେ ଇନ୍ସପେକ୍ଟର (ସଶସ୍ତ୍ର), ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ (ସଶସ୍ତ୍ର) ସାମିଲ ହେବେୟ ଏବଂ ତିନୋଟି ଡ୍ରାଇଭର ସାମିଲ ରହିବେ।ଏହି ପଦକ୍ଷେପକୁ ଏହା ପ୍ରଥମ ବୋଲି କୁହାଯାଉଛି ଯେଉଁଠାରେ ବନ୍ୟଜନ୍ତୁ ଅଭୟାରଣ୍ୟର ସୁରକ୍ଷା ପାଇଁ ଏକ ସଶସ୍ତ୍ର ପୋଲିସ କମ୍ପାନୀ ନିୟୋଜିତ କରାଯାଉଛି। ପ୍ରକାଶ ପାଇଥିବା ଚିଠା ଅନୁଯାୟୀ, ଓଡ଼ିଶା ସଂରକ୍ଷଣ ସ୍ଥାନ (ଓଆରଭି) ଅଧିନିୟମ ଅନୁଯାୟୀ ନୂତନ ସୃଷ୍ଟି ହୋଇଥିବା ପଦବୀ ପୂରଣ ହେବ ଏବଂ ଏହି ଉତ୍ସର୍ଗୀକୃତ ବଳ ପାଇଁ ସମସ୍ତ ଖର୍ଚ୍ଚ ଜଙ୍ଗଲ ଏବଂ ପରିବେଶ ବିଭାଗ ବହନ କରିବୟ ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅଧିକ ସ୍ପଷ୍ଟୀକରଣ ପରେ ଏହି ନିଷ୍ପତ୍ତି ନିଆଯାଇଛି।

ମିଳିତ ଟାସ୍କ ଫୋର୍ସର ନିୟୋଜନ ପାଇଁ ମୟୂରଭଞ୍ଜ ଜିଲାର ବିଭିନ୍ନ ବର୍ଗର ୧୩୧ ଟି ପଦବୀ ସୃଷ୍ଟି କରି ସଶସ୍ତ୍ର ପୋଲିସ ରିଜର୍ଭ (ଏପିଆର) ଫୋର୍ସର ଏକ ଉତ୍ସର୍ଗୀକୃତ କମ୍ପାନୀ ଗଠନ ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ଜଣାଇବାକୁ ମୋତେ ନିର୍ଦ୍ଦେଶ ଦିଆଯାଇଛି। ମୟୂରଭଞ୍ଜର ଶିମିଳିପାଳ ଟାଇଗର ରିଜର୍ଭରେ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ବିଭାଗ ସମ୍ବାଦଦାତା କହିଛନ୍ତି। ରିପୋର୍ଟ ଅନୁଯାୟୀ, ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଏବଂ ମିଳିତ ଟାସ୍କ ଫୋର୍ସ (ଜେଟିଏଫ) ସହିତ ୟୁନିଟ୍ର ଅପରେସନ୍ ୟୁନିଟ୍ ପରାମର୍ଶରେ ରହିବ। ଗତ କିଛି ମାସ ମଧ୍ୟରେ ଉକ୍ତ ଅଞ୍ଚଳରେ ଜଙ୍ଗଲ କର୍ମଚାରୀଙ୍କ ଉପରେ ଆକ୍ରମଣ ତଥା ଆକ୍ରମଣ ଘଟଣାରେ ଏହି ପଦକ୍ଷେପ ନିଆଯାଇଛି।

## ମହାକାଶରେ ରହିବେ ସୁନିତା

**ୱାଶିଂଟନ୍‌ଡିସି, ୧୯।୧୨ (ମହାଭାରତ):** ମହାକାଶ ଗବେଷଣା କ୍ଷେତ୍ରରେ ଆଉ ଏକ ବଡ଼ ଅପଡେଟ ଖବର ସାମ୍ନାକୁ ଆସିଛି। ମହାକାଶ ଯାତ୍ରା କରିଥିବା ସୁନିତା ୱିଲିୟମ୍ସ ଓ ବୁଚ୍ ୱିଲମୋର ବର୍ତ୍ତମାନ ଇଣ୍ଟରନ୍ୟାସ୍‌ନାଲ ସ୍ପେସ ଷ୍ଟେସନରୁ ଫେରିବେ ନାହିଁ। ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ସେମାନେ ସେଠି ରହିବେ ବୋଲି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା କହିଛି। ଏହା ପୂର୍ବରୁ ସେମାନେ ଫେବ୍ରୁଆରୀ ମାସରେ ଆସିବେ ବୋଲି ନାସା କହିଥିଲେ। ହେଲେ ଏହାକୁ ପୁଣି ଆଉ ଏକ ମାସ ବଢ଼ାଇ ଦେଇଛି ନାସା। ପ୍ରଥମେ ୮ ଦିନିଆ ମାହାକାଶ ଗବେଷଣା ଯୋଜନା ରଖି ନାସା ସୁନିତା ୱିଲିୟମ୍ସ ଓ ବୁଚ ୱିଲମୋରଙ୍କୁ ମହାକାଶକୁ ପଠାଇଥିଲା। ହେଲେ ଏହି ବୈଜ୍ଞାନିକ ଯାତ୍ରାକୁ ୮ ଦିନରୁ ୯ ମାସକୁ ବଢ଼ାଇ ଦିଆଯାଇଛି।

# ନିର୍ମାଣ ହେବ ୧୧୦ ରୋଡ୍ ଓଭର ବ୍ରିଜ୍

**ଭୁବନେଶ୍ୱର, ୧୯।୧୨ (ମହାଭାରତ):** ଭିତ୍ତିଭୂମି ତଥା ଜନସାଧାରଣଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ (ଇକୋର) ପରମେଶ୍ୱର ଫୁଙ୍କୱାଲ ରେଳବାଇ (ସଂଶୋଧନ) ଅଧିନିୟମ ୨୦୦୮ ଅନୁଯାୟୀ ୧୭୦ ଗୋଟି ରୋଡ୍ ଓଭର ବ୍ରିଜ୍ ନିର୍ମାଣ ପ୍ରକଳ୍ପକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଘୋଷଣା କରିବାକୁ ଅନୁମୋଦନ କରିଛନ୍ତି ।



ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ଥିର ହୋଇଛି, ଯାହା ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାରେ ଏବଂ ଶୀଘ୍ର ଅନୁମୋଦନକୁ ସକ୍ଷମ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପଗୁଡିକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଡିଜାଇନ୍ କରି, ପୂର୍ବତଟ ରେଳପଥ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ସୁଗମ ସମନ୍ୱୟକୁ ସୁଗମ କରିବା, ଠିକ୍ ସମୟରେ ସମାପ୍ତି ସୁନିଶ୍ଚିତ କରିବା ଏବଂ ସାମଗ୍ରିକ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି।

୧୭୦ ଗୋଟି ପ୍ରକଳ୍ପ ମଧ୍ୟରୁ ୧୧୦ ଗୋଟି ପ୍ରକଳ୍ପ ଓଡିଶାରେ ଥିବାବେଳେ ୬୦ ଗୋଟି ପ୍ରକଳ୍ପ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ। ଏହି ରୋଡ୍ ଓଭର ବ୍ରିଜ୍ ଆରଓବି ଗୁଡିକ କେବଳ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବ ନାହିଁ ବରଂ ଉଭୟ ସଡକ ଏବଂ ରେଳ ବ୍ୟବହାରକାରୀଙ୍କ ସୁରକ୍ଷା ଏବଂ ସୁବିଧାକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ। ମାନବ ରହିତ ଲେଭଲ କ୍ରସିଂଗୁଡିକ ବିଲୋପ କରିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ହ୍ରାସ ପାଇବ, ଟ୍ରାଫିକ୍ ପ୍ରବାହକୁ ସୁଗମ କରିବାରେ ସହାୟକ ହେବ ଏବଂ ଟ୍ରେନ୍ ଚଳାଚଳର ଉନ୍ନତ ଗତିଶୀଳତା ପାଇଁ ଅନୁମତି ଦିଆଯିବ । ଏହି ପ୍ରକଳ୍ପଗୁଡିକ ଲେଭଲ୍ କ୍ରସିଂ ଗେଟ୍ ଗୁଡିକରେ ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରି ସମଗ୍ର ଅଞ୍ଚଳରେ ନିରନ୍ତର ସଂଯୋଗକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଜନସାଧାରଙ୍କ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେଇ, ୧୭୦ ଗୋଟି ରୋଡ୍ ଓଭର ବ୍ରିଜ୍ ଆରଓବି ପ୍ରକଳ୍ପ ଜନସାଧାରଣଙ୍କ କଲ୍ୟାଣକୁ ବୃଦ୍ଧି କରାଇବା ସହିତ ପରିବହନ ବ୍ୟବସ୍ଥାର ବିସ୍ତାର ଏବଂ ଆଧୁନିକୀକରଣର ଜାତୀୟ ଲକ୍ଷ୍ୟ ସହିତ ସମକକ୍ଷ ହେବ। ପୂର୍ବତଟ ରେଳପଥ ଆଞ୍ଚଳିକ ବିକାଶରେ ସହାୟକ ହେଉଥିବା ତଥା ଉଭୟ ସଡକ ଏବଂ ରେଳ ବ୍ୟବହାରକାରୀଙ୍କ ବୃଦ୍ଧି ପାଉଥିବା ଭିତ୍ତିଭୂମି ଆବଶ୍ୟକତାକୁ ସମାଧାନ କରିବାରେ ଉତ୍ସର୍ଗୀକୃତ ହୋଇ ରହିଥାଏ।

## ସଂସଦ ଘଟଣାକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୧୨ (ମହାଭାରତ):** ସାଂସଦ ପ୍ରତାପ ଷଡ଼ଙ୍ଗୀ ସଂସଦ ସିଡ଼ିରୁ ପଡ଼ି ଆହତ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିନ୍ଦା କରିଛନ୍ତି। ସେ ସୋସିଆଲ ମିଡିଆ। ଏକ୍ସରେ କହିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦାୟିତତ୍ୱହୀନ ତଥା ଆପତ୍ତିଜନକ ଆଚରଣକୁ ମୁଁ ଦୃଢ଼ ନିନ୍ଦା କରୁଛି। ରାହୁଲଙ୍କର ଏଭଳି ଆଚରଣ ଯୋଗୁ ଆମ ଦଳର ବରିଷ୍ଠ ଦଳର ନେତା ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଆହତ ହୋଇଛନ୍ତି। ରାହୁଲ ଗାନ୍ଧୀଙ୍କ ଏଭଳି କାର୍ଯ୍ୟ କେବେ ଗ୍ରହଣୀୟ ନୁହେଁ। ଏହା ଗଣତନ୍ତ୍ରର ପବିତ୍ର ଗୃହ ପ୍ରତି ଅପମାନ। ମୁଁ ତାଙ୍କର ଶୀଘ୍ର ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରୁଛି। ସଂସଦରେ ଏପରି କାର୍ଯ୍ୟକୁ ମୁଁ ଦୃଢ଼ ନିନ୍ଦା କରୁଛି। ଗଣତନ୍ତ୍ରରେ ଏହି ପ୍ରକାର ହିଂସା ପାଇଁ କୌଣସି ସ୍ଥାନ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସ୍ୱାସ୍ଥ୍ୟ ପାଇଁ ଉପକାରୀ ଗରମ ମସଲା



ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ଗରମ ମସଲାର ବ୍ୟବହାର କରାଯାଇଥାଏ । ଏହା କେବଳ ଖାଦ୍ୟର ସ୍ୱାଦକୁ ବଢାଇନଥାଏ, ସ୍ୱାସ୍ଥ୍ୟକୁ ଲାଭ ମଧ୍ୟ ପହଞ୍ଚାଇଥାଏ । ୧୦ରୁ ଅଧିକ ମସଲା, ଯେପରିକି ଡାଲଚିନି, ତେଜପତ୍ର, ଲବଙ୍ଗ, ଗୁଜୁରାତି, ହଳଦୀ, ଜୀରା, ଧନିଆ, ଗୋଲମରିଚକୁ ଗ୍ରାଇଣ୍ଡିଂ କରି ମସଲା ପ୍ରସ୍ତୁତ କରାଯାଉଥିବାରୁ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ତେବେ ଆସନ୍ତୁ ଜାଣିବା,ଗରମ ମସଲା ଖାଇଲେ କେଉଁସବୁ ଲାଭ ମିଳିଥାଏ ।

୧- ଗରମ ମସଲା ଖାଇଲେ ପାଚନ କ୍ରିୟା ଠିକ୍ ରହିଥାଏ । ତେଣୁ କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

୨- ଏହାକୁ ଖାଇଲେ ଶରୀରରେ ୱେଟ୍ ବର୍ଣ୍ଣ ହୋଇଥାଏ । ଗବେଷଣା ଅନୁସାରେ ଏଥିରେ ଫାଇବର ଥିବାରୁ ଓଜନ ହ୍ରାସ ହୋଇଥାଏ ।

୩- ଯେଉଁମାନଙ୍କୁ ଭୋକ କମ୍ ହେଉଛି,ସେମାନେ ଗରମ ମସଲା ଖାଆନ୍ତୁ । ଏହାଦ୍ୱାରା ପେଟରେ ପାଚନ ରସ ବଢିଥାଏ । ଗରମ ମସଲାରେ ଲବଙ୍ଗ, ଜୀରା ରହିଥିବାରୁ ଏସିଡିଟି କମ୍ ହୋଇଥାଏ ।

୪- ଶରୀରରେ ମେଟା ବୋଲିଜିମ୍ ବଢିଲେ ଓଜନ କମ୍ ହେବ । କେବଳ ଏତିକି ନୁହେଁ, ମେଟାବୋଲିଜିମ୍ ସୁସ୍ଥ ରହିଲେ,ଶରୀରକୁ ଶକ୍ତି ମିଳିଥାଏ । ଗରମ ମସଲାରେ ଗୋଲମରିଚ ମେଟାବୋଲିଜିମକୁ ସୁସ୍ଥ ରଖିଥାଏ ।

୫- ଗରମ ମସଲାରେ ଥିବା ଜୀରା ଏକ ଆଣ୍ଟି-ଡାଇବେଟିକ୍ ଏଜେଣ୍ଟ । ଏହା ଡାଇବେଟିସର ଲକ୍ଷଣକୁ କମ୍ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ ।

୬- ଜୀରା, ଡାଲଚିନି ଓ ଗୋଲମରିଚରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଆଣ୍ଟି-ଇନଫ୍ଲାମେଣ୍ଟାରୀ ଗୁଣ ରହିଛି । ତେଣୁ ଏହା ହାର୍ଟକୁ ସୁସ୍ଥ ରଖିଥାଏ । ମନେରଖନ୍ତୁ ଆବଶ୍ୟକତାଠାରୁ ଅଧିକ ଗରମ ମସଲା ଖାଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ।

## ସୁନ୍ଦର ତ୍ୱଚା ଓ କେଶ ପାଇଁ

କମଳା ଖାଇବାକୁ ଯେପରି ସୁଆଦିଆ ଓ ସ୍ୱାସ୍ଥ୍ୟ ପାଇଁ ହିତକାରକ, ସେଭଳି ଏହାର ଚୋପାର ଫେସ ପ୍ୟାକ ମଧ୍ୟ ତ୍ୱଚା ପାଇଁ ଖୁବ ଉପକାରୀ ।

- ପ୍ରଥମେ କମଳାର ଚୋପାକୁ ଭଲ ଭାବେ ଖରାରେ ଶୁଖାଇ ଦିଅନ୍ତୁ । ଭଲ ଭାବେ ଶୁଖାଇବା ପରେ ଏହାକୁ ପେଷି ଦିଅନ୍ତୁ । ପେଷିବା ପରେ ଏହି କମଳା ଚୋପା ଗୁଣ୍ଡରେ ହଳଦୀ ଗୁଣ୍ଡ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ ।
- ଭଲ ଭାବେ ମିଶାଇବା ପରେ ଏଥିରେ ଗୋଲାପ ଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ।
- ଏହି ପେଷ୍ଟକୁ ମୁହଁରେ ଲଗାଇ କିଛି ସମୟ ରଖି ଦିଅନ୍ତୁ । ଶୁଖିବା ପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ ।
- ସପ୍ତାହକୁ ଥରେ ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରି ପାରିବେ ।

କେଶ ଝଡ଼ିବାକୁ ରୋକିବା ପାଇଁ:

ପାନର ପତ୍ରକୁ ବ୍ୟବହାର କରି ଏହି ସମସ୍ୟାକୁ ଦୂର କରିହେବ । ଏଥିପାଇଁ ସର୍ବପ୍ରଥମେ ପାନ ପତ୍ରକୁ ପେଷି ଦିଅନ୍ତୁ । ଏହାପରେ ସେହି ପେଷ୍ଟରେ ରାଶି କିମ୍ବା ନଡ଼ିଆ ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ । ଏକ ଘଣ୍ଟା ରଖିବା ପରେ ମୁଣ୍ଡ ସଫା କରି ଦିଅନ୍ତୁ ।



ପାନ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି । ଯାହା ମୁହଁର ଦାଗ ଦୂର କରିଥାଏ । ଗୋଟିଏ କିମ୍ବା ଦୁଇଟି ପାନ ପତ୍ରକୁ ଭିଜାଇ କିଛି ସମୟ ରଖନ୍ତୁ । ଏହାପରେ ଏହାକୁ ପେଷି ଦିଅନ୍ତୁ । ଏହି ପେଷ୍ଟରେ ହଳଦୀ ମିଶାନ୍ତୁ । ଏହାକୁ ମୁହଁରେ ଲଗାନ୍ତୁ । ଦିନକୁ ୨ଥର ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ । ଗାଧୋଇବା ପୂର୍ବରୁ ପାନ ପତ୍ରରେ ପ୍ରସ୍ତୁତ ତେଲ ଲଗାନ୍ତୁ । ଏହାକୁ ଲଗାଇଲେ ଶରୀରର ଦୁର୍ଗନ୍ଧ ଦୂର ହୋଇଥାଏ ।

## ଘରେ ଲଗାନ୍ତୁ ୭ଟି ଦୌଡୁଥିବା ଧଳା ଘୋଡାର ଫଟୋ, ମିଳିବ ସଫଳତା



ଅନେକ ଥର, ବହୁତ ପରିଶ୍ରମ କରିବା ପରେ ମଧ୍ୟ ସଠିକ୍ ଫଳ ମିଳିନଥାଏ । ଏହା ପଛର କାରଣ ଘରର ବାସ୍ତୁ ଦୋଷ ହୋଇଥାଏ । ଏହି କାରଣରୁ, ସଫଳତା ଏବଂ ପ୍ରଗତିର ପଥରେ ବାଧା ଆସିବା ସହିତ ଘରେ ଚିନ୍ତା ବୃଦ୍ଧି ପାଇବାରେ ଲାଗିଥାଏ । କିନ୍ତୁ ଆପଣ ଏହାକୁ ଅତି ସରଳ ଉପାୟରେ ଠିକ୍ କରିପାରିବେ । ବାସ୍ତୁ ଶାସ୍ତ୍ରରେ ୭ ଅଙ୍କ ବିଶିଷ୍ଟ ଧଳା ଘୋଡାମାନଙ୍କର ବିଶେଷ ଗୁରୁତ୍ୱ ରହିଛି । ତେଣୁ, ଘରେ ସାତ ଅଙ୍କ ବିଶିଷ୍ଟ ଧଳା ଘୋଡାର ଫଟୋ ଲଗାଇବା ଦ୍ୱାରା, ବାସ୍ତୁ ତ୍ରୁଟି ଦୂର ହେବା ସହିତ ଜୀବନର ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ । ତେବେ ଆସନ୍ତୁ ଜାଣିବା ଏହା ବିଷୟରେ ବିସ୍ତୃତ ଭାବରେ

ବାସ୍ତୁରେ ୭ ଅଙ୍କର ମହତ୍ତ୍ୱ :ବାସ୍ତୁ ଶାସ୍ତ୍ରରେ ୭ ଅଙ୍କକୁ ବହୁତ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ ଶୁଭର ପ୍ରତୀକ ଏବଂ ଫଳପ୍ରଦ ଭାବରେ ବିବେଚନା କରାଯାଏ । ଏଥି ସହିତ, ୭ ର ସଂଖ୍ୟା ମଧ୍ୟ ସପ୍ତ ଋଷି, ଇନ୍ଦ୍ର ଧନୁର ସାତୋଟି ରଙ୍ଗ, ସାତ ଘେରା ବୁଲିବା ଇତ୍ୟାଦି ସହିତ ଜଡିତ । ତେଣୁ ଏହାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ତେବେ ଚଳନ୍ତୁ ଜାଣିବା ସାତଟି ଧଳା ଘୋଡାର ଫଟୋ ରଖିବାର ଫାଇଦା



ସଫଳତା ଏବଂ ପ୍ରଗତି ଆଣିଥାଏ : ବାସ୍ତୁ ଅନୁଯାୟୀ, ଦୌଡୁଥିବା ଘୋଡା ସଫଳତା, ଗତି ଏବଂ ଶକ୍ତିର ପ୍ରତୀକ ହୋଇଥାଏ । ତେଣୁ ଏହାର ଫଟୋକୁ ଘରେ ଲଗାଇବା ଦ୍ୱାରା ପ୍ରଗତି ଏବଂ ସଫଳତାର ପଥ ଖୋଲିଥାଏ । ଆହୁରି ମଧ୍ୟ, ଘରେ ସୁଖ, ସମୃଦ୍ଧତା ଏବଂ ଶାନ୍ତିର ବାସ ହୋଇଥାଏ ।

**କାର୍ଯ୍ୟ କ୍ଷେତ୍ରରେ ମିଳିବ ସଫଳତା :**

ଆପଣଙ୍କ କାର୍ଯ୍ୟ କ୍ଷେତ୍ରରେ ଦୌଡୁଥିବା ୭ ଟି ଧଳା ଘୋଡାର ଫଟୋ ରଖନ୍ତୁ । ଏହା ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିବ । ଯଦି ଆପଣ ଘରେ କାମ କରୁଛନ୍ତି, ତେବେ ଏହି ଫଟୋକୁ ଘରର ପୂର୍ବ କାନ୍ଥରେ ଲଗାନ୍ତୁ । ଅଫିସ୍ ଏବଂ ଦୋକାନର ଦକ୍ଷିଣ ଦିଗରେ ଏହି ଫଟୋ ରଖନ୍ତୁ ।

**ଆର୍ଥିକ ସମସ୍ୟା ହେବ ଦୂର :**

ଘରେ ଏପରି ସ୍ଥାନରେ ଦୌଡୁଥିବା ୭ଟି ଘୋଡାର ଫଟୋ ଲଗାନ୍ତୁ ଯେପରି ଏହା ସମସ୍ତଙ୍କୁ ଦେଖାଯାଉଥିବ । ଏହା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୋଇଥାଏ ।

## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ । ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ । ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ । ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି । ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ୍, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି । ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ । ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି । ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ । ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ମୋଟାପଣ କମ କରିଥାଏ:

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ । ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ । ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ ।

ଗ୍ୟାସ ସମସ୍ୟାରୁ ମୁକ୍ତି:

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ । ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ । ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ । ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ । ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

## କ୍ୟାନସର ହେବା ପୂର୍ବରୁ ଦେଖାଯାଏ ଏହି ଲକ୍ଷଣ

 କ୍ୟାନସର ବା କର୍କଟ ହେଉଛି ଏକ ଅସାଧ ରୋଗ । ଏହି ରୋଗର ଶୀକାର ହେଲେ ବଞ୍ଚିବାର ଆଶା କମ୍ । ଆଜି ମଧ୍ୟ ଅନେକ ଲୋକ ଏଥିରେ ଶିକାର ହୋଇ ଚିକିତ୍ସିତ ହେଉଛନ୍ତି । ବ୍ରେନ୍, ସ୍ତନ କର୍କଟ, ରକ୍ତ କର୍କଟ ଓ ଚର୍ମ କର୍କଟ ଭଳି କ୍ୟାନସରର ଅନେକ ପ୍ରକାର ରହିଛି । ଏହି ରୋଗରୁ ମକ୍ତି ପାଇବା ପାଇଁ ଏବେ ସୁଦ୍ଧା କୌଣସି ଉପାୟ ବାହାରି ପାରି ନାହିଁ । କିନ୍ତୁ ଏହାର ପ୍ରାଥମିକ ଲକ୍ଷଣ ବାବଦରେ ଜାଣିପାରିବେ ଏହାକୁ କାବୁ କରାଯାଇ ପାରିବ । କର୍କଟ ରୋଗକୁ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଫେବୃଆରୀ ୪ ତାରିଖରୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଏ । ଆମେ ଆଫଣଙ୍କୁ କହିବୁ କ୍ୟାନସରର ପ୍ରାଥମିକ ଲକ୍ଷଣ ବାବଦରେ ।



ଶ୍ୱାସକ୍ରିୟାରେ ଅସୁବିଧା ଓ ଅନିୟମିତତା: ଲଗାତର କାମ କଲେ କିମ୍ବା ଦଉଡିଲେ ଶ୍ୱାସକ୍ରିୟା ଓ ହୃତସ୍ପନ୍ଦନ ବୃଦ୍ଧି ପାଏ । କିନ୍ତୁ କିଛି ଲୋକ ବିନା କାରଣରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥାନ୍ତି । ଏହା କ୍ୟାନସରର କାରଣ ହୋଇପାରେ । ଏପରି ସମସ୍ୟାର ସମ୍ମୁଖୀନ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଭୋକ କମ୍ ଲାଗିବା କିମ୍ବା ଜମା ନଲାଗିବା: ପ୍ରାୟ ସମସ୍ତଙ୍କୁ ପାଚନ ଜନିତ ସମସ୍ୟା ହୋଇଥାଏ । ଏହା ଭୋକକୁ ପ୍ରଭାବିତ କରିଥାଏ । ପାଚନ ପ୍ରକ୍ରିୟା ଖରାପ ହେଲେ ଭୋକ ଲାଗିନଥାଏ । କିନ୍ତ ଯଦି ଏହି ସମସ୍ୟା ବହୁତ ଦିନ ଯାଏଁ ଲାଗି ରହେ ତେବେ ଏହା ବଡ ସମସ୍ୟାକୁ ସଙ୍କେତ ଦେଇଥାଏ । ଏହାକୁ ହେୟଜ୍ଞାନ ନକରି ଡାକ୍ତରଙ୍କୁ ଦେଖାଇବା ଉଚିତ । ଭୋକ କମ୍ ଲାଗିବା କ୍ୟାନସରର ପ୍ରାଥମିକ ଲକ୍ଷଣ ହୋଇପାରେ ।

ରକ୍ତସ୍ରାବ ବନ୍ଦ ନହେବା କିମ୍ବା ଲଗାତର ରକ୍ତ ବାହାରିବା: ମୂତ୍ର, କାଶିବା ସମୟରେ ରକ୍ତ ବାହାରିଲେ ଏହା କ୍ୟାନସର ହୋଇପାରେ । ଏପରି କୌଣସି ଅସୁବିଧା ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଅଧିକ ସମୟ ଧରି ଥଣ୍ଡା ଓ କାଶ ଲାଗି ରହିବା: ପାଣିପାଗରେ ପରିବର୍ତ୍ତନ ହେଲେ ଥଣ୍ଡା ଓ ଜ୍ୱର ଆଦି ହୋଇଥାଏ । କିନ୍ତୁ ଔଷଧ ଖାଇବା ପରେ ବି ଦି ୩-୪ ଦିନରେ ଏହା ଭଲ ନହୁଏ ତେବେ ସତର୍କ ହେବା ଜରୁରୀ । ଅନେକ ଦିନ ଧରି ଥଣ୍ଡା, କାଶ ଲାଗି ରହିଲେ ଏହା କ୍ୟାନସରର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଶୀଘ୍ର ଖଣ୍ଡିଆ ବା କ୍ଷତ ନଶୁଖିବା: ଶରୀରରେ ଆଘାତ ଲାଗିଲେ ବା କ୍ଷତ ହେଲେ ତାହା ୨-୩ ଦିନରେ ଭଲ ହୋଇଯାଏ । କିନ୍ତୁ ଅନେକ କ୍ଷତ ଶୁଖିବାକୁ ସମୟ ଲାଗେ । ଅନେକ ଲୋକ ଏହା ଉପରେ ଧ୍ୟାନ ଦିଅନ୍ତି ନାହିଁ । ଏହା କ୍ୟାନସରର ପ୍ରାରମ୍ଭିକ ଲକ୍ଷଣ ବୋଲି କୁହାଯାଏ । ଏହାକୁ ନଜର ଅନ୍ଦାଜ କରିବା ଠିକ୍ ନୁହେଁ ।

## ଜାଣନ୍ତୁ ବିବାହ ଆଉ ତାର ସ୍ୱାଗତ ପ୍ରଥା



ବିବାହରେ ସବୁଠୁ ଧୁମଧାମ୍ ଏବଂ ଅଧିକ ଖର୍ଚ୍ଚ କେବଳ ଭାରତରେ ହୋଇଥାଏ । ବିବାହରେ ବେଶୀ ଖର୍ଚ୍ଚ ପୋଷାକ, ସ୍ଥାନ ଏବଂ ଖାଦ୍ୟପେୟରେ ହୋଇଥାଏ । କିନ୍ତୁ ଆଜି ଆମେ ଜାଣିବା ଭିନ୍ନ ଭିନ୍ନ ସ୍ଥାନରେ ବିବାହର ଭିନ୍ନ ଭିନ୍ନ ପରମ୍ପରା ଏବଂ ପ୍ରଥା ସମ୍ପର୍କରେ ଯାହା ଆପଣ ବୋଧହୁଏ ଜାଣିନଥିବେ ।

୧.ନବ ଦମ୍ପତ୍ତିଙ୍କ ମା ଦେଖନ୍ତି ନାହିଁ ବିବାହ: ବଙ୍ଗଳା ପରମ୍ପରା ଅନୁସାରେ ନବ ଦମ୍ପତ୍ତିଙ୍କ ମାଆ ବିବାହ ଦେଖିନଥାନ୍ତି । କୁହାଯାଏ ଯେ ନବ ଦମ୍ପତ୍ତିଙ୍କ ପାଇଁ ଏହା ଅଶୁଭ ହୋଇଥାଏ ।

୨.ମଣ୍ଡପରୁ ଦୌଡ଼ିବାର ନାଟକ କରିଥାନ୍ତି ବର : ତାମିଲ ବିବାହରେ ବର ସନ୍ୟାସୀ ହେବା ପାଇଁ ମଣ୍ଡପରୁ ଦୌଡ଼ିବାର ନାଟକ କରିଥାନ୍ତି ଏବଂ କନ୍ୟାର ପିତା ତାଙ୍କୁ ରୋକିବାକୁ ଉଦ୍ୟମ କରିଥାନ୍ତି ।

୩.ଜ୍ୱାଇଁର ନାକ ଚିମୁଟିଥାନ୍ତି ଶାଶୁ: ଗୁଜୁରାଟୀ ବାହାଘରରେ ବରର ଶାଶୁ ଆଳତୀ କରିବାପାଇଁ ଜ୍ୱାଇଁର ନାକ ଚିମୁଟି ସ୍ୱାଗତ କରିଥାନ୍ତି । ଏହି ପ୍ରଥାକୁ ପୋଙ୍କବୁ କହିଥାନ୍ତି ।

୪.ବରର ପୋଷାକ ଫାଡ଼ିଥାନ୍ତି ସାଙ୍ଗମାନେ: ସିନ୍ଧି ବାହାଘରରେ ବରର ସାଙ୍ଗ ଏବଂ ସମ୍ପର୍କୀୟ ବରର ପୋଷକ ଫାଡ଼ିଥାନ୍ତି । ଏହାର ତାତ୍ପର୍ଯ୍ୟ ପୁରୁଣା ଜୀବନର ଅନ୍ତ ଏବଂ ନୂଆ ଜୀବନର ଶୁଭାରମ୍ଭ ହେବାକୁ ବୁଝାଏ ।

୫. ଦାୟିତ୍ୱ ଶିଖିବାର ଅଦ୍ଭୁତ ପରମ୍ପରା: ବିହାରରେ ବିବାହରେ କନ୍ୟା ନିଜ ମୁଣ୍ଡ ଉପରେ ମାଟି ହାଣ୍ଡି ରଖିଥାନ୍ତି ଏବଂ ପାଦ ଛୁଇଁ ଗୁରୁଜନମାନଙ୍କର ଆର୍ଶୀବାଦ ନେଇଥାନ୍ତି । ଏହା ଅର୍ଥ ତାକୁ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ପଡ଼ିବ ।

୬.ମନ୍ଦିରରୁ ପାଣି ନେଇଥାନ୍ତି କନ୍ୟାର ମାଆ: ପଞ୍ଜାବୀ ବିବାହରେ କନ୍ୟାର ମାଆ ପାଖରେ ଥିବା ମନ୍ଦିରରୁ ପାଣି ଆଣିଥାନ୍ତି । ଏହି ପାଣିରେ ଗାଧୋଇବା ପରେ କନ୍ୟା ବିବାହ ପୋଷାକ ପିନ୍ଧିଥାଏ ।

୭.ଟମାଟୋ ଫିଙ୍ଗି ହୋଇଥାଏ ବରଯାତ୍ରୀଙ୍କ ସ୍ୱାଗତ: ଉତ୍ତରପ୍ରଦେଶର ସରସୋଲରେ ବର ଏବଂ ବରଯାତ୍ରୀମାନଙ୍କର ସ୍ୱାଗତ ଟମାଟୋ ଫିଙ୍ଗି କରାଯାଇଥାଏ । କୁହାଯାଏ ଏହା ଦ୍ୱାରା ନୂଆ ସମ୍ପର୍କ ମଜବୁତ ହୋଇଥାଏ ।

୮. ବରର କାନ ଚିମୁଟିଥାଏ ଶଳା: ମରାଠୀ ବିବାହରେ କନ୍ୟାର ଭାଇ ଭିଣୋଇର କାନ ଚିମୁଟି ଭଉଣୀର ସାରା ଜୀବନ ଧ୍ୟାନ ରଖିବାକୁ ଚେତାବନୀ ଦେଇଥାଏ ।

୯.ଧଳା ପତକା ଧରି ଯାଆନ୍ତି ବରଯାତ୍ରୀ: କୁମାୟୁଁ ବିବାହରେ ଏପରି ପରମ୍ପରା ରହିଛି ଯେ ବରଯାତ୍ରୀ ଧଳା ପତକା ଧରି କନ୍ୟା ଘରକୁ ଯାଇଥାନ୍ତି । ବିଦାୟ ପରେ କନ୍ୟାର ନାଲି ପତକା ଆଗେ ଥାଏ ବରର ଧଳା ପତକା ପଛରେ ।

୧୦. ପୋଖରୀରେ ଛଡ଼ାଯାଏ ମାଛ: ମଣିପୁରୀ ବିବାହରେ ନବବିବାହିତ ଦମ୍ପତ୍ତିଙ୍କ ପାଖରେ ଥିବା ପୋଖରୀରେ ମାଛ ଛଡ଼ାଯାଇଥାଏ । କୁହାଯାଏ ଏହା ଦ୍ୱାରା ଭବିଷ୍ୟତ ସୁଖଦାୟକ ହୋଇଥାଏ ।

# ଚେନ୍ନାଇରେ ଓଡ଼ିଆଙ୍କ 'ଆମ ଚଟଶାଳୀ' ଉତ୍ସବ



ଭୁବନେଶ୍ୱର, ୧୯।୧୨ (ମହାଭାରତ): ସ୍ଥାନୀୟ 'ପ୍ରବାସୀ ଓଡ଼ିଆ କଲଚରାଲ ସୋସାଇଟି' ଦ୍ୱାରା ପରିଚାଳିତ 'ଆମ ଚଟଶାଳୀ'ର ବାର୍ଷିକ ଉତ୍ସବ ଏବଂ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ପ୍ରାଶାସନିକ ଅଧିକାରୀ ତଥା ଓଡ଼ିଶା ସରକାରଙ୍କର ପ୍ରାଣୀସମ୍ପଦ ଓ ମତ୍ସ୍ୟପାଳନ ସଚିବ ସତ୍ୟବ୍ରତ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରସିଦ୍ଧ ସିନେ ତାରକା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଓଡ଼ିଶା ଓ ଓଡ଼ିଆଙ୍କ ପ୍ରାଚୀନ ଓ ସମୃଦ୍ଧ ସଂସ୍କୃତି ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେଥିରେ ନୌବାଣିଜ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣୟ ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ନୌବାଣିଜ୍ୟ ଏବଂ ପ୍ରବାସୀ ଓଡ଼ିଆ ସୋସାଇଟିର ଏହି କାଯ୍ୟକ୍ରମକୁ ଭୁରି ପ୍ରଶଂସା କରିବା ସହ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ନୌବାଣିଜ୍ୟ ଏବଂ ଅନୁଷ୍ଠାନର ସମ୍ପାଦକ ପାର୍ଥ ସାରଥୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସହସମ୍ପାଦକ ଯଯାତି କିଶୋର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି କାର୍ଯ୍ୟକ୍ରମରେ ୧୫୦୦ ନାଗରିକ ଯୋଗ ଦେଇଥିବା ବେଳେ ପାରଳା ମହାରାଜ ଏସ୍ତ୍ୱେଏନ୍ ଦେବଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିଥିବା ଓଡ଼ିଆ ଅଧିକାରୀ, ବ୍ୟବସାୟୀ ଓ ଶିକ୍ଷାବିତ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କୋଷାଧ୍ୟକ୍ଷ ସମୀର ଜେନା ଓ ସହସମ୍ପାଦକ ପ୍ରଫୁଲ୍ଲ ପୃଷ୍ଟି ମଞ୍ଚାସୀନ ହୋଇଥିବା ବେଳେ ସିଦ୍ଧାର୍ଥ ଶଙ୍କର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡିସେମ୍ବର ୨୦ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଥିବା 'ପରବ' ଚଳଚ୍ଚିତ୍ରର ଟିଜର ପ୍ରଦର୍ଶିତ ହହୋଇଥିଲା। 'ଆମ ଚଟଶାଳୀ' ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ନୃତ୍ୟସଂଗୀତ ପ୍ରଦର୍ଶନ କରିଥିଲେ।

# ସୋସିଆଲ୍ ମିଡ଼ିଆ ଯୁଗରେ ପୁସ୍ତକର ଗୁରୁତ୍ୱ ଏବେ ବି ରହିଛି

ଭୁବନେଶ୍ୱର, ୧୯।୧୨ (ମହାଭାରତ): ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ଉଦଯାପନୀ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ଗତ ୬ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଏହି ରାଜ୍ୟ ସ୍ତରୀୟ ପୁସ୍ତକ ମେଳା ଭୁବନେଶ୍ୱର ସ୍ଥିତ ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା।

ଏହି ଉଦଯାପନୀ ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ।

ନିଜର ଅଭିଭାଷଣରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ଆମ ସମାଜରେ ପୁସ୍ତକର ସ୍ଥାନ ଅନନ୍ୟ। ପାଠକ ମନରେ ଶାନ୍ତି ଓ ପ୍ରଶାନ୍ତିର ଭାବ ଆଣିଥାଏ ପୁସ୍ତକୟ ବହିର ଅନ୍ୟ କୌଣସି ବିକଳ୍ପ ନାହିଁ। ଆଜିର ସୋସିଆଲ୍ ମିଡ଼ିଆ ଯୁଗରେ ମଧ୍ୟ ପୁସ୍ତକର ଚାହିଦା ବଢ଼ିଛି। ଚଳିତ ବର୍ଷ ପୁସ୍ତକ ମେଳାରେ ବିଶେଷ ଭାବରେ ଯୁବପିଢ଼ି ବହି କିଣିବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଥିଲେ ଯେ, ଚଳିତ ବର୍ଷ ପୁସ୍ତକ ମେଳାରେ ଓଡ଼ିଆ ଅସ୍ମିତାର ବିନ୍ଧାଣୀ ଏବଂ ଯୁଗସ୍ରଷ୍ଟା ସାହିତ୍ୟିକମାନଙ୍କର ସାରସ୍ୱତ ସାହିତ୍ୟ



ସର୍ଜନାକୁ ପ୍ରାଧାନ୍ୟ ଦିଆଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ଡକ୍ଟର ହରେକୃଷ୍ଣ ମହତାବ, ଓଡ଼ିଶାରେ ବୁଦ୍ଧ ସ୍ମାରକୀ ଏବଂ ବିର୍ସା ମୁଣ୍ଡା ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ଆଧାର କରାଯାଇ ନିର୍ମାଣ କରାଯାଇଥିବା ତିନୋଟି ଥିମ୍ ପାଭିଲିୟନ ଚଳିତ ବର୍ଷ ପୁସ୍ତକ ମେଳାର ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲା। ପାଠକ, ଲେଖକ ଏବଂ ପ୍ରକାଶକମାନଙ୍କୁ ନେଇ ଆୟୋଜିତ ହୋଇଥିବା ଏହି ପୁସ୍ତକ ମେଳା ସଫଳ ଭାବେ ଆୟୋଜିତ ହୋଇଛି। ପୁସ୍ତକ ଏବଂ ସାହିତ୍ୟ ସମାଜ ପାଇଁ ସଦାସର୍ବଦା ମାର୍ଗଦର୍ଶକ ଭାବେ କାର୍ଯ୍ୟ କରୁଥିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଥିଲେ।

ବିଶିଷ୍ଟ ଅତିଥି ଅଧ୍ୟାପକ ଏବଂ ସାହିତ୍ୟିକ ବିଶ୍ୱ ରଞ୍ଜନ କହିଥିଲେ ଯେ, ଭାଷା, ସାହିତ୍ୟ, ସଂସ୍କୃତି ଏବଂ ବୌଦ୍ଧିକ ବିକାଶରେ ପୁସ୍ତକ ପଠନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଥିସହିତ ସେ ସାମ୍ପ୍ରତିକ ଯୁଗରେ ପୁସ୍ତକ ପଠନର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ବନ୍ଧରେ ମଧ୍ୟ ଆଲୋକପାତ କରିଥିଲେ।

ଆଜିର ଉଦଯାପନୀ ସମାରୋହରେ ଫକୀରନାମା, ମାଦଳାପାଞ୍ଜିର ସାମଗ୍ରିକ ରୂପଲେଖ, ବହିକଥା, ପ୍ରଜ୍ଞାପୁରୁଷ ନାରାୟଣ ପୃଷେଠ ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହିତ ପୁସ୍ତକ ପ୍ରକାଶକ ସଂସ୍ଥାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଆଜିର କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ରଖିଥିଲେ ଏବଂ ଯୁଗ୍ମ ସଚିବ ଶ୍ରୀ ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ପୁସ୍ତକ ମେଳାରେ ୩ କୋଟିରୁ ଅଧିକ ବ୍ୟବସାୟ ହୋଇଛି। ପୁସ୍ତକ ମେଳାରେ ପ୍ରାୟ ୧୫୦ ପ୍ରକାଶକ ସଂସ୍ଥା ଓ ପୁସ୍ତକ ବିକ୍ରେତାମାନେ ଯୋଗ ଦେଇଥିବାବେଳେ ୪୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ନିର୍ମିତ ହୋଇଥିଲା।

ଚଳିତ ବର୍ଷର ପୁସ୍ତକ ମେଳାର ମୁଖ୍ୟ ପ୍ରବେଶ ଦ୍ୱାରକୁ ଡକ୍ଟର ହରେକୃଷ୍ଣ ମହତାବ, ମୁଖ୍ୟମଞ୍ଚକୁ ସୁନାମଧନ୍ୟ ସାହିତ୍ୟିକ ସାତକଡି ହୋତା, ମେଳାର ଭିତର ପ୍ରବେଶ ଦ୍ୱାରକୁ କବି ହରିହର ମିଶ୍ର ଏବଂ ମେଳାର ଭିତର ମଞ୍ଚକୁ ସାହିତ୍ୟିକ ସତ୍ୟନାରାୟଣ ବହିଦାରଙ୍କ ନାମରେ ନାମିତ କରାଯାଇଥିଲା। ଏଥିସହ ପୁସ୍ତକ ମେଳାର ବିଭିନ୍ନ ସ୍ଥାନରେ ବହୁ ଯୁଗସ୍ରଷ୍ଟା ସାହିତ୍ୟିକମାନଙ୍କର ଫଟୋଚିତ୍ର ମଧ୍ୟ ସ୍ଥାନିତ କରାଯାଇଥିଲା। ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଲେଖକ ଓ ପାଠକମାନଙ୍କ ଭିତରେ ଭାବ ବିନିମୟ ନିମନ୍ତେ ଏକ କଫି କର୍ଣ୍ଣର, ପୁସ୍ତକ ଉନ୍ମୋଚନ ଏବଂ ସାହିତ୍ୟ ଆଲୋଚନା ଚକ୍ର ନିମନ୍ତେ ଏକ କ୍ଷୁଦ୍ର ପ୍ରେକ୍ଷାଳୟ ସ୍ଥାପନ କରାଯାଇଥିବା ବେଳେ, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ, ମିଲେଟ ମିଶନ, କୋରାପୁଟ କଫି, ମିଶନ ଶକ୍ତି ଆଦି ତରଫରୁ ଖାଦ୍ୟ ଷ୍ଟଲ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଚଳିତବର୍ଷର ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ବିଭିନ୍ନ ସମ୍ବାଦପତ୍ର ସଂସ୍ଥା, ସରକାରୀ ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ତରଫରୁ ଷ୍ଟଲ୍ ନିର୍ମାଣ କରାଯାଇଥିବା ବେଳେ ଏହାର ଆୟୋଜନ କରିବାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହିତ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ, ଓଡ଼ିଶା ପ୍ରକାଶକ ସଂଘ, ରାଜଧାନୀ ପୁସ୍ତକ ମେଳା,ଏକାମ୍ର ପୁସ୍ତକ ମେଳା ଓ ଭୁବନେଶ୍ୱର ପୁସ୍ତକ ମେଳାର କର୍ମକର୍ତ୍ତା ତଥା ରାଜ୍ୟ ଓ ରାଜ୍ୟ ବାହାରର ଅନେକ ପୁସ୍ତକ ପ୍ରକାଶକ ଓ ପୁସ୍ତକ ବିକ୍ରେତାମାନେ ସହଯୋଗ ପ୍ରଦାନ କରିଥିଲେ।

# ଶ୍ରମିକ ଚାଲାଣ ଓ ଦାଦନ ମୁକାବିଲା ପାଇଁ ସାମୂହିକ ସଙ୍କଳ୍ପ

ଭୁବନେଶ୍ୱର,୧୯।୧୨ (ମହାଭାରତ): ଓଡିଶାରେ ବୃଦ୍ଧି ପାଉଥିବା ଶ୍ରମିକ ଚାଲାଣ ଓ ଗୋତି ଶ୍ରମିକ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ ର ସଂପାଦକ ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳ ଙ୍କ ପୌରହିତରେ ଏକ ରାଜ୍ୟ ସ୍ତରୀୟ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ହୋଟେଲ ଲେମନ୍ ଟ୍ରି ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବେ ସି.ଓ୍ୱାଇ.ଏସ୍.ଡି ର ସଂପାଦକ ଜଗଦାନନ୍ଦ, ଓଡିଶା ସରକାରଙ୍କ ଦାଦନ ନିରାକରଣ ପାଇଁ ଗଠିତ ଟାସ୍କଫୋର୍ସ ର ଉପଦେଷ୍ଟା ମହେଶ୍ୱର ପାଣିଗ୍ରାହୀ, ଓଡିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନ୍ ର ସଭାପତି ବିଜୟ କୁମାର ଦାସ୍, ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକ ର ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର ର ନିରଞ୍ଜନ କର, ଆଇନଜିବୀ ଧୀରେନ୍ଦ୍ର ପାତ୍ର, ଉପସ୍ଥାପିକା ସୁପ୍ରିୟା ଦାସ ଓ ୪୦ରୁ ଉର୍ଦ୍ଧ ସାମାଜିକ ସଂଗଠନ ଏକାଠି ହୋଇ ଶ୍ରମିକ ଚାଲାଣ ଓ ଦାଦନ ସମସ୍ୟା ଉପରେ ବିଚାର ଆଲୋଚନା କରିଥିଲେ। ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଙ୍ଗ ଖୁଣ୍ଟିଆ ବିଧାନସଭାରେ ପ୍ରକାଶ କରିଥିବା ପରିସଂଖ୍ୟାନ ଅନୁସାରେ ଗତ ଦଶନ୍ଧି ମଧ୍ୟରେ ଓଡିଶାରୁ ୪୦୩ଜଣ ପ୍ରବାସୀ ସେମାନଙ୍କ କର୍ମକ୍ଷେତ୍ରରେ ମୃତ୍ୟୁବରଣ କରିଥିବାବେଳେ ବାର୍ଷିକ ହାରାହାରି ୩୪ ଜଣ ମୃତ୍ୟୁବରଣ କରୁଛନ୍ତି। ଏଥିସହିତ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ରାଜ୍ୟ ମନ୍ତ୍ରୀ ଶୋଭା କରନ୍ଦଲାଜେ ରାଜ୍ୟସଭାରେ ସୂଚନା




ଦେଇଛନ୍ତି ଯେ, କେବଳ ଓଡିଶାରୁ ୧୫୫ଜଣ ଗୋତିଶ୍ରମିକଙ୍କୁ ୨୦୨୩-୨୪ ରେ ଉଦ୍ଧାର କରାଯାଇଛି। ଏହି ପରିସଂଖ୍ୟାନକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ସାମାଜିକ ସଂଗଠନ ବୃନ୍ଦ ସମ୍ମିଳିତ ଭାବେ ବଣ୍ଡେଡ୍ ଲେବର ସିଷ୍ଟମ୍ (ଅବୋଲିସନ୍) ଆକ୍ଟ ୧୯୭୬ ର ପ୍ରଭାବଶାଳୀ କାର୍ଯ୍ୟକାରିତା ସହିତ ଶ୍ରମିକ ଓ ଦାଦନ ଶୋଷଣ ଚକ୍ରକୁ ଭାଙ୍ଗିବା ପାଇଁ ଜିଲ୍ଲା ସ୍ତରୀୟ ଭିଜିଲାନ୍ସ କମିଟି ଗଠନ ଓ ସଶକ୍ତିକରଣ ସହିତ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଶ୍ରମିକ ଚାଲାଣ ନେଟ୍‌ୱର୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆନ୍ତଃରାଜ୍ୟ ସମନ୍ୱୟକୁ ମଜବୁତ କରିବା, ସାମାଜିକ ସଂଗଠନ ମାନଙ୍କୁ ଟାସ୍କଫୋର୍ସରେ ସଭ୍ୟଭୁକ୍ତ କରିବା, ଏସ୍ ଏଚ୍ ଜି ବା ମିଶନ ଶକ୍ତି ମାଧ୍ୟମରେ ଏହି ସଂପର୍କୀୟ ବିପଦ ବିଷୟରେ ଅସୁରକ୍ଷିତ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଚିହ୍ନଟ, ଉଦ୍ଧାର ଓ ଥଇଥାନ ଦିଗରେ ଭିଜିଲାନ୍ସ କମିଟିର ଭୂମିକା ନିଶ୍ଚିତ କରିବା ସହିତ ପଞ୍ଚାୟତ ସ୍ତରରେ ଶ୍ରମିକ ପଞ୍ଜୀକରଣ ଇତ୍ୟାଦି ବିଷୟରେ ସୁପାରିଶ କରିଥିଲେ। ପରେ ପରେ ଗୋତି ମୁକ୍ତି ମୋର୍ଚ୍ଚା ର ବାଗମ୍ବର ପଟ୍ଟନାୟକଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ଓ ବଳିଷ୍ଠ ଅବଦାନ ନିମନ୍ତେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ସାମାଜିକ ସଂଗଠନ ମିଳିତ ଭାବେ ଏକ ମଞ୍ଚ ଗଠନ କରି ଏ ଦିଗରେ ଥିବା ପ୍ରତିବନ୍ଧକକୁ ଦୂର କରିବା ଏବଂ ସୁପ୍ରିମକୋର୍ଟଙ୍କ ସୁପାରିଶର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ସହ କାର୍ଯ୍ୟ କରିବାକୁ ମିଳିତ ଭାବେ ପ୍ରତିଶ୍ରୁତି ବଦ୍ଧ ହୋଇଛନ୍ତି। ଉତ୍କଳ ସେବକ ସମାଜ ର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ସୋଆରେ କ୍ରୀଡା ମହୋତ୍ସବ ପୁରସ୍କାର ବିତରଣୀ ସଭା

ଭୁବନେଶ୍ୱର,୧୯।୧୨ (ମହାଭାରତ): ଭାରତରେ କ୍ରୀଡ଼ାର ବିକାଶ ନିମନ୍ତେ କ୍ରୀଡ଼ା ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହେବା ଆବଶ୍ୟକ ବୋଲି ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ଦିଗବିଜୟ ସିଂହଦେଓ କହିଛନ୍ତି।

ଅଲିମ୍ପିକ୍ ସମେତ ଅନେକ ବିଶ୍ୱସ୍ତରୀୟ କ୍ରୀଡ଼ାକୁ ଗଣମାଧ୍ୟମରେ ଉପସ୍ଥାପିତ କରିଥିବା ଶ୍ରୀ ସିଂହଦେଓ କହିଥିଲେ ଯେ ଅଲିମ୍ପିକ୍‌ରେ ଅଧିକ ସଫଳ ହେଉଥିବା ଦେଶ ଯଥା ଆମେରିକା, ଚୀନ୍, ଜାପାନ୍, ଫ୍ରାନ୍ସ ଓ ଜର୍ମାନୀରେ କେହି ଅଲିମ୍ପିକରେ ପଦକ ଜିତିବା ନିମନ୍ତେ ଅନୁଶୀଳନ କରନ୍ତି ନାହିଁ। ଏହି ଦେଶଗୁଡ଼ିକରେ କ୍ରୀଡ଼ାରେ ଭାଗ ନେବା ସମସ୍ତଙ୍କ ନିମନ୍ତେ ଏକ ସ୍ୱାଭାବିକ ବିଷୟ। ସେମାନେ କ୍ରୀଡ଼ାରେ ନୈପୁଣ୍ୟ ହାସଲ ନିମନ୍ତେ. ଦଳଗତ ମନୋଭାବ ସୃଷ୍ଟି ନିମନ୍ତେ, ଶାରୀରିକ ସୁସ୍ଥତା ନିମନ୍ତେ ଓ ପ୍ରତିପକ୍ଷକୁ କିପରି ସମ୍ମାନ ଦିଆଯାଏ ସେ ବିଷୟ ଶିକ୍ଷା କରିବା ନିମନ୍ତେ କ୍ରୀଡ଼ାରେ ଭାଗ ନେଇଥାନ୍ତି।

ଶ୍ରୀ ସିଂହଦେଓ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ 'ସୋଆ କପ୍'ର ପୁରସ୍କାର ବିତରଣୀ ସଭାରେ ବୁଧବାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ମନ୍ତବ୍ୟ ରଖିଥିଲେ।

ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କ୍ରୀଡ଼ା ସାମ୍ବାଦିକତା କରୁଥିବା ଶ୍ରୀ ସିଂହଦେଓ ପୂର୍ବରୁ ଷ୍ଟାର ନ୍ୟୁଜ୍, ସିଏନ୍‌ଏନ୍-ଆଇବିଏନ ଓ ଉଇଅନ୍ ଭଳି ସମ୍ବାଦ ଚ୍ୟାନେଲରେ କାର୍ଯ୍ୟ କରିଛନ୍ତି ଏବଂ ବର୍ତ୍ତମାନ ଏସ୍‌ଜି ସ୍ପୋର୍ଟ୍ସ ମେଡିଆ ଓ ଏଂଟରଟେନ୍‌ମେଂଟର ଉପସଭାପତି ଭାବେ କାର୍ଯ୍ୟ କରୁଛନ୍ତି।

ସେ କହିଥିଲେ ଯେ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଛି। କ୍ରୀଡ଼ାର ବିକାଶ ନିମନ୍ତେ ରାଜ୍ୟରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରି ଶ୍ରୀ ସିଂହଦେଓ କହିଥିଲେ ଯେ ରାଜ୍ୟରେ କ୍ରୀଡ଼ା ଭିତିଭୂମିର ଆଖିଦୃଶିଆ ଉନ୍ନତି ନିମନ୍ତେ ଜାତୀୟ ସ୍ତରରେ ଓଡ଼ିଶାର ପରିଚୟ ବର୍ତ୍ତମାନ ବଦଳି ଯାଇଛି।

ସେ ସୋଆ କପରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କୁ କ୍ରୀଡ଼ାରେ ସଂଶ୍ଳିଷ୍ଟ ହୋଇ ରହିବା ନିମନ୍ତେ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ




କୁମାର ନନ୍ଦ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି କ୍ରୀଡ଼ା ମହୋତ୍ସବରେ ଫୁଟବଲ୍, କ୍ରିକେଟ, ଭଲିବଲ, ବାସ୍କେଟବଲ, କବାଡ଼ି, ବ୍ୟାଡମିଂଟନ, ଟେବୁଲ ଟେନିସ. ସଫ୍ଟବଲ, ଟେନିସ୍, ଖୋ ଖୋ, ଚେସ୍. ଥ୍ରୋବଲ୍ ଓ ଆଥଲେଟିସ୍ ତଥା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମରେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଜ ଦାସ, ଏବର୍ଷ ପାଇଁ ସୋଆ କପ୍ ସଂଯୋଜକ ଡକ୍ଟର ସୌର୍ଯ୍ୟ ରଂଜନ ଦାସ ଓ ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମା ଉପସ୍ଥିତ ଥିଲେ। ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମ ନିମନ୍ତେ ଡକ୍ଟର ତନ୍ମୟ ପରଡ଼ା ସଂଯୋଜକ ହେବେ ବୋଲି ମଧ୍ୟ ଘୋଷଣା କରାଯାଇଥିଲା।

# ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲେ ବିଜେପି ସାଂସଦ

ଭୁବନେଶ୍ୱର, ୧୯।୧୨ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ଓଡ଼ିଶାର ସାଂସଦଙ୍କ ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁଙ୍କୁ ଭେଟିଛନ୍ତି। ରାଜ୍ୟରେ ନୂତନ ବିମାନବନ୍ଦର ନିର୍ମାଣ, ନୂତନ ଟର୍ମିନାଲ ନିର୍ମାଣ, ବିମାନବନ୍ଦର ସମ୍ପ୍ରସାରଣ ଓ ସଂଯୋଗୀକରଣ, ଯାତ୍ରୀ ସୁବିଧା ଏବଂ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏହି ପ୍ରତିନିଧିମଣ୍ଡଳୀଙ୍କ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି।

ବିଜେପି ସାଂସଦମାନଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ଦାବି ଗୁଡ଼ିକ ହେଉଛି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନୂତନ ଟର୍ମିନାଲ ଭବନ ନିର୍ମାଣ, ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ନବୀକରଣ, ପୁରୀରେ ନୂଆ ବିମାନବନ୍ଦର ପ୍ରତିଷ୍ଠା ସହ କଟକ ଚରବାଟିଆ ଏୟାରଫିଲ୍ଡକୁ ପୂର୍ଣ୍ଣାଙ୍ଗ ବେସାମରିକ ବିମାନବନ୍ଦରରେ ପରିଣତ କରାଯାଉ। ରାଉରକେଲା ଓ ଜୟପୁର ଏୟାରଷ୍ଟ୍ରିପର ସମ୍ପ୍ରସାରଣ ଓ ବଲାଙ୍ଗୀର ତୁଷୁରା ଏୟାରଷ୍ଟ୍ରିପର ନବୀକରଣ କରିବା ପାଇଁ ସାଂସଦମାନେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ 'ଉଡାନ ଯୋଜନା' ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଥିବା ବେଳେ ଏହି ଯୋଜନାରେ ଢେଙ୍କାନାଳର ବିରାସାଲ, ସମ୍ବଲପୁରର ହୀରାକୁଦ, ଗଞ୍ଜାମର ରଙ୍ଗେଇଲୁଣ୍ଡା, ଜଗତସିଂହପୁରର ପାରାଦୀପ, କଳାହାଣ୍ଡିର ଉତକେଲା, ଯାଜପୁରର କଳିଙ୍ଗନଗର, କେନ୍ଦୁଝରର ରାଇସୁଆଁ, ବରଗଡ଼ ଜିଲ୍ଲାର ପଦମପୁର ଓ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଏବଂ ରାଇରୁଙ୍ଗପୁର ଏୟାରପୋର୍ଟ ସାମିଲ କରିବା ପାଇଁ ପଦକ୍ଷେପ ନେବା ପାଇଁ ସାଂସଦ ପ୍ରତିନିଧିମଣ୍ଡଳ ଅନୁରୋଧ କରିଛନ୍ତି।

ଏହା ଉପରେ ବିସ୍ତୃତ ସୂଚନା ଦେଇ ବିଜେପି ସାଂସଦଙ୍କ ପକ୍ଷରୁ ଦିଆଯାଇଥିବା ଦାବି ପତ୍ରରେ କୁହାଯାଇଛି ଯେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବଢୁଥିବା ଏୟାର ଟ୍ରାଫିକ ଏବଂ ଘରୋଇ ଏବଂ ଅନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ବଢୁଥିବା କାରଣରୁ ନୂଆ ଘରୋଇ ଟର୍ମିନାଲ ବିଲଡିଂ-୩ ପାଇଁ ମଞ୍ଜୁର ଦିଆଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ପୂର୍ବ ଭାରତରେ ଏହି ବିମାନବନ୍ଦରର ଚାହିଦା ବୃଦ୍ଧି ପାଇବ। ଶିଳ୍ପ ସମୃଦ୍ଧ ସହର ଝାରସୁଗୁଡ଼ାରେ ଯାତ୍ରୀଙ୍କ ଯାତାୟତ ପାଇଁ ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଫେଜ୍ -୨ର ନବୀକରଣ କାମ ନିତାନ୍ତ ଜରୁରୀ। ବିମାନ ଚଳାଚଳ ଗବେଷଣା କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା କଟକର ଚରବାଟିଆ। ଏୟାରଫିଲ୍ଡ ଜନସାଧାରଣଙ୍କ ସ୍ୱାର୍ଥକୁ ପୂରଣ କରିବ। ରାଜ୍ୟର ପ୍ରମୁଖ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର ଅନୁଗୁଳ ତାଳଚେରର ଖଣିଜ ଅଞ୍ଚଳ, କଳିଙ୍ଗନଗରର ଇସ୍ପାତ କେନ୍ଦ୍ର ଏବଂ ଦେଶର ସର୍ବବୃହତ ବନ୍ଦର ପାରାଦୀପ ନିକଟରେ ରହିଥିବା ବେଳେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ କ୍ୟାପିଟାଲ ରିଜିଅନ୍ ରିଙ୍ଗରୋଡ୍ କାମ ଚାଲୁଥିବା କାରଣରୁ ଏହି ପଦକ୍ଷେପ ଓଡ଼ିଶାର ଶିଳ୍ପ ବିକାଶରେ ସହାୟକ ହେବ। ଶ୍ରୀଜଗନ୍ନାଥ ଧାମ ପୁରୀରେ ରାଜ୍ୟ ସମେତ ଦେଶ ବାହାରୁ ଲକ୍ଷାଧିକ ପର୍ଯ୍ୟଟନ ଓ ତୀର୍ଥଯାତ୍ରୀଙ୍କ ଆଗମନ ହେଉଛି। ପୁରୀରେ ବିମାନ ବନ୍ଦର ପ୍ରତିଷ୍ଠା ହେଲେ ତୀର୍ଥଯାତ୍ରୀମାନଙ୍କୁ ସିଧାସଳଖ ଏବଂ ନିରନ୍ତର ବିମାନସେବା ମିଳିପାରିବ। ସେହିପରି ଅନ୍ୟାନ୍ୟ ବିମାନବନ୍ଦରର ସମ୍ପ୍ରସାରଣ ଓ ନବୀକରଣ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ମିଶନରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ବିମାନ ଯୋଗାଯୋଗ କ୍ଷେତ୍ରରେ ଏକ ବଡ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ରାଜ୍ୟର ଅର୍ଥନୀତି ଆହୁରି ମଜବୁତ୍ ହେବା ସହ ରୋଜଗାର ସୁଯୋଗ, ପର୍ଯ୍ୟଟନ ଏବଂ ବାଣିଜ୍ୟ ବ୍ୟବସାୟରେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ତିଆରି କରିପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

# ଜନ ଅଭିଯୋଗ ଶୁଣାଣି ଶିବିର

ଭୁବନେଶ୍ୱର, ୧୯।୧୨ (ମହାଭାରତ): ଜନ ସାଧାରଣଙ୍କୁ ହାତ ପାଆନ୍ତାରେ ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଓ ସମସ୍ୟା ଗୁଡ଼ିକୁ ସମାଧାନ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଓ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସ୍ତରରୁ, ଜିଲ୍ଲା,ବ୍ଲକ ଏବଂ ଗ୍ରାମ ପଂଚାୟତ ସ୍ତର ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମାଧାନ କରାଯାଉଅଛି। ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜନ ସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ କରିବାରେ ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ କ୍ଷ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ସମସ୍ତ ଅଧିକାରୀ ନିଷ୍ଠା ଓ ଆନ୍ତରିକତା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସମାଜର ତୃଣମୂଳ ସ୍ତରରୁ ଆସୁଥିବା ଅଭିଯୋଗ ଗୁଡ଼ିକୁ ସମାଧାନ କରିବାକୁ ଆଜି ପୂର୍ବାହ୍ନରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜୟଦେବ ଗ୍ରାମ ପଂଚାୟତ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ମିଳିତ ଜନ ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତ ଗୁଡ଼ିକ ଉପରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୧୯।୧୨ (ମହାଭାରତ): ଭୁବନେଶ୍ୱରର ପୂର୍ବତଟ ରେଳପଥ ମୁଖ୍ୟାଳୟ, ରେଳ ସଦନ ଠାରେ ହାଇ-ଟେକ୍ ମେଡିକାଲ ଦ୍ୱାରା ଆୟୋଜିତ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଯାଇଅଛି । ରେଳ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ଏହି ଶିବିରକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଉଦ୍ଘାଟନ କରିଥିଲେ। ଏହି ପଦକ୍ଷେପ ମୁଖ୍ୟାଳୟର କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯାଇଥିଲା ସାଧାରଣ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ, ରକ୍ତଚାପ ମନିଟରିଂ ଏବଂ ଅନ୍ୟାନ୍ୟ ଜରୁରୀ ନିରାକରଣ ସେବା ସହିତ ଏହି ଶିବିରରେ ବିଭିନ୍ନ ପ୍ରକାରର ଡାକ୍ତରୀ ଯାଞ୍ଚ ପ୍ରଦାନ କରାଯାଇଥିଲା, ଯାହା ଦ୍ୱାରା କର୍ମଚାରୀମାନେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ।

# ରମାଦେବୀ ବିଶ୍ୱବିଦ୍ୟାଳୟରେ ୧୦୮ ଫୁଟର ଜାତୀୟ ପତାକା

ଭୁବନେଶ୍ୱର, ୧୯।୧୨ (ମହାଭାରତ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ ଆଗରେ ଆଜି ୧୦୮ ଫୁଟ ଉଚ୍ଚତାର ଖମ୍ବ ଉପରେ ୨୫ ଫୁଟ ଲମ୍ବ ଓ ୨୪ ଫୁଟ ଓସାରର ଜାତୀୟ ପତାକା ଉତ୍ତୋଳନ କରାଯାଇଅଛି । ଫ୍ଲାଗ ଇଣ୍ଡିଆ। ପ୍ରତିଷ୍ଠାନର ପ୍ରୋତ୍ସାହନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏହାକୁ ଆୟୋଜନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢୀ, କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରୋଟୋକଲ ଅନୁଯାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହା ପରେ ଅଡିଟୋରିୟମରେ ଏକ ସଭା ଅନୁଷ୍ଠିତ ହୋଇଥିଲ । । ସଭାରେ ମୁଖ୍ୟ ଅତିଥି କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ମା' ରମାଦେବୀ ସମଗ୍ର ଦେଶରେ ପରିଚିତ ଏବଂ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ । ମାତୃଶକ୍ତି ଚିରବନ୍ଦନୀୟ । ଏହି ପରିପ୍ରେକ୍ଷୀରେ ସେ ରାମାୟଣର ମାତା ସୀତାଙ୍କ କଥା ଉଲ୍ଲେଖ କରିଥିଲେ । ବେଦପୁରାଣରେ ମଧ୍ୟ ଦେବଦେବୀମାନଙ୍କୁ ସେମାନଙ୍କ ମା'ଙ୍କ ପରିଚୟରେ ଜଣା ଯାଉଥିଲା । ସେହିଭଳି ଭାରତ ବର୍ଷରେ ଆମେ ମାତୃଭୂମିକୁ ମଧ୍ୟ ମା' ବୋଲି ମାନି ଆରାଧନା କରିଥାଉ । ଓଡ଼ିଶାର ଇତିହାସ ଅତି ସମୃଦ୍ଧ । ନାରୀଜାତିର ଅଗ୍ରଗତି ଆମ ଇତିହାସର ମୂଳ ପିଣ୍ଡରେ ଅଛିବୋଲି ସେ କହିଥିଲେ । ଏହା ଆମ ଇତିହାସ ଓ ସଂସ୍କୃତିର ଶକ୍ତି । ଛାତ୍ରୀ ଙ୍କୁ ଦେଶ ତଥା ବିଶ୍ୱର ଇତିହାସ ଜାଣିବା ସହ ଓଡ଼ିଶାର ଗୌରବ ମୟ ଇତିହାସ ଜାଣିବାକୁ ସେ ପରାମର୍ଶ ଦେଇଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ବାଚସ୍ପତି ସୁରମା ପାଢୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ଭାବେ ଗର୍ବ ଅନୁଭବ କରନ୍ତି ବୋଲି କହିବା ସହ ଆଜି ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ପତାକା ଆରୋହଣ ବର୍ଷତମାମ୍ ଛାତ୍ରୀମାନଙ୍କ ମଧ୍ୟରେ ଜାତୀୟତାବାଦ ଉଦ୍ରେକ କରିବ ବୋଲି କହିଥିଲେ । ମା' ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀରେ ବର୍ଷ ବ୍ୟାପି କାର୍ଯ୍ୟକ୍ରମ ପାଳନର ଯୋଜନା ପାଇଁ ସେ କୁଳପତି ଓ ଅନ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ । ୨୦୩୬ରେ ଓଡ଼ିଶାର ରାଜ୍ୟଗଠନର ଶତବାର୍ଷିକୀ ପାଳନ ଅବସରରେ ମା' ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶ ସଭିଙ୍କୁ ନିଶ୍ଚୟ ଅନୁପ୍ରାଣିତ କରିବ । ଯେଉଁ ଭଉଣୀମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ତାଙ୍କ ପାଇଁ ଆମେ ସମସ୍ତେ କାମ କରିବା ଉଚିତ ବୋଲି ସେ କହିଥିଲେ । ସାଂସଦେ ତଥା ଫ୍ଲାଗ ଇଣ୍ଡିଆ। ପ୍ରତିଷ୍ଠାନର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବକ୍ତବ୍ୟ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ସେ ୧୫୮ତମ ଜାତୀୟ ପତାକା ଧ୍ୱଜା ରୋହଣ ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇଥିଲେ ତଥା ମା' ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶକୁ ସ୍ମରଣ କରିଥିଲେ । କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ମେଜର ଅସୀମ କୋହଲି ବକ୍ତବ୍ୟ ରଖିଥିଲେ ।

# ଆନ୍ତଃ ମଣ୍ଡଳୀୟ ସାଂସ୍କୃତିକ ନୃତ୍ୟ

ଖୋର୍ଦ୍ଧା, ୧୮।୧୨ (ସ୍ୱାଧିକାର ନ୍ୟୁଜ): ଟ୍ରାଫିକ୍ କଲୋନୀ ସ୍ଥିତ ରେଲୱେ କଲ୍ୟାଣ ମଣ୍ଡପରେ, ଖୋର୍ଦ୍ଧାରୋଡ଼ ମଣ୍ଡଳ ଦ୍ୱାରା ଆନ୍ତ ମଣ୍ଡଳୀୟ ସାଂସ୍କୃତିକ - ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଛି। ପୂର୍ବ ତଟ ରେଲୱେ ର ତିନୋଟି ଡିଭିଜନ୍ ଯଥା ବିଶାଖାପାଟନମ୍, ସମ୍ବଲପୁର, ଖୋର୍ଦ୍ଧାରୋଡ଼ ଏବଂ ଜୋନାଲ ମୁଖ୍ୟାଳୟ ର ସାଂସ୍କୃତିକ ଦଳ ଏହି ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏହି ଉତ୍ସବରେ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍.ବାଜୱା ଏବଂ ପୂର୍ବ ତଟ ରେଲୱେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶ୍ରୀମତୀ ଗୁର୍ ସିମ୍ରନ୍ କୌ, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସୁଭ୍ରା ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା), ମହିଳା କଲ୍ୟାଣ ସଂଗଠନର ସଦସ୍ୟ ଏବଂ ଅନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ। ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ନେଇ ଚାରୋଟି ସାଂସ୍କୃତିକ ଦଳ ମଧ୍ୟରେ ଶାସ୍ତ୍ରୀୟ ଏକକ ନୃତ୍ୟ ଏବଂ ଗୋଷ୍ଠୀ ନୃତ୍ୟ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା ବିଜେତା ମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ବଣ୍ଟନ କରିଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାଂସ୍କୃତିକ କାର୍ଯ୍ୟକଳାପ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଆନ୍ତ ବିଭାଗୀୟ ସାଂସ୍କୃତିକ ପ୍ରତିଯୋଗିତାରେ, ଜୋନାଲ ହେଡ କ୍ୱାର୍ଟରରୁ ଅଫିସ୍ ଅଧୀକ୍ଷକ ଶ୍ରୀ ସଞ୍ଜୀବ ଦେବ୍, ଶାସ୍ତ୍ରୀୟ ଏକକ ନୃତ୍ୟ ପ୍ରତିଯୋଗିତାରେ ବିଜେତା ହୋଇଥିଲେ ଏବଂ ସମ୍ବଲପୁର ବିଭାଗର ସାଂସ୍କୃତିକ ଦଳ, ଗୋଷ୍ଠୀ ନୃତ୍ୟ ପ୍ରତିଯୋଗିତାରେ ବିଜେତା ହୋଇଥିଲେ।

## ଭାରତ ବିରୋଧୀ ଅଭିଯାନ

ବାଂଲାଦେଶର କିଛି ମୌଳବାଦୀ ସଙ୍ଗଠନ ଏବଂ ବ୍ୟକ୍ତି ସେଠାକାର ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ଟାର୍ଗେଟ କରୁଛନ୍ତି । ଅନେକଙ୍କୁ ହତ୍ୟା କରାଗଲାଣି । ଅନେକଙ୍କ ଘର ଜାଳି ଦିଆଯାଇଛି । ଅନେକ ମନ୍ଦିର ଉପରେ ଆକ୍ରମଣ ହେଉଛି । କିନ୍ତୁ ସେମାନେ ଜାଣିବା ଉଚିତ ଯେ, ସବୁ ହିନ୍ଦୁ ଭାରତୀୟ ନୁହଁନ୍ତି ବା ସବୁ ଭାରତୀୟ ହିନ୍ଦୁ ନୁହଁନ୍ତି । ସେଠାରେ ବାସ କରୁଥିବା ହିନ୍ଦୁମାନେ ଭାରତର ନୁହେଁ, ବାଂଲାଦେଶର ବାସିନ୍ଦା । ସେଠାକାର ନାଗରିକ । ସେମାନଙ୍କୁ ଭାରତର ସମର୍ଥକ ବୋଲି ବିଚାର କରିବାର କିଛି ଯଥାର୍ଥତା ନାହିଁ । ସବୁଠାରୁ ଚିନ୍ତାର ବିଷୟ ହେଲା କେବଳ କିଛି ବ୍ୟକ୍ତି ବା ସଙ୍ଗଠନ ନୁହେଁ, ଖୋଦ ସରକାର ନିଜେ ମଧ୍ୟ ଏଥିରେ ପକ୍ଷଭୁକ୍ତ ହୋଇଯାଇଛନ୍ତି । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ମହମ୍ମଦ ୟୁନୁସ ପ୍ରତିଦିନ ଭାରତ ବିରୋଧରେ ବିଷ ଓଗାଳୁଛନ୍ତି । ଭାରତ ତାଙ୍କର କିଛି କ୍ଷତି କରିନାହିଁ ବା ତାଙ୍କୁ କେବେ ଅସମ୍ମାନୀତ କରିନି । ବାଂଲାଦେଶ ସୃଷ୍ଟି ହେବାଠାରୁ ଆରମ୍ଭ କରି ଏହାକୁ ପ୍ରତିଷ୍ଠିତ କରାଇବାରେ ଭାରତର ଭୂମିକାକୁ ସାରା ବିଶ୍ୱବାସୀ ଜାଣିଛନ୍ତି । କିନ୍ତୁ ଯିଏ କୃତଘ୍ନ ସେ ତା ଚରିତ୍ର ବଦଳାଇପାରିବ ନାହିଁ । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ମୂଳରୁ ହାସିନାଙ୍କ ନୀତିର ବିପରୀତ କାର୍ଯ୍ୟ କରୁଛନ୍ତି । ନିକଟରେ ବାଂଲାଦେଶ ସରକାରଙ୍କ ଆଟର୍ଣ୍ଣି ଜେନରାଲ ଦେଶର ସମ୍ବିଧାନରୁ ଧର୍ମନିରପେକ୍ଷତା ଶବ୍ଦ ହଟାଇବାକୁ ଏବଂ ବାଂଲାଦେଶର ପ୍ରତିଷ୍ଠାତା ଶେଖ ମୁଜିବୁର ରହମାନଙ୍କୁ ଦେଶର ପିତା ଭାବେ ଦିଆଯାଇଥିବା ମାନ୍ୟତାକୁ ହଟାଇବା ନିମନ୍ତେ ଦାବି କରିଛନ୍ତି । ମାମଲା କୋର୍ଟରେ ଅଛି । ଆଜି ନହେଲେ କାଲି ବାଂଲାଦେଶ ଏକ ଇସଲାମିକ ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି । ଆଉ ଦେଶରୁ ହିନ୍ଦୁମାନଙ୍କୁ ବିଦା କରିବା ପାଇଁ ସେଠାକାର ସରକାର ଯୋରଦାର ପ୍ରୟାସ କରୁଛନ୍ତି । ନିକଟରେ ବାଂଲାଦେଶରେ ଇସ୍କାନ ମୁଖ୍ୟ କୃଷ୍ଣ ଦାସ ବ୍ରହ୍ମଚାରୀଙ୍କୁ ଦେଶଦ୍ରୋହ ଅପରାଧରେ ଗିରଫ କରାଯାଇଛି । ତାଙ୍କ ବିରୋଧରେ ଅଭିଯୋଗର ପ୍ରାଥମିକ ପ୍ରମାଣ ନଥିଲେ ମଧ୍ୟ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି । ପରେ ପରେ ଅନ୍ୟ ଦୁଇ ଜଣ ହିନ୍ଦୁ ପୂଜକଙ୍କୁ ମଧ୍ୟ ଗିରଫ କରାଯାଇଛି । ଆଉ ସେମାନଙ୍କ ପାଇଁ କୋର୍ଟରେ ଲଢ଼ିବାକୁ କେହି ଓକିଲ ମିଳୁନାହାଁନ୍ତି । ଯିଏ ତାଙ୍କ ସପକ୍ଷରେ କୋର୍ଟରେ ଲଢ଼ିବ ତାଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଉଛି । ଏଥିରୁ ଦେଶର ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ । ମହମ୍ମଦ ୟୁନୁସ କେବଳ ଏକ କାଠ କଣ୍ଢେଇ ଭଳି ବସିଛନ୍ତି । ତାଙ୍କ ପ୍ରତି କାହାର ସମ୍ମାନ ବା ସ୍ୱୀକୃତି ନାହିଁ । ବାଂଲାଦେଶ ହାଇକୋର୍ଟରେ ଇସ୍କନକୁ ଦେଶରେ ନିଷିଦ୍ଧ କରିବା ପାଇଁ ଏକ ପିଟିସନ ଦାଖଲ ହୋଇଥିଲା । କିନ୍ତୁ କୋର୍ଟ ଏହାକୁ କାରଜ କରି ଦେଇଛନ୍ତି । ଇସ୍କନ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଅଭିଯୋଗର କୌଣସି ପ୍ରମାଣ ନାହିଁ । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରର କାହାଣୀ ବେଶ ଲମ୍ବା । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ବିଶ୍ୱର ପ୍ରମୁଖ ମାନବାଧିକାର ସଙ୍ଗଠନ ଗୁଡ଼ିକ ଏଥିନେଇ ନିରବ ରହିଛନ୍ତି । ଯେଉଁମାନେ ମଣିପୁରରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଉଛି ବୋଲି ପାଟି କରୁଥିଲେ, ସେମାନେ ମୁହଁ ଲୁଚାଉଛନ୍ତି । ଯେଉଁମାନେ କୃଷକ ଆନ୍ଦୋଳନକୁ ସମର୍ଥନ କରି ହିଂସାକୁ ସ୍ୱାଭାବିକ ପ୍ରତିକ୍ରିୟା ବୋଲି କହୁଥିଲେ, ସେମାନେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରକୁ କାହିଁକି ନିନ୍ଦା କରୁ ନାହାଁନ୍ତି ? ଏହା ସେମାନଙ୍କର ଦୋମୁହାଁ ନୀତିକୁ ପ୍ରମାଣିତ କରୁଛି ।

# ପୃଷ୍ଟିଶସ୍ୟ ଏବଂ ଆମ ସ୍ୱାସ୍ଥ୍ୟ

**॥ ମୌଲାନା ଫଜଲ ହକ ଖାଁ ॥**

*ଖାଦ୍ୟ ନା କେବଳ ମଣିଷର ମୌଳିକ ଆବଶ୍ୟକତା ପୂରଣ କରେ ବରଂ ଅପପୃଷ୍ଟି ସହିତ ଲଢେଇ କରିବା ଦିଗରେ ସହାୟକ ହୋଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟସର୍ଭେ (ଘଐରଝ-୫) ରିପୋର୍ଟକୁ ଅନୁଧ୍ୟାନ କଲେ ଜଣା ପଡେ ଆଜିବି ଭାରତରେ ୧୫ ରୁ ୪୯ବର୍ଷ ବର୍ଗରେ ଥିବା ମହିଳାମାନଙ୍କ ମଧ୍ୟରୁ ୫୭ ପ୍ରତିଶତ କୁପୋଷଣର ଶିକାର ଅଟନ୍ତି । ସେହିଭଳି ଅନେକ ଉଦ୍ୟମ ପରେ ମଧ ଆଜିବି ଆମ ଦେଶରେ ଶିଶୁମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ହାର ଯଥାକ୍ରମେ ୨୭ ଏବଂ ୯୭ ଅଟେ ।*

ଅପପୃଷ୍ଟି, କୁପୋଷଣ, ରକ୍ତହିନତା ତଥା ମଧୁମେହ ରୋଗରେ ଆମ ଦେଶର ଅର୍ଦ୍ଧାଧିକ ଲୋକ କବଳିତ । ଛୋଟପିଲା, ମହିଳା, ଧନୀ, ଗରିବ କେହି ବାଦ୍ ପଡି ନାହାଁନ୍ତି । ଯେତେ ମାତ୍ରାରେ ରୋଗ ଏବଂ ରୋଗୀଙ୍କ ସଂଖ୍ୟା ବଢିଚାଲିଛି ସେଥିପାଇଁ ସରକାରୀ ଡାକ୍ତରଖାନା ପର୍ଯ୍ୟାପ୍ତ ନୁହେଁ, ଫଳରେ ବଢିଚାଲିଛି ବେସରକାରୀ ଡାକ୍ତରଖାନା । ଗୋଟିଏ ପରିବାରର

ଆୟର ୨୦-୨୫ ପ୍ରତିଶତ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହୋଇଯାଉଛି । ଯଦି କ୍ୟାନସର୍ ପରି ଦୂରା ରୋଗ ଆସିଯାଏ ତେବେ ଉକ୍ତ ପରିବାର ତଳିତଳାନ୍ତ ହେଇଯାଉଛନ୍ତି । ବଢି ଚାଲିଛି ବ୍ୟାପାର । ବଢିଚାଲିଛି ମଧୁମେହ ରୋଗୀଙ୍କ ସଂଖ୍ୟା । ରୋଗ ସହନଶୀଳତା ବା ପ୍ରତିରକ୍ଷା ଶକ୍ତି କମି କମି ଯାଉଛି ଯାହାର ଜ୍ୱଳନ୍ତ ଉଦାହରଣ ଆମେ କରୋନା ସମୟରେ ଦେଖିଲେ । ଅନେକ ଗବେଷକଙ୍କ ମତରେ ଆମର ଖାଦ୍ୟ ହେଉଛି ଅନେକ ରୋଗର କାରଣ । ଆମକୁ ଅନୁସଂନ୍ଧାନ କରିବାକୁ ପଡୁଛି ମାନବ ସମାଜରେ ବଢିଚାଲିଥିବା ରୋଗରୁ କେଉଁ ଖାଦ୍ୟ ବଞ୍ଚାଇ ପାରିବ ? ଏହିପରି ଅନେକ ପ୍ରଶ୍ନ ଉଙ୍କିମାରେ ସଚେତନ ବୁଦ୍ଧିଜୀବି ଏବଂ ନାଗରିକଙ୍କ ମନରେ । ବହୁତ ଆଶ୍ୱସ୍ତି ଲାଗେ ଖବରକାଗଜ ଏବଂ ଟିଭିରେ ଓଡିଶା ସରକାରଙ୍କର ମିଲେଟ୍ ମିଶନ୍ ସମ୍ବନ୍ଧୀୟ ସମ୍ବାଦ ଦେଖିଲେ । ଭାରତ ସରକାରଙ୍କ ପ୍ରଚେଷ୍ଟାରେ ଆଜି ସାରା ଦୁନିଆଁ ପୃଷ୍ଟି ଶସ୍ୟର ଉପକାରିତାକୁ ହୃଦ୍‌ବୋଧ କରି ୨୦୨୩ ମସିହାକୁ ଆନ୍ତର୍ଜାତୀୟ ପୃଷ୍ଟିଶସ୍ୟ ବର୍ଷରୂପେ ପାଳନ କରିବା ନିମନ୍ତେ ଆହ୍ୱାନ କରିଛନ୍ତି । ଏହା ସହିତ ଖୁସିର ବିଷୟ ହେଉଛି ଦୀର୍ଘ ୨୫ ବର୍ଷ ଧରି ପୃଷ୍ଟି ସ୍ୱାସ୍ଥ୍ୟଗତ ଉପକାରିତା ଉପରେ ଗବେଷଣା ତଥା ସଚେତନତା କରିଆସୁଥିବା ଡ. ଖାଦର ଭାଲିଙ୍କୁ ଭାରତ ସରକାର ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରିବା ପାଇଁ ଘୋଷଣା କରିଛନ୍ତି ।

ଖାଦ୍ୟ ନା କେବଳ ମଣିଷର ମୌଳିକ ଆବଶ୍ୟକତା ପୂରଣ କରେ ବରଂ ଅପପୃଷ୍ଟି ସହିତ ଲଢେଇ କରିବା ଦିଗରେ ସହାୟକ ହୋଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟସର୍ଭେ (ଘଐରଝ-୫) ରିପୋର୍ଟକୁ ଅନୁଧ୍ୟାନ କଲେ ଜଣା ପଡେ ଆଜିବି ଭାରତରେ ୧୫ ରୁ ୪୯ବର୍ଷ ବର୍ଗରେ ଥିବା ମହିଳାମାନଙ୍କ ମଧ୍ୟରୁ ୫୭ ପ୍ରତିଶତ କୁପୋଷଣର ଶିକାର ଅଟନ୍ତି । ସେହିଭଳି ଅନେକ ଉଦ୍ୟମ ପରେ ମଧ ଆଜିବି ଆମ ଦେଶରେ ଶିଶୁମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ହାର ଯଥାକ୍ରମେ ୨୭ ଏବଂ ୯୭ ଅଟେ । ଏହିପରି ଗମ୍ଭୀର ପରିସ୍ଥିତିକୁ ମୁକାବିଲା କରିବାକୁ ହେଲେ ଆମ ପ୍ଲେଟରେ ଥିବା ଖାଦ୍ୟଶସ୍ୟକୁ ପରିବର୍ତ୍ତନ କରିବା ଅପରିହାର୍ଯ୍ୟ । ଆମ ଦୈନନ୍ଦିନ ଖାଦ୍ୟରେ ଧାନ, ଗହମ, ମକା ଭଳି ପ୍ରଧାନ ଖାଦ୍ୟର ବିକଳ୍ପ ହିସାବରେ ପୃଷ୍ଟିଶସ୍ୟକୁ ପ୍ରମୁଖ ଖାଦ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ବଢିଯାଇଛି । ଅନୁସଂଧାନରୁ ଜଣାପଡିଛି ଯେ ଧାନ, ଗହମ, ମକା ପରିବର୍ତ୍ତେ ବାଜରା, ମାଣ୍ଡିଆ, କାଙ୍ଗୁ, କୋଦ, ସୁଆଁ ଏବଂ ଜଅର ଅପପୃଷ୍ଟି ରୋକିବାରେ ସହାୟକ ହେଉଥିବା ବେଳେ ମଧୁମେହ ଭଳି ରୋଗକୁ ମୁକାବିଲା କରିବା ନିମନ୍ତେ ସମର୍ଥ ଅଟେ । ସାଧାରଣ



ଲୋକଙ୍କ ଅବଗତ ନିମନ୍ତେ ସୂଚିତ କରାଯାଇ ପାରେ ଯେ ଉପରୋକ୍ତ ପାଞ୍ଚ ପ୍ରକାର ପୃଷ୍ଟିଶସ୍ୟରେ ଭରପୂର ରହିଛି ପୃଷ୍ଟିସାର, ଜିବନିକା, ଖଣିଜ ଲବଣ, ଲୌହ ତଥା କ୍ୟାଲସିୟମ୍ । ବାଜରାରେ ଅଧିକ ପରିମାଣରେ ଲୌହ ଏବଂ କ୍ଷୀର ଠାରୁ ଦୁଇଗୁଣ ଅଧିକ ସ୍ନେହସାର ରହିଅଛି । ତେଣୁ ଏହା ଏକ ଅତ୍ୟନ୍ତ ପୁଷ୍ଟିକର ଖାଦ୍ୟ । ସେହିଭଳି ମାଣ୍ଡିଆରେ ମଧ ଭରପୂର ଭାବେ କ୍ୟାଲସିୟମ୍ ରହିଅଛି ।

କୋଦରେ ଗହମ ଏବଂ ମକା ଅପେକ୍ଷା ଅଧିକ ମାତ୍ରାରେ ତନ୍ତୁ ରହିଥାଏ ଫଳରେ ହଜମ କରିବାରେ ସହାୟକ ହୋଇଥାଏ । ଏଇ ସମସ୍ତ ଖାଦ୍ୟ ଶସ୍ୟରେ କମ୍ ମାତ୍ରାରେ ଗ୍ଲାଇସେମିକ୍ ଥିବାରୁ ମଧୁମେହକୁ ନିୟନ୍ତ୍ରଣ କରିବାରେ ସହାୟକ ଆନ୍ତର୍ଜାତିକ ପୃଷ୍ଟିଶସ୍ୟବର୍ଷ ଉପକ୍ଷେକ୍ଷ ହୋଇଥାଆନ୍ତି । ଗ୍ଲାଇସେମିକ୍ ଇନଡେକ୍ସ ଏକ ସୂଚନାଙ୍କ ଯାହାଦ୍ୱାରା ଆମେ ଖାଉଥିବା ଖାଦ୍ୟରେ ଥିବା ଶ୍ୱେତସାର ଆମ ଶରୀରରେ ବ୍ଲଡସୁଗାରକୁ କିପରି ପ୍ରଭାବିତ କରିଥାଏ ତାହା ଆମେ ଜାଣିପାରିବା । ଗ୍ଲାଇସେମିକ୍ ଇନଡେକ୍ସ ୧ ରୁ ୧୦୦ ମଧ୍ୟରେ ସୂଚିତ କରେ । ଚାଉଳ ଏବଂ ଗହମ ପ୍ରସ୍ତୁତ ଖାଦ୍ୟରେ ଗ୍ଲାଇସେମିକ୍ ଇନଡେକ୍ସ ଯଥାକ୍ରମେ ୬୮ ଏବଂ ୬୨ ଥାଏ । ଯଦି ଚାଉଳ ଏବଂ ଗହମ ପ୍ରସ୍ତୁତ ଖାଦ୍ୟ ମିଶାଯାଏ ତେବେ ଗ୍ଲାଇସେମିକ୍ ଇନଡେକ୍ସ ୭୫ ରୁ ୮୭ ପର୍ଯ୍ୟନ୍ତ ବଢିଯାଏ । ପୃଷ୍ଟିଶସ୍ୟ ଗୁଡିକର ଗ୍ଲାଇସେମିକ୍ ଇନଡେକ୍ସ ହେଉଛି ୫୨ ଯାହାକି ଚାଉଳ ଏବଂ ଅଟା ଠୁ କମ୍ ଅଟେ । ପୃଷ୍ଟିଶସ୍ୟରେ ଥିବା ତନ୍ତୁ ଆମକୁ ସୁସ୍ଥ ରଖିବା ସହିତ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ପୃଷ୍ଟିଶସ୍ୟ ଥିବା ତନ୍ତୁ ଦୁଇ ପ୍ରକାରର ଯଥା ରକ୍ତରେ ମିଶିପାରୁଥିବା ତନ୍ତୁ ଏବଂ ରକ୍ତରେ ମିଶିପାରୁ ନଥିବା ତନ୍ତୁ । ପାଚନ ହୋଇ ରକ୍ତରେ ମିଶି ପାରୁଥିବା ତନ୍ତୁ ପ୍ରୋବାଇଓଟିକ୍ ହିସାବରେ କାମ କରେ ଏବଂ ଏଥିରେ ଉପକାରୀ ଜୀବାଣୁ ଗୁଡିକ ବଢିଥାନ୍ତି । ହଜମ ହୋଇପାରୁନଥିବା ତନ୍ତୁର ମଧ ଉପାଦେୟତା ଅଛି । ଏହି ତନ୍ତୁ ମଳକୁ କଠିନ ହେବାକୁ ଦେଇ ନଥାଏ ଏବଂ ପୃଷ୍ଟିଶସ୍ୟ ଖାଇବା ଦ୍ୱାରା ମଳଗହ୍ୱର କର୍କଟ ରୋଗର ଆଶଙ୍କା କମ୍ ରହିଥାଏ ।

ପୃଷ୍ଟିଶସ୍ୟରେ ହଜମ ହୋଇପାରୁଥିବା ତନ୍ତୁ କ୍ଷତିକାରକ ଟ୍ରାଇଗ୍ଲିସେରାଇଟ୍‌ର ମାତ୍ରା କମାଇଥାଏ ଏବଂ ଆମ ହୃତପିଣ୍ଡକୁ ସୁସ୍ଥ ରଖିବାରେ ସାହାର୍ଯ୍ୟ କରେ । ପୃଷ୍ଟିଶସ୍ୟ କୁ ଆହାର ହିସାବରେ ଗ୍ରହଣ କରିବା ର ମୂଳଲକ୍ଷ୍ୟ ହେଉଛିଯେ ଆମେ ସୁସ୍ଥ ରହିବା ଏବଂ ବିଭିନ୍ନ ରୋଗକୁ ମୁକାବିଲା କରିପାରିବା । ସ୍ୱାଦିଷ୍ଟ କରିବା ପାଇଁ ପୃଷ୍ଟି ଶସ୍ୟ ପ୍ରସ୍ତୁତ ଖାଦ୍ୟରେ ଅଧିକ ଲୁଣ, ଚିନି ବା ତେଲ ତଥା ରାସାୟନିକ ଫ୍ଲେଭର ବ୍ୟବହାର କରିବା ଅନୁଚିତ, କାରଣ ଏହାଦ୍ୱାରା ପୃଷ୍ଟି ଶସ୍ୟର ପୃଷ୍ଟିଗତ ଗୁଣବତ୍ତା ନଷ୍ଟ ହୋଇଯାଏ । ସେହିପରି ରାସାୟନିକ ସାର ଔଷଧ ଆଦି ପ୍ରୟୋଗ କରି ପୃଷ୍ଟି ଶସ୍ୟ ଚାଷ କରିବା ଅନୁଚିତ । ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କଲେ ପୃଷ୍ଟିଶସ୍ୟର ପୃଷ୍ଟିଗତ ଉପାଦେୟତା ମିଳିପାରିବ । ଏଣୁ ପୃଷ୍ଟିଶସ୍ୟକୁ ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କରାଯାଉ । ଗ୍ରାହକ ମାନେ ଦିନେ ଅଧେ ନୁହେଁ ସବୁଦିନେ ପୃଷ୍ଟିଶସ୍ୟ ପ୍ରସ୍ତୁତ ଖାଦ୍ୟ ଖାଇବା ପାଇଁ ନିଷ୍ପତି ନିଅନ୍ତୁ । ଖୋଲା ହାଟ ବଜାରରେ ପୃଷ୍ଟିଶସ୍ୟର ବିକ୍ରିବଟା ବଢିଲେ ପୃଷ୍ଟିଶସ୍ୟ ଚାଷ କ୍ଷେତ୍ର ବଢିବ ଏବଂ ଚାଷୀମାନେ ଉପକୃତ ହେବେ ।

ମୋ-୯୪୩୮୭୪୭୩୨୦

# ସଡ଼କ ଦୁର୍ଘଟଣାରେ ବର୍ଷକୁ କ୍ଷତି ୧୫୦୦ କୋଟି

**॥ ଅଲେଖ ଚନ୍ଦ୍ର ସାମଲ ॥**

ସଡ଼କ ନିରାପତ୍ତା ସଂକ୍ରାନ୍ତରେ ରାଜ୍ୟ ସରକାର ସଚେତନ ହେଉନଥିବାରୁ ଓଡ଼ିଶାରେ ବାର୍ଷିକ ଯେତେ ଧନଜୀବନ କ୍ଷତି ହେଉଛି ତାହାର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେବ । ଅବକାରୀ, ପରିବହନ ଓ ପୁଲିସ ପ୍ରଶାସନ ଏ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମ କଲେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତାହତଙ୍କ ସଂଖ୍ୟା ୫୦%ରୁ ଅଧିକ କମିପାରିବ ବୋଲି ନିକଟରେ ଏକ ଆଲୋଚନାଚକ୍ରର ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି । ଗତ ବାର ବର୍ଷରେ ଓଡ଼ିଶାରେ ଲକ୍ଷାଧିକ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୪୦ ହଜାରରୁ ଅଧିକ ଲୋକ ମରିଛନ୍ତି ଏବଂ ୫୦ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପରିସଂଖ୍ୟାନରେ ଦର୍ଶାଯାଉଛି । ରାଜ୍ୟରେ ଯେତେ ସଂଖ୍ୟକ ସଡ଼କ ଦୁର୍ଘଟଣା ଘଟୁଛି ତାହାର ପ୍ରାୟ ୬୦% ନିଶାଜନିତ କାରଣରୁ ହେଉଥିବାବେଳେ ବେପରୁଆ ଗାଡ଼ିଚାଳନାରୁ ଅନ୍ୟୁନ ୩୦% ଦୁର୍ଘଟଣା ଘଟୁଛି ।

ଉପରୋକ୍ତ ସରକାରୀ ପରିସଂଖ୍ୟାନକୁ ହିସାବକୁ ନେଲେ ଗତ ବାର ବର୍ଷରେ ଅନ୍ୟୁନ ୨୪ ହଜାର ଲୋକ ନିଶା ଜନିତ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୩୦ ହଜାର ଲୋକ ଓଡ଼ିଶାରେ ପଙ୍ଗୁ ହୋଇଛନ୍ତି । ଏହାଛଡ଼ା ଦୁର୍ଘଟଣାଜନିତ ସମ୍ପତ୍ତିକ୍ଷୟ ମଧ ରହିଛି । ସରକାରୀ ହିସାବ ଅନୁଯାୟୀ ୨୦୧୫ ବର୍ଷରେ ଓଡ଼ିଶାରେ ୪୩୦୩ ଜଣ ସଡ଼କ ଦୁର୍ଘଟଣାରେ ମରିଥିବାବେଳେ ବର୍ଷକୁ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବିଗତ ୧୦ ବର୍ଷର ପରିସଂଖ୍ୟାନରୁ ଜଣାପଡ଼ିଛି । ରାଜପଥର ୫୦୦ ମିଟର ଦୂରତା ମଧ୍ୟରେ ମଦ ଦୋକାନ ଖୋଲିବା ଉପରେ କଟକଣା ଥିବାବେଳେ ଖୋଦ୍ ରାଜ୍ୟ ସରକାର ଏହାକୁ ବଦଳାଇ ରାଜପଥ କଡ଼ରେ ମଦ ଦୋକାନ ଖୋଲି ଚାଲିବାରୁ ହାତ ପାହାନ୍ତାରେ ସଂଖ୍ୟାଧିକ ଚାଳକ ମଦ ପିଇ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ିଚାଳନା କରିବାରୁ ବ୍ୟାପକ ସଂଖ୍ୟକ ଦୁର୍ଘଟଣା ଘଟୁଛି । ତେଣୁ ନିଶାପାନ ଜନିତ ଦୁର୍ଘଟଣା ଓ ତଦ୍‌ଜନିତ ଅପମୃତ୍ୟୁ ତଥା ଅନ୍ୟାନ୍ୟ କ୍ଷୟକ୍ଷତି ପାଇଁ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ମଦମୁକ୍ତି ଅଭିଯାନ ଆରୋପ କରିଛି । ଅର୍ଥନୀତିଜ୍ଞମାନେ କହୁଛନ୍ତି, ଓଡ଼ିଶାରେ ସଡ଼କ ଦୁର୍ଘଟଣା ଜନିତ ବାର୍ଷିକ କ୍ଷୟକ୍ଷତିର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେଉଛି । କେବଳ ସେତିକି ନୁହେଁ ଯେଉଁ ଲୋକମାନେ ଦୁର୍ଘଟଣାରେ ମରୁଛନ୍ତି କିମ୍ବା ପଙ୍ଗୁ ହେଉଛନ୍ତି ସେମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇ ଯାଉଛି । ମଦୁଆ ଗାଡ଼ିଚାଳକମାନଙ୍କୁ ଦମନ କରିବା ପାଇଁ ମୋଟର ଯାନ ଆଇନରେ କଡ଼ା ବ୍ୟବସ୍ଥା ଥିବାବେଳେ ତାହାର ଠିକଣା ଅନୁପାଳନ କରାଯାଉନାହିଁ । ରାଜ୍ୟ ସରକାର ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ୟାପକ ଅର୍ଥ ବ୍ୟୟ କରୁଥିବାବେଳେ ବାସ୍ତବରେ ସରକାର ସଚେତନ ହେଉନଥିବାରୁ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବଢୁଛି ବୋଲି ମଦମୁକ୍ତି ଅଭିଯାନରୁ ଜଣାଯାଏ ।

ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ ତ୍ରୁଟି । କିନ୍ତୁ ଏହି ତ୍ରୁଟି ପାଇଁ ଖୋରାକ ଯୋଗାଉଛି ରାସ୍ତା କଡ଼ରେ ଉପଯୁକ୍ତ ସୂଚନା ଫଳକର ଅଭାବ । ଗୁରୁତ୍ୱପୂର୍ଣ୍ଣ ରାସ୍ତା କଡ଼ରେ ସୂଚନା ଫଳକ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ । ତେବେ ସଡ଼କ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟର ଶତପ୍ରତିଶତ ସଡ଼କରେ ସଙ୍କେତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ପରିବହନ ବିଭାଗ । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦୦କିମି ରାସ୍ତାରେ ସଙ୍କେତ ବ୍ୟବସ୍ଥା ଆରମ୍ଭ ହେବ । ସଡ଼କ ସୁରକ୍ଷା ଦିଗରେ ସାଇନେଜ ଅବା ସୂଚନା ଫଳକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଗାଡ଼ି ଚାଳକମାନଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥାଏ । ଉପଯୁକ୍ତ ସଡ଼କ ଚିହ୍ନ ଏବଂ ଟ୍ରାଫିକ ସଙ୍କେତ, ସରଳ ସଡ଼କ ଇଞ୍ଜିନିୟରିଂ ପଦକ୍ଷେପ ଦୁର୍ଘଟଣାକୁ ବହୁ ମାତ୍ରାରେ ଦୂର କରିପାରିବ । କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ସିଗନାଲ ବ୍ୟବସ୍ଥା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ଜାମ ପାଇଁ ଦାୟୀ । ତେବେ ବିଳମ୍ବରେ ହେଲେ ମଧ ପରିବହନ ବିଭାଗ ରାଜ୍ୟର ବ୍ୟସ୍ତବହୁଳ ରାସ୍ତାରେ ସଠିକ ସୂଚନା ଓ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି । ସୂଚନାଯୋଗ୍ୟ ଯେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି । ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସଡ଼କ ଦୁର୍ଘଟଣା ହାର ୧୨ ପ୍ରତିଶତ ବୃଦ୍ଧି ପାଇଛି । ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ମରାମତି ହେଉଥିବା ସ୍ଥାନ, ବ୍ଲାକ ସ୍ପଟ, ବିପଦପୂର୍ଣ୍ଣ ଅଞ୍ଚଳ ସମ୍ପର୍କରେ ସୂଚନା ଫଳକ ଲାଗିବା ଆବଶ୍ୟକ । ଏହା ଗାଡ଼ି ଚାଳକଙ୍କୁ ଆଗୁଆ ସତର୍କ କରିଥାଏ । ତେବେ ଓଡ଼ିଶାର ଏପରି ସୂଚନା ଓ ସିଗନାଲ ବ୍ୟବସ୍ଥାର ଘୋର ଅଭାବ ରହିଛି । ସିଂହଭାଗ ସୂଚନା ଫଳକ ଜରାଜୀର୍ଣ୍ଣ ହୋଇଛି । ଅନେକ ସୂଚନା ଫଳକରୁ ରଙ୍ଗ ଉଡିଗଲାଣି । ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ନିଜ ନିଜ ରାସ୍ତାରେ ଉପଯୁକ୍ତ ସୂଚନା ଫଳକ ନଥିବାରୁ ଅନେକ ଲୋକ ମୃତାହତ ହେଉଛନ୍ତି ।

ଗତ ବର୍ଷ ଡିସେମ୍ବରରେ ଲୋକସଭାରେ କେନ୍ଦ୍ର ସରକାର କହିଛନ୍ତି ଯେ, ୨୦୨୨ରେ ଜାତୀୟ ରାଜପଥ ଓ ଏକ୍ସପ୍ରେସ ୱେ ଗୁଡ଼ିକରେ ଦୁର୍ଘଟଣା ଯୋଗୁଁ ୪୭,୯୪୪ ଜଣଙ୍କର ମୃତ୍ୟୁ ଘଟିଥିଲା । ୨୦୨୦ରେ ସେହି ସଂଖ୍ୟା ୫୩,୮୭୨ ଥଲା । ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ ୨୦୨୨ରେ ଦେଶରେ ସବୁପ୍ରକାର ରାସ୍ତା ଦୁର୍ଘଟଣାରେ ୧.୬୪ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା । ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାର ପ୍ରଧାନ କାରଣ ହେଲା ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ ଗାଡ଼ି ଚଳାଇବା, ଭୁଲ ପଟେ ବା ରଂ ସାଇଡରେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନରେ ତ୍ରୁଟି ଓ ଗାଡ଼ି ଗୁଡ଼ିକର ଖରାପ ଅବସ୍ଥା, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଏବଂ ମୋବାଇଲ ଫୋନ ବ୍ୟବହାର । ୨୦୨୨ରେ ଯେତିକି ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା ସେଥିରୁ ୭୦ ପ୍ରତିଶତ ଗାଡ଼ି ସ୍ପିଡ ଅଧିକ ଥିବାରୁ ହୋଇଥିଲା । ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବା ସକାଶେ ବୈଷୟିକ କୌଶଳର ଅଧିକ ବ୍ୟବହାର କରିବାକୁ ପଡ଼ିବ । ତଦ୍ୱାରା ଦୋଷୀ ଡ୍ରାଇଭର ମାନଙ୍କର ତ୍ରୁଟିକୁ ତତକ୍ଷଣାତ ଧରାଯାଇପାରିବ ଏବଂ ସେମାନଙ୍କ ପାଖକୁ ଚାଲାଣ ପଠାଇ ହେବ । ସଡ଼କ ଦୁର୍ଘଟଣା ପାଇଁ ଓଡ଼ିଶାରେ ଏହି ନୂଆ ସୂଚନା ଓ ସଙ୍କେତ ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ସହ ସଚେତନତା ମଧ ସୃଷ୍ଟି କରିବ ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୭୧୨୩

# ଛିଦ୍ରର ଭୟ - ଟ୍ରାଇପୋଫୋବିଆ

**॥ ଡାକ୍ତର ସମ୍ରାଟ କର ॥**

ସୌମ୍ୟଜିତ ବାବୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ । ସେ ମୋର ଜଣେ କଲେଜ ସମୟର ବନ୍ଧୁ । କିଛି ଦିନ ତଳେ ତାଙ୍କ ଘରୁ ତାଙ୍କ ବଡ଼ଭାଇ ମୋତେ ମୋବାଇଲ ଦ୍ୱାରା ଜଣାଇଲେ ଯେ ଇତିମଧ୍ୟରେ ସୌମ୍ୟଜିତ ଘରେ ବା ବାହାରେ କୌଣସି ଜାଗାରେ ଛିଦ୍ରକୁ ଦେଖିଲେ ତା ଭିତରେ ଏକ ପ୍ରକାର ଅହେତୁକ ଭୟ ରହୁଛି । ମୁଁ ତାଙ୍କୁ ବ୍ୟସ୍ତ ନ ହେବା ପାଇଁ କହିଲି ବାସ୍ତବରେ ଏହା ଏକ ପ୍ରକାର ମାନସିକ ରୋଗ । ତେବେ ଏହାକୁ ଏହାକୁ ନେଇ ସେତେବଡ଼ ଭୟଭୀତ ହେବାର ନାହିଁ । ମୁଁ ତାଙ୍କୁ ସବିଶେଷ ବୁଝାଇ କହିଲି ଟ୍ରାଇପୋଫୋବିଆ ନାମକ ମାନସିକ ରୋଗର ଶିକାର ହୋଇଥିବା ରୋଗୀ ସାମାନ୍ୟ ଛିଦ୍ରକୁ ଦେଖି ଭୟ କରିଥାନ୍ତି । ଷ୍ଟ୍ରବେରୀ, ମହୁଫେଣା, ସୂର୍ଯ୍ୟମୁଖୀ ଫୁଲ, ଡାଳିମ୍ବ, ସ୍ପଞ୍ଜ ଓ ଜାଲିଦାର ଜିନିଷ ଆଦିରେ ଥିବା ଛିଦ୍ରକୁ ଦେଖି ରୋଗୀ ଭୟଭୀତ ହୋଇଯାନ୍ତି । ଏଭଳି ମାନସିକ ଅବସ୍ଥାକୁ ଟ୍ରାଇପୋଫୋବିଆ କୁହାଯାଏ । ଏହାକୁ ହୋଲ୍ସ ଫୋବିଆ ମଧ କୁହାଯାଏ । ଗ୍ରୀକ୍ ଶବ୍ଦ ଟ୍ରାଇପୋ ଅର୍ଥ ହେଉଛି ଛିଦ୍ର ଏବଂ ଫୋବିଆ ହେଉଛି ଭୟ । ତେଣୁ ଏହାକୁ ଟ୍ରାଇପୋଫୋବିଆ ବା ଛିଦ୍ରର ଭୟ ବୋଲି କୁହାଯାଉଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ରୋଗୀଟି ଚାହା ଓ କଫିରେ ଥିବା ଫେଣକୁ ଦେଖି ମଧ ଭୟଭୀତ ହୋଇଯାଏ । ବହୁବର୍ଷ ପୂର୍ବରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ, ଟ୍ରାଇପୋଫୋବିଆ ଜେନେରାଲଜ୍‌ଡ ଏଙ୍ଗଜାଇଟି ଡିଜଅର୍ଡ଼ର ସହିତ ଜଡ଼ିତ । ତେଣୁ ଟ୍ରାଇପୋଫୋବିଆରେ ପୀଡ଼ିତ ରୋଗୀ ମେଜର ଡିପ୍ରେସିଭ ଡିଜଅର୍ଡ଼ରର ଅନୁଭବ କରିଥାନ୍ତି । ଛିଦ୍ରଯୁକ୍ତ କୌଣସି ବସ୍ତୁକୁ ଦେଖିବା ମାତ୍ରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ହୋଇ ଝାଳ ବାହାରିଥାଏ । ଶରୀରର ବିଭିନ୍ନ ଅଂଶ କୁଣ୍ଡେଇ ହେବା ଭଳି ଅନୁଭୂତ ହୁଏ ଏବଂ ଅଣନିଃଶ୍ୱାସୀ ଲାଗିଥାଏ । ହାତ ଗୋଡ ଥରିଥାଏ । ଏ ପର୍ଯ୍ୟନ୍ତ ଏହାର ସଠିକ କାରଣ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ । କିନ୍ତୁ ଗବେଷଣାତ୍ମକ ତଥ୍ୟ ଅନୁସାରେ କୁହାଯାଉଛି ଯେ, ଯଦି ରୋଗୀ ପୂର୍ବରୁ କୌଣସି ଗମ୍ଭୀର ତ୍ୱଚା ସମସ୍ୟା ଯାଦୁ, କାଛୁ, ଲାଲ ଚକଡ଼ା ଭଳି ତ୍ୱଚାରୋଗ, ମିଳିମିଳା, ଚିକେନପକ୍ସ ଇତ୍ୟାଦିରେ ପୀଡ଼ିତ ହୋଇଥିବେ ଏବଂ ତାହାର ଚିକିତ୍ସା ଅତ୍ୟନ୍ତ କଷ୍ଟଦାୟକ ହୋଇଥିବ, ତାହେଲେ ସେମାନେ ଭବିଷ୍ୟତରେ ଟ୍ରାଇପୋଫୋବିଆରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ । ସେହି ରୋଗର ଭୟ ସେମାନଙ୍କୁ ଅନ୍ୟ ଛିଦ୍ରଯୁକ୍ତ ବସ୍ତୁରେ ଦେଖାଯାଇଥାଏ । ଏହା ବ୍ୟତୀତ ଛିଦ୍ରଯୁକ୍ତ ତ୍ୱଚାବିଶିଷ୍ଟ କୌଣସି ବିଷାକ୍ତ କୀଟପତଙ୍ଗ ଓ ସରୀସୃପର ଭୟ ମଧ ଅନ୍ୟାନ୍ୟ ଛିଦ୍ରଯୁକ୍ତ ଜିନିଷ ସହିତ ଯୋଡ଼ି ହୋଇଯାଏ । ଟ୍ରାଇପୋଫୋବିଆକୁ ନେଇ କେତେକ ନ୍ୟୁରୋଲୋଜିକାଲ ଗବେଷଣା ମଧ କରାଯାଇଛି । ଏଥିରୁ ଜଣାପଡ଼ିଛି ଯେ, କୌଣସି ଛିଦ୍ରଯୁକ୍ତ ବସ୍ତୁକୁ ଭୟ କରୁଥିଲେ ମସ୍ତିଷ୍କରେ ରକ୍ତର ପ୍ରବାହ ଅଧିକ ହୋଇଥାଏ । ତେଣୁ ମସ୍ତିଷ୍କ ସେତେବେଳେ କୌଣସି ନିଷ୍ପତ୍ତି ନେଇପାରେନାହିଁ ଏବଂ ଉକ୍ତ ବସ୍ତୁକୁ ଦେଖାଯିବା ଉଚିତ ନୁହେଁ ବୋଲି ମସ୍ତିଷ୍କ ଦୃଷ୍ଟିଶକ୍ତି ସମ୍ପର୍କିତ ସ୍ନାୟୁକୁ ପ୍ରତିକ୍ରିୟା ବାର୍ତ୍ତା ଦେଇଥାଏ । ତେଣୁ ମସ୍ତିଷ୍କର ନିର୍ଦ୍ଦେଶ ଅନୁସାରେ ଆଖି ଉକ୍ତ ବସ୍ତୁକୁ ଦେଖିବା ପାଇଁ ଚାହେଁନାହିଁ ବା ଦେଖିବା ପାଇଁ ଭୟ କରେ । ଯେ କୌଣସି ବୟସରେ ଏହି ରୋଗର ଲକ୍ଷଣ ଦେଖାଯାଏ । ତେଣୁ ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ମନୋଚିକିତ୍ସକଙ୍କ ସହ ପରାମର୍ଶ କରିବା ଉଚିତ । ପ୍ରଥମ ପର୍ଯ୍ୟାୟରେ କାଉନସେଲିଂ ଏବଂ କେତେକ ଥେରାପି ଦ୍ୱାରା ଟ୍ରାଇପୋଫୋବିଆର ଚିକିତ୍ସା ସମ୍ଭବ ହୋଇଥାଏ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ,
କଟକ, ଦୂରଭାଷ : ୯୧୩୨୪୩୩୩୩୩



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଟ୍ରକ ଧକ୍କାରେ ଚାଲି ଗଲା ମା'ପୁଅଙ୍କ ଜୀବନ

**ଅନୁଗୋଳ,୧୯।୧୨ (ମହାଭାରତ):** ଅନୁଗୋଳ ଜିଲ୍ଲା ବଣଁରପାଳ ଥାନା ନୂଆହତା ୫୫ ନମ୍ବର ଜାତୀୟ ରାଜପଥର ନୂତନ ଓଭର୍ ବ୍ରିଜ ଅଣ୍ଡରପାସ ନିକଟରେ ଟ୍ରକ ଧକ୍କାରେ ଚାଲି ଗଲା ମା ପୁଅ ଙ୍କ ଜୀବନ, ବାପା ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି । ସୂଚନା ଯେ, ଟାଟା ଷ୍ଟିଲ କାରଖାନା ରେ କାର୍ଯ୍ୟ କରୁଥିବା ଛତିଶଗଡ଼ ନିବାସୀ ରୋହିତ ରାଠୋର କାରଖାନାରେ କଲୋନୀରେ ପରିବାର ସହ ବସବାସ କରନ୍ତି । ଆଜି ଅପରାହ୍ନ ସମୟରେ ବାଇକ୍ ଯୋଗେ ସ୍ତ୍ରୀ ମନିଷା ରାଠୋର ଏବଂ ଚାରି ବର୍ଷର ର ପୁଅ ହରଷତ ରାଠୋରଙ୍କୁ ନେଇ ବଣଁରପାଳ ଅଭିମୁଖେ ଆସୁଥିବା ବେଳେ ପଛରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ ବାଇକ୍ ଉପରେ ଚଢାଇ ଦେଇଥିଲା। ଯାହା ଫଳରେ ଘଟଣା ସ୍ଥଳରେ ହିଁ ସ୍ତ୍ରୀ ମନୀଷଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ବାସୀ ସଙ୍ଗେ ସଙ୍ଗେ ବାପ, ପୁଅ କୁ ଉଦ୍ଧାର କରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଚିକିତ୍ସାଧିନ ଅବସ୍ଥା ରେ ପୁଅ ହରଷତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପଟେ ରୋହିତଙ୍କର ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସିତ ହେଉଛନ୍ତି। ଘଟଣା ସ୍ଥଳରେ ବଣଁରପାଳ ପୋଲିସ ପହଁ ଟ୍ରକକୁ ଜବତ କରଥିବା ବେଳେ ଚାଳକ ଫେରାର୍ ହୋଇଯାଇଛି । ଦୂର୍ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା ଜାତୀୟ ରାଜପଥ ର ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ଦୋଷ ଦେଇ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିବା ବେଳେ ପୋଲିସ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରି ମୃତଦେହକୁ ଜବତ କରି ବ୍ୟବଛେଦ ନିମନ୍ତେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଇଛନ୍ତି।

# ଜିଲ୍ଲାସ୍ତରୀୟ ଗଜପତି ଉତ୍ସବ ଉଦଘାଟିତ

**ଗଜପତି,୧୯।୧୨ (ମହାଭାରତ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ଠାରେ ଜିଲ୍ଲା ସ୍ତରୀୟ ଗଜପତି ଉତ୍ସବ ୨୦୨୪ ଉଦଘାଟିତ ହୋଇଯାଇଛି।ପ୍ରଥମେ ମହେନ୍ଦ୍ରଗିରିରୁ ଆସିଥିବା ମସଲାକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ବିରାଟ ଶୋଭାଯାତ୍ରାରେ ବାହାର କରାଯାଇ ସହର ପରିକ୍ରମା କରି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ମାନ୍ୟବର ବାଣିଜ୍ୟ ପରିବହନ ଇସ୍ପାତଏବଂ ଖଣି ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଗଜପତି ଉତ୍ସବ ୨୦୨୪ ଓ ପଲ୍ଲୀ ଶ୍ରୀ ମେଳାକୁ ରିବନ କାଟି ଶୁଭ ଉଦଘାଟନ କରିଥିଲେ ପରେ ଗଜପତି ଉତ୍ସବ ୨୦୨୪ର ପତାକା ଉତ୍ତୋଳନ କରିଥିଲେ।ପରେ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ବିଜ। କୁମାର ଦାଶ ମାନ୍ୟବର



ବାଣିଜ୍ୟ, ପରିବହନ, ଇସ୍ପାତ ଏବଂ ଖଣି ବିଭାଗ ମନ୍ତ୍ରୀ ମାନ୍ୟବର ବିଭୁତି ଭୂଷଣ ଜେନା, ମୋହନା ବିଧାୟକ ଦାଶରଥି ଗୋମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ ପାଣିଗ୍ରାହୀ,ସିନେ ତାରକା ପିଙ୍କି ପ୍ରଧାନ,ଗଜପତି ଆରକ୍ଷୀ ଅଧିକ୍ଷକ ଜତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ପରିଷଦ ଅଧକ୍ଷ ଜୀ ତିରୁପତି ରାଓ, ପୋର ପରିଷଦ ଅଧକ୍ଷା ନିର୍ମଳା ସେଠୀ, ମୁଖ୍ୟ ଉନ୍ନାନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡକ୍ଟର ଗୁଣନିଧି ନାୟକ ପ୍ରମୁଖ ମଞ୍ଚାସିନ ଥିଲେ।ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ।ଗୁରୁ ରଘୁନାଥ ପାତ୍ରଙ୍କ ନିର୍ଦ୍ଦେଶନାରେ ଉକ୍ତି ସଂସଦର ଛାତ୍ର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲିନା ମହାନ୍ତି ଓ ଅମୂଲ୍ୟ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କ ଦ୍ଵାରା ସ୍ମରଣୀକା ଉନ୍ମୋଚିତ ହୋଇଥିଲା।ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲା, ବ୍ଲକ ଓ ଜିଲ୍ଲା ବାହାରୁ କଳାକାରମାନେ ଆସି ନିଜର କଳା ପରିବେଷଣ କରିଥିଲେ। ଅତିଥି ମାନେ ଷ୍ଟଲ ଗୁଡିକ ପରିଦର୍ଶନ କରିଥିଲେ। ଗଜପତିର କଳା,ସଂସ୍କୃତିକୁ ଉଦଯିବିତ କରି ଲୋକଲୋଚନକୁ ଆଣିବା ହେଉଛି ଏହି ଉତ୍ସବର ଉଦ୍ଦେଶ୍ୟ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହି ଅଧିକାରୀ ଜିଲ୍ଲା ପରିଷଦ ଡକ୍ଟର ଗୁଣ ନିଧି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ଗେଟରେ ତାଲା ଝୁଲିଲା, ଧାରଣାରେ ଛାତ୍ରୀଛାତ୍ର

**କେନ୍ଦୁଝର,୧୯।୧୨ (ମହାଭାରତ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସରଳା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ଘଟିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଉନ୍ନତ ଶିକ୍ଷା ପ୍ରଣାଳୀ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ତଥାପି ନାନା ସମସ୍ୟା ମୁଣ୍ଡ ଟେକୁଛି। ଏଥି ନିମନ୍ତେ ବିଭାଗୀୟ ସରକାରୀ ବାବୁ ମାନଙ୍କୁ ଦାୟୀ କରାଯାଇଛି। ଶିକ୍ଷକ ପଦବୀ ପୂରଣ ଦାବୀରେ ଅଭିଭାବକ ଏବଂ ଛାତ୍ରୀଛାତ୍ର ମାନେ ବିଦ୍ୟାଳ। ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ଅଭିଭାବକ ମାନଙ୍କ କହିବା ଅନୁଯାୟୀ ଆଜକୁ ପ୍ରାୟ ୩ମାସ ହେବ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବହୁ ମାତ୍ରାରେ ବାଧାପ୍ରାପ୍ତ ହେଉଛ। ପାଞ୍ଚୋଟି ଶ୍ରେଣୀର ୧୦୫ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ମାତ୍ର ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଶିକ୍ଷକ ପଦବୀ ପୂରଣ ପାଇଁ ହାଟଡିହୀ ବିଇଓଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଫଳରେ ଛାତ୍ରୀଛାତ୍ର ମାନେ ଧାରଣାରେ ବସିଛନ୍ତି। ଶିକ୍ଷକ ଅଭାବକୁ ନେଇ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଶିକ୍ଷକ ପଦବୀ ପୂରଣ ପାଇଁ ଦାବୀ କରିଛନ୍ତି। ଶିକ୍ଷକ ପଦବୀ ପୂରଣ ନହେବା ପର୍ଯ୍ୟନ୍ତ ବିଦ୍ୟାଳୟ ଗେଟରେ ତାଲା ଝୁଲିବ ବୋଲି ଅଭିଭାବକ ମାନେ ଚେତାବନୀ ଦେଇଛନ୍ତି। ହାଟଡିହି ବିଇଓ ଓଁକାର ଅନେ୍ଵଷ କହିଛନ୍ତି ଯେ ଶାଳନିଆଁ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡେପୁଟେସନ ହୋଇଥିବା ଶିକ୍ଷକଙ୍କୁ ରିଲିଭ କଲେ ନାହିଁ। ଫଳରେ ଏପରି ପରିସ୍ଥିତି ଉପୁଜିଛି। ଏ ବାବଦରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଛୁ। ଖୁବଶୀଘ୍ର ଉକ୍ତ ସମସ୍ୟା ସମାଧାନ ହେବ।

## ଏଟିଏମରେ ନାହିଁ ଟଙ୍କା, ଗ୍ରାହକ ହନ୍ତସନ୍ତ

**କପ୍ତିପଦା,୧୯।୧୨ (ମହାଭାରତ):** ନିଁଭରଯୋଗ୍ୟ ବ୍ୟାଙ୍କ ଭାବେ ସାରା ଭାରତବର୍ଷ ରେ ଷ୍ଟେଟ ବ୍ୟାଙ୍କ ପରିଗଣିତ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଗ୍ରାହକ ମାନଙ୍କ ପାଇଁ ସେବା ଯୋଗାଉଥିବା ଷ୍ଟେଟ ବ୍ୟାଙ୍କ ଏ ଟି ଏମ ଏବେ ନିରାଶ କରିଛି ମୟୁରଭଞ୍ଜ ଜିଲ୍ଲା ଉଦଳା ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ୫ ଟି ଏ ଟି ଏମ ମଧ୍ୟରୁ ବ୍ୟାଙ୍କ ପରିସରରେ ଥିବା ଏ ଟି ଏମ ରେ ସେବା ଚାଲୁରହୁଥିବାବେଳେ ଅନ୍ୟ ୪ ଟି ଏ ଟି ଏମ ରେ ଟଙ୍କା ନଥିବାର ଅଭିଯୋଗ ହୋଇଛି । ବିଶେଷ କରି ମୁଖ୍ୟ ବଜାର ରେ ଥିବା ଏ ଟି ଏମ, କଲେଜ ରୋଡ଼ ରେ ଥିବା ଏ ଟି ଏମ , ମେଣ୍ଢାଖାଇ ଛକ ଏ ଟି ଏମ, ନାଗପାଳ ଛକ ଏ ଟି ଏମ ରେ ଆଜିକୁ ପା ଦିନ ହେବ ଟଙ୍କା ନଥିବାବେଳେ ଗ୍ରାହକଙ୍କୁ ନିରାଶ କରିଛି। ତେବେ ଏ ସମ୍ପର୍କରେ ଉଦଳା ଷ୍ଟେଟ ବ୍ୟାଙ୍କ ର ଶାଖା ପରିଚାଳକ ଙ୍କୁ ପଚାରିବାରୁ ଏ ଟି ଏମ ରେ ଟଙ୍କା ନଥିବା ସମ୍ପର୍କରେ ଅବଗତ ଥିବାବେଳେ ଠିକା ସଂସ୍ଥାର ଗାଡି ଖରାପ ହୋଇଥିବାରୁ ଆଉ ଦୁଇ ତିନି ଦିନ ଭିତରେ ଏ ଟି ଏମ ସେବା ଯୋଗାଇଦିଆଯିବ ଏବଂ ଷ୍ଟେଟ ବ୍ୟାଙ୍କ ଭିତରେ ଏ ଟି ଏମ ସେବା ଚାଲୁ ରହିଛି ବୋଲି ପ୍ରକାଶ କରିଥିଲେ।

## ମନ୍ତ୍ରୀ ମହାଲିଙ୍ଗଙ୍କ ଜୁନାଗଡ଼ ଅଞ୍ଚଳର ବିଭିନ୍ନ ମଣ୍ଡି ଗସ୍ତ

**ଜୁନାଗଡ଼,୧୯।୧୨ (ମହାଭାରତ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଆର୍ ଏମ ସି ଅଧିନ ବିଭିନ୍ନ ସ୍ଥାନରେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଂ ଆଜି ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇ ଲ ପିଛା ୨୩୦୦ ଟଙ୍କା ବୃଦ୍ଧି କରିଥିବା ବେଳେ ଓଡ଼ିଶାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ରାଜ୍ୟ ସରକାର ୮୦୦ ଟଙ୍କାର ଇନ୍ ପୁଟ ସହାୟତା ମିଶାଇ ପ୍ରଥମ ଥର ପାଇଁ ଚାଷୀଙ୍କ ଠାରୁ ୩୧୦୦ ଟଙ୍କାରେ ଧାନ କିଣାଯାଉଥିବା ପ୍ରକାଶ।ହେଲେ ଧାନ ବିକ୍ରିକୁ ନେଇ ଚାଷୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି।ଇନପୁଟ ପ୍ରଦାନକୁ ନେଇ ଚାଷୀ ସନ୍ତୋଷ ପ୍ରକାଶ କରୁଥିବା ବେଳେ, ଧାନର କଟନୀ କୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଶ୍ରୀ ମୁକେଶ ମହାଲିଂ ଜୁନାଗଡ଼ର ତଳଜାରିଂ, ଜୁନାଗଡ଼ ଆର୍ ଏମ ସି ପରିସର ଆଦି ମଣ୍ଡି ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର, ଉପ ଜିଲ୍ଲାପାଳ ଧିମାନ ଚକମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୁନାଗଡ଼ ଦେବାଶିଷ କର, ସୁଧାଂଶୁ ଶେଖର ବରାଡ, ଗଣେଶ ଭୋଇ,ମୁକେଶ ଅଗ୍ରୱାଲ, ମନୋଜ କୁମାର ମେହେର, ଦିବ୍ୟ ଦୀପ, କାଞ୍ଚନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସପ୍ତାହିକ ହାଟରେ ପୋଡି ମାରିବା ଘଟଣାରେ ୨ କୋର୍ଟ ଚାଲାଣ

**କରଞ୍ଜିଆ,୧୯।୧୨ (ମହାଭାରତ):** ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣି ସାପ୍ତାହିକ ହାଟ ରେ ଜଣେ ବ୍ୟକ୍ତିଙ୍କୁ ପୋଡି ମାରିଦେବା ଘଟଣାର ତଦନ୍ତ କରି ପୋଲିସ ୨ ଜଣ ଅଭିଯୁକ୍ତକୁ ଗିରଫ ପରେ ଗୁରବାର ଦିନ କୋର୍ଟ ଚାଲାଣ କରିଛି।ଗିରଫ ଦୁଇ ଅଭିଯୁକ୍ତ ହେଲେ ମୃତକ ଙ୍କ ଗ୍ରାମର ରଣଜିତ ମହାନ୍ତ (୨୯),ଓ ଘନଶ୍ୟାମ ଜାମୁଦା (୨୩)।

ଗତ ୧୬ ତାରିଖ ସୋମବାର ଦିନ କେନ୍ଦୁଜିଆଣି ସାପ୍ତାହିକ ହାଟର ହାଣ୍ଡିଆ।ମହୁଲି ହାଟ କୁ କେନ୍ଦୁଜିଆଣି ନିକଟ ଜଡିବିଲ ଗ୍ରାମର ଭଦ୍ରୁ ମହାନ୍ତ ମଦ ପିଇବାକୁ ଯାଇଥିଲା।ସେଠାରେ ସେ ମଦ ପିଇବା ପରେ ଦୋକାନରୁ ଚଣା ଓ ପତ୍ରପୋଡ଼ା ମାଂସ ଆଣିଖାଇଥିଲା।ଚଣା ଓ ପତ୍ର ପୋଡ଼ା ଦୋକାନୀ ତାଙ୍କୁ ପଇସା ମାଗିବାରୁ ସେମାନଙ୍କ ସହିତ ଭଦ୍ରୁ ର ଝଗଡା ହୋଇଥଲା।ରାତି ପ୍ରାୟ ୭ ଟା ସମୟରେ ଏହି ଘଟଣା ଘଟିଥିବା ବେଳେ ନିଶାସକ୍ତ ଅବସ୍ଥାରେ ଥିବା ଭଦ୍ରକରୁକୁ ଦୁଇ ଦୋକାନୀ ମାରପିଟ କରିଥିଲେ।ମାରପିଟ କରିବାରୁ ନିଶାସକ୍ତ ଥିବା ଭଦ୍ରୁ ତଳେ ପଡିଯାଇଥିଲେ।ଏହି ସମୟରେ ଦୁଇ ଦୋକାନୀ ନିକଟରେ ଥିବା ଧାନ ନଡ଼ା କୁ ଆଣି ତଳେ ଶୋଇ ରହିଥିବା ଭଦ୍ରୁ ଉପରେ ଦେଇ ନିଆଁ ଲଗାଇ ଦେଇଥିଲେ।ପରେ ରାତିରେ ଏହି ଘଟଣା ସ୍ଥାନୀୟ ଲୋକେ ଜାଣିବା ପରେ କେନ୍ଦୁଜିଆଣି ସରପ ଠାକୁରମୁଣ୍ଡା ଥାନାକୁ ସୂଚନା ଦେଇଥିଲେ।ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ପୋଡି ଯାଇଥିବା ମୃତ ଶବର ପରିଚୟ ପାଇ ପାରିନଥିଲେ।ତା ପରଦିନ ସକାଳେ ଭଦ୍ରୁ ର ବଡଭାଇ ଆସି ଶବକୁ ଚିହ୍ନଟ କରିଥିଲେ। ପରେ ମୃତକଙ୍କ ଝିଅ ଲକ୍ଷ୍ମୀ ମହାନ୍ତ ତାଙ୍କ ବାପାଙ୍କୁ କେହି ହତ୍ୟା ପରେ ପୋଡି ମାରି ଦେଇଥିବାର ଅଭିଯୋଗ କରିଥିଲେ।ପୋଲିସ ଏ ସଂକ୍ରାନ୍ତରେ କେଶ ନମ୍ବର ୧୨୩ ଅନୁଯାୟୀ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।ପରେ ହାଣ୍ଡିଆ। ହାଟରେ କିଛି ଦୋକାନୀଙ୍କୁ ଆଣି ଥାନାରେ ପଚରା ଉଚରା କରି ଘଟଣା ସମ୍ପର୍କରେ ହତ୍ୟାକାଣ୍ଡ ର ସୂଚନା ପାଇଥିଲେ।ସୂଚନା ଅନୁଯାୟୀ ପୋଲିସ ସେହି ଜଡିବିଲ ଗ୍ରାମର ମୃତକ ଭଦ୍ରୁ ର ଂଶ ର ଭାଇ ରଣଜିତ ମହାନ୍ତ ଓ ଘନ ଜମୁଦାକୁ ଥାନାକୁ ଆଣି ତଦନ୍ତ ପରେ ସେମାନେ ଭଦ୍ରୁ କୁ ପୋଡି ମାରିଥିବାର ସ୍ୱୀକାର କରିଥିଲେ। ଏ ସଂକ୍ରାନ୍ତରେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ସୂଚନା ଦେଇଛନ୍ତି। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଘଟଣାର ତଦନ୍ତ କରିଥିବା ବେଳେ ଏଏସଆଇ ରତ୍ନାକର ବାରିକ ସମେତ ପୋଲିସ ଟିମ ତଦନ୍ତରେ ସହଯୋଗ କରିଥିଲେ।

## ମଣ୍ଡିରେ ଚାଷୀ ହଇରାଣ ବେପାରୀ ମାଲେ ମାଲ



**ଟିଟିଲାଗଡ,୧୯।୧୨ (ମହାଭାରତ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କରମତଳା ଧାନ ମଣ୍ଡିରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ଅଫିସ ବନ୍ଦ କରି କରି ଭିତିରିଆ କିଛି କାମ ହେଉ ଥିବା ସନ୍ଦେହ ଉକ୍ତ ପେଷ୍ଟ୍ରୀରେ ବେପାରୀ ମାଲେମାଲ ଓ ଚାଷୀ ହଇରାଣ ହରକତ ହେଉ ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟି ଥିବା ବେଳେ ଶହ ଶହ ଜରି ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଥିବା ଦେଖିବାକୁ ମିଳିଛି। ଜରି ବସ୍ତାରେ କିଛି ଲୋକଙ୍କଧାନ ଉଠାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବା କରମତଳା ମଣ୍ଡି ସେକ୍ରେଟାରି ପ୍ରକାଶ କରିଥିବା ସହ କିଛିଦିନ ମାତ୍ର ଖୋଲା ଆକାଶ ତଳେ ଧାନ ଥିଲେ ମଧ୍ୟ କୌଣସିପ୍ରକାର ଅସୁବିଧା ହେବ ନାହିଁ ବୋଲି ସେକ୍ରେଟାରି ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ନିର୍ଦ୍ଦେଶକୁ ଖୁଲମ ଖୁଲା ଅମାନ୍ୟ କରୁଥିବା ଦେଖିବାକୁ ମିଳିଛି । ତେଣୁ ସରକାର ଉକ୍ତ କରମତଳା ଧାନ ମଣ୍ଡି କୁ ଧାନ ଦେବା ସହ କିପରି ଚାଷୀ ହଇରାଣ ନ ହୁଏ ଏବଂ ଅସାବଧାନତା ଅବଲମ୍ବନ କରୁଥିବା କର୍ମଚାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ବ୍ଲକସ୍ତରୀୟ ଲୋକ କଳା ଓ ସଂସ୍କୃତିର ମହାପର୍ବ ଚଇତି

**ବିଷମକଟକ,୧୯।୧୨ (ମହାଭାରତ):** ରାୟଗଡା ଜିଲ୍ଲା ବିଷମକଟକ ବ୍ଲକରେ ଲୋକ କଳା ଓ ସଂସ୍କୃତିର ମହାପର୍ବ ଲୋକ ମହୋତ୍ସବ ଚଇତି ୨୦୨୪ ଆଜି ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା ମାର୍କାମକ୍ଷଙ୍କ ମନ୍ଦିର ନିକଟରେ ପୂଜାଅର୍ଚ୍ଚନା କରି କଳସ ଯାତ୍ରା ବାଜା ବାଜେଣିରେ ସହର ପରିକ୍ରମା କରି ଚଇତି ମଣ୍ଡପରେ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ମାନ୍ୟବର ବିଷମକଟକ ବିଧାୟକ,ନୀଳମାଧ ହିକକା,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ,ପ୍ରକଳ୍ପ ନିର୍ଦ୍ଦେଶକ ଜାଳବିଭାଜିକା ମିଶନ, ପଂଚାୟତ ସମିତି ଅଧକ୍ଷା ଯସଦକ୍ଷ ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ମାନ୍ୟବର ସଂଷଦ ପ୍ରତିନିଧି ଦିଲ୍ଲୀପ ପଟ୍ଟନାୟକ, ଜିଲ୍ଲାପରିଷଦ ସଦସ୍ୟ, ରାୟଗଡ, ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ଟୁନି ହୁଇକା,ବିଭିନ୍ନ ପଂଚାୟତର ସରପ , ସମିତି ସଦସ୍ୟ/ ସଦସ୍ୟା ଆଦି ସାମିଲ ହୋଇଥିଲେ କ୍ଷମହିଳା ମଣ୍ଡଳ ସଦସ୍ୟା, ମିଶନ ଶକ୍ତି କର୍ମଚାରୀ, ଅଙ୍ଗନବାଡି କର୍ମୀଙ୍କ ସମେତ ବ୍ଲକ କର୍ମଚାରୀମାନେ ଯୋଗଦେଇ ଥିଲେ। ଚଇତି ମଣ୍ଡପ ମ ରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧ ହିକକା,ପିଡି ୱାଟରଶେଡ଼ ଡ଼ଃ ଦୟାନିଧି ବାଗ, ତହସିଲଦାର ବିଷମ କଟକ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,ବସନ୍ତ କୁମାର ପ୍ରଧାନ, ଆଇଆଇସି, ବିଷମକଟକ ବ୍ଲକ ଆଦି ଯୋଗଦେଇ ଥିଲେ। ଏହି ଅବସରରେ ଚଇତି ପଡ଼ିଆରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ପଞ୍ଚାୟତ ସମିତି, କୃଷି ବିଭାଗ, ଆଇସିଡିଏସ, ଏସଏଚଜି, ଉଦ୍ୟାନ କୃଷି, ଜଳଛାୟା ବିଭାଗ, ପାନୀୟ ଜଳ ଓ ପରିମଳ ସମେତ ମୋଟ ୧୦ଟି ଷ୍ଟଲ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାରିଯାନ ଚଳାଚଳ ଯୋଗୁଁ ଫାଟିଲା ରାସ୍ତା

**ବରୀ,୧୯।୧୨ (ମହାଭାରତ):** ଲଘୁ ଖଣିଜ ଦ୍ରବ୍ୟ ପରିବହନ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ନିମନ୍ତେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ନିୟମକୁ କଡାକଡି କରିଛି। ମାତ୍ର ବରୀ ତହସିଲ ଅଧିନସ୍ଥ ବିଭିନ୍ନ ସୈରାତରୁ ବେଆଇନ ଭାବେ ବାଲି ମାଫିଆ ମାନେ ବାଲି ଉଠାଣ କରି ହାଇଓ୍ୟା ଯୋଗେ ପରିବହନ କରୁଥିବାରୁ ନଦୀ ବନ୍ଧ ଉପରେ ଥିବା ରାସ୍ତା ଗୁଡିକ ଫାଟି ଯାଉଥିବାର ଦେଖିବାକୁ ମିଳିଛି। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ବରୀ ବ୍ଲକ ଅଧିନସ୍ଥ ସେରପୁର ମହାକାଳପଡା ଟି ଆର ଇ ବିରୁପା ନଦୀ ବନ୍ଧ। ଅଭିଯୋଗ ମୂତାବକ ଠିକାଦାର ଜଣକ ଏକ ସପ୍ତାହ ପୂର୍ବରୁ ସେରପୁର ମହାକାଳପଡା ଟି ଆର ଇ ରାସ୍ତା ତାଙ୍କ ଚୁକ୍ତି ନାମା ନଂ ୨୧୦ପି୧-୨୦୨୪ ବଳରେ କାର୍ଯ୍ୟ କରିଥିଲେ। ମାତ୍ର ଏହି ରାସ୍ତା ଦେଇ ଏକ ସପ୍ତାହ ମଧ୍ୟରେ ଲଗାତାର ଭାବେ ବାଲି ବୋଝେଇ ହାଇଓ୍ୟା ଗୁଡିକ ଯିବା ଫଳରେ ଏହି ରାସ୍ତା କ୍ଷତି ଗ୍ରସ୍ତ ହୋଇଛି। ଏହି ରାସ୍ତାରେ ହାଇଓ୍ୟା ଯୋଗେ ବଆୋଇନ ବାଲି ପରିବହନ କରୁଥିବା ବ୍ୟକ୍ତିଙ୍କୁ ଏହି ରାସ୍ତା ଉପରେଭାରି ଯାନ ନଚଳାଇବାକୁ ଠିକାଦାର କହିଥିଲେ ମଧ ସେମାନେ ସୁଣି ନଥିଲେ। ସୂଚନା ମୂତାବକ ଏହି ରାସ୍ତାର କାର୍ଯ୍ୟ ୨୦,୧,୨୦୨୪ ରୁ ଆରମ୍ଭ ହୋଇ ୧୯,୧,୨୦୨୫ ରେ ସାରିବାକୁ ଠିକାଦାର ଜଣଙ୍କ ଚୁକ୍ତିବଦ୍ଧ ହୋଇଥିଲେ। ଭାରିଯାନ ଚଳା ଚଳକୁ ବନ୍ଦ କରିବା କ୍ଷେତ୍ରରେ ଠିକାଦାର ଜଣଙ୍କ ଅକ୍ଷମତା ପ୍ରକାଶ କରିବାରୁ ବେଆଇନ ଭାରିଯାନ ଚଳାଚଳ ବନ୍ଦ କରିବା ନିମନ୍ତେ ଉଚ୍ଚ ସ୍ତରୀୟ ଅଧିକାରୀ ମାନଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିବାର ସୂଚନା ମିଳିଛି। ପ୍ରକାଶ ଥାଉକି ବରୀ ତହସିଲ ଅଧିନରେ ୧୩ ଗୋଟି ସୈରାତ ଥିବା ବେଳେ ଏହା ମଧ୍ୟରୁ ବିଭିନ୍ନ ସ୍ଥାନେ ସରକାରୀ ଦେୟ ପୈଠ କରା ନଯାଇ ବେଆଇନ ଭାବେ ବାଲି ଉଠାଣ କରାଯିବା ଫଳରେ ଜଳ ସମ୍ପଦ ବିଭାଗ ରାସ୍ତା ଓ ପୂର୍ତ୍ତ ବିଭାଗ ରାସ୍ତା ନଷ୍ଟ ହେବା ଖବର ବିଭିନ୍ନ ଗଣ ମାଧମରେ ବାରମ୍ବାର ପ୍ରକାଶିତ ହେଉଥିଲେ ମଧ ଜିଲ୍ଲା ପ୍ରଶାସନ ତହସିଲ ପ୍ରଶାସନ ଓ ଲଘୁ ଖଣିଜ ସମ୍ପଦ ବିଭାଗ ତରଫରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ସରକାର ରାଜସ୍ୱ ହରାଇବା ସହ ଏହି ରାସ୍ତା ଉପରେ ଯାତାୟତ ପାଇଁ ନିର୍ଭର କରୁଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେବରୀ ଜଳ ସମ୍ପଦ ସବ ଡିଭିଜନ ଆସିଷ୍ଟାଣ୍ଡଏକ୍ସ୍ୟୁଟିଭ ଇଂଜିନିୟର ମନୋରଞ୍ଜନ ତ୍ରିପାଠି କହିଛନ୍ତି। ଠିକାଦାରଙ୍କ ଲିଖିତ ଅଭିଯୋଗକୁ ଭିତି କରି ଜିଲ୍ଲାପାଳ ଯାଜପୁର ଏବଂ ଲଘୁ ଖଣିଜ ସମ୍ପଦ ବିଭାଗର ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପତ୍ର ଲେଖିଛୁ।

## ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ଭେଟିଲେ ଅନନ୍ତ ନାୟକ

**କେନ୍ଦୁଝର,୧୯।୧୨ (ମହାଭାରତ):** ସଂସଦରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀଙ୍କ ଠେଲା ପେଲା କାରଣରୁ ଆହତ ହୋଇ ଚିକିତ୍ସିତ ହେଉଥିବା ବିଜେପିର ବରିଷ୍ଠ ନେତା ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ନୂଆଦିଲ୍ଲୀର ରାମ ମନୋହର ଲୋହିଆ। ହସପିଟାଲରେ ଯାଇ ସାକ୍ଷାତ କରିଛନ୍ତି କେନ୍ଦୁଝର ସାଂସଦ ଅନନ୍ତ ନାୟକ । ଏହି ଅବସରରେ ଶ୍ରୀ ନାୟକ ପ୍ରତାପ ଷଡଙ୍ଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ସେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ମାନଙ୍କ ସହ ମଧ ଆଲୋଚନା କରିଛନ୍ତି । ଶ୍ରୀ ନାୟକ ପ୍ରତାପ ଷଡଙ୍ଗୀ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ବୋଲି ମା ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଏହି ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ନାୟକ କହିଛନ୍ତି ଯେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯେଉଁଳି ଭାବେ ଅତ୍ୟନ୍ତ ଅଶାଳୀନ ଓ ଦାୟିତ୍ୱହୀନ ବ୍ୟବହାର କରିଛନ୍ତି ତାକୁ ମୁଁ କଡା ଶବ୍ଦରେ ନିନ୍ଦା କରୁଛି। ଆଜି ରାହୁଲ ଗାନ୍ଧୀ ତାଙ୍କର ଅଶାଳୀନ ବ୍ୟବହାରର ସମସ୍ତ ସୀମାକୁ ଉଲ୍ଲଂଘନ କରି ଯାଇଛନ୍ତି ଓ ଗଣତନ୍ତ୍ରର ପବିତ୍ରର ମନ୍ଦିରର ଗରିମାକୁ କ୍ଷୁର୍ଣ୍ଣ କରିଛନ୍ତି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ସାର୍ବଜନୀନ ଭାବେ କ୍ଷମା ପ୍ରାର୍ଥନା କରିବାକୁ ସେ ଦାବି କରିଛନ୍ତି ।

## ଅଜଣା ଗାଡି ଧକ୍କାରେ ଶ୍ରମିକ ମୃତ, କ୍ଷତିପୂରଣ ଦାବିରେ ଆଇଓସିଏଲ୍ ଅଂଚଳରେ ଉତ୍ତେଜନା

**ପାରାଦୀପ,୧୯।୧୨ (ମହାଭାରତ):** ପାରାଦୀପ ରିଫାଇନାରୀ ଅଧିନରେ ଏକ ଠିକା ସଂସ୍ଥା ଅଧିନରେ କାମ କରୁଥିବା ଜନୈକ ଶ୍ରମିକଙ୍କ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣା ପରେ ରିଫାଇନାରୀ ଅଂଚଳରେ ଥିବା ମେଟାଲ କ୍ରାଫ୍ଟ କଲୋନୀରେ ଉତ୍ତେଜନା ଦେଖା ଦେଇଥିଲା । ଘଟଣାରୁ ପ୍ରକାଶଯେ, ପାରାଦୀପ ରିଫାଇନାରୀ ଅଧିନରେ ମେଟାଲ କ୍ରାଫ୍ଟ କମ୍ପାନୀ ଅଧିନରେ ବିହାର ରାଜ୍ୟର ନଓାଦା ଜିଲ୍ଲା ଶ୍ରଦାଲା ଥାନା ଅଧିନସ୍ଥ କଷିଆଡି ଗ୍ରାମର ରାଜେନ୍ଦ୍ର ପ୍ରସାଦ ଯାଦବ ଓ୍ଵଲ୍ଡର ଭାବେ କାମ କରୁଥିଲେ । ବୁଧବାର ସଂନ୍ଧ୍ୟାରେ ରାଜେନ୍ଦ୍ର କୌଣସି କାମରେ ଯାଉଥିବା ବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ତାଙ୍କୁ ତୁରନ୍ତ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମେଟାଲ କ୍ରାଫ୍ଟ କଲୋନୀରେ ରହୁଥିବା କିଛି ଶ୍ରମିକ ରାଜେନ୍ଦ୍ରଙ୍କୁ ଦେଖିବା ପାଇଁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିବା ବେଳେ ସେଠାରେ ଉପସ୍ଥିତ ଡାକ୍ତର ରାଜେନ୍ଦ୍ରଙ୍କ ଶବ ଦେଖାଇବାକୁ ମନା କରି ଦେଇଥିବା ନେଇ ସାଥୀ ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ମେଟାଲ କ୍ରାଫ୍ଟ କଲୋନୀରେ ଉତ୍ତେଜନା ଦେଖା ଦେଇଥିଲା । ଗୁରୁବାର ସକାଳୁ ଶ୍ରମିକମାନେ କାମ ବନ୍ଦ କରି ମେଟାଲ କ୍ରାଫ୍ଟ କଲୋନୀରେ ବସି ରହି କ୍ଷତିପୂରଣ ଦାବୀ କରିଥିଲେ । ଅଭୟଚାନ୍ଦପୁର ପୋଲିସ୍ ଖବର ପାଇ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କ ସହିତ ଆଲେଚନା କରିଥିଲେ । ପରେ ଅଭୟଚାନ୍ଦପୁର ଥାନାରେ ଥାନା ଅଧିକାରୀ ସମୀର କୁମାର ରାଉତଙ୍କ ଉପସ୍ଥିତିରେ ମୃତ ରାଜେନ୍ଦ୍ରଙ୍କ ସମ୍ପର୍କୀୟ ଓ ଶ୍ରମିକମାନେ ଏବଂ କମ୍ପାନୀ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ରାଜେନ୍ଦ୍ରଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳିବା ସହିତ ଶବ ସଂସ୍କାର ନିମନ୍ତେ ବନ୍ଦୋବସ୍ତ କରାଯିବା ପରେ ଧାରଣା ହଟିଥିବା ନେଇ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତ ସୂଚନା ଦେଇଛନ୍ତି ।

## ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ଥାନାର ଦ୍ୱାରସ୍ଥ ହେଲେ ସମାଜସେବୀ ମହାସଂଘ

**ଅନୁଗୋଳ,୧୯।୧୨ (ମହାଭାରତ):** ଚିନ୍ମୟୀ ଦାସ । ତୃତୀୟ ଲିଙ୍ଗି ସମାଜ ସେବୀ। ଜୀବନ ସାରା ବେସାହାରା ପାଇଁ ଲଢେଇ କରି ନିଜକୁ ସମାଜ ପାଇଁ ସମର୍ପିତ କରି ଆଜି ସେ ନିଜେ ସାହାରା ଖୋଜୁଛନ୍ତି। କରୋନା ସମୟରେ ଅନେକ ଅଚିହ୍ନା ଶବ ସଂସ୍କାର କରି ଓଡ଼ିଶା ବାସୀଙ୍କ ଚର୍ଚ୍ଚାରେ ଥିବା ଚିନ୍ମୟୀ ଆଜି ଥାନାର ଦ୍ୱାରସ୍ଥ। ତାଙ୍କର କାର୍ଯ୍ୟକୁ ଦେଖି ସହି ନପାରି କିଛି ସ୍ଥାନୀୟ ଲୋକ ଖଳ ପ୍ରକୃତି ରାଜନେତାଙ୍କ ଅରକ୍ରୋଶ ମୂଳକ ପଦକ୍ଷେପ ପାଇଁ ଅରଶ୍ରମ ଅନ୍ତେବାସୀ ଙ୍କୁ ବେଘର କରି ଦେବାର ହୀନ ଚକ୍ରାନ୍ତ ଚଲେଇଛନ୍ତି । ଭିକ୍ଷା ବୃତି କରି ହାତ ପତେଇ ମାଗି ଯାଚି ଆଶ୍ରମ ପାଇଁ ଟିଣ ଛପର ଘର ସହିତ ବିଜୁଳି କନେକ୍ସନ୍ କରି ରହୁଛନ୍ତି । ଅସାମାଜିକ ଦଲାଲ ମାନଙ୍କ ବେପାରରେ ବ୍ୟାଘାତ ଆଶଙ୍କା କରି ତାଙ୍କୁ ସେଠାରୁ ଅନ୍ୟତ୍ର ଚାଲି ଯିବାକୁ ଧମକ ଦେଉଛନ୍ତି । କିନ୍ତୁ ଚିନ୍ମୟୀ ଏଥିରେ ଭୀତ ନହୋଇ ଜମି ଦଲାଲ ମାନଙ୍କ ସାମ୍ନା କରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମୋହନ ସରକାରଙ୍କୁ ଅନୁରୋଧ ଚିନ୍ମୟୀଙ୍କ ଉପରେ ନିର୍ଭର କରୁଥିବା ବୃଦ୍ଧ/ବୃଦ୍ଧା/ ଅସହାୟ ପିଲାଙ୍କ ସୁରକ୍ଷା ବ୍ୟବସ୍ଥା କରନ୍ତୁ। ସ୍ଥାନୀୟ ପୋଲିସ ଓ ଜମି ଦଲାଲ ମାନଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ପାଇଁ ନିରୀହ ଓ ଅସହାୟ ମାନଙ୍କୁ ହଇରାଣ ହରକତ ସହ ଜୀବନରେ ମାରି ଦେବାକୁ ଧମକ ଦେଉ ଥିବାରୁ ଅନୁଗୁଳ ର ଗର୍ବ ଓ ଗୌରବ ସମାଜସେବୀ ଚିନ୍ମୟୀ ଦାସଙ୍କ ଆହ୍ୱାନ କ୍ରମେ ରାଜ୍ୟର କୋଣ ଅନୁକୋଣରେ ଥିବା ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ ର ସମାଜ ସେବୀ ଭାଇ ଭଉଣୀ ମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଯଦି ସରକାରୀ ଜାଗାରେ ଆଶ୍ରମ ହୋଇ ପାରିବନି ସେଠାରେ କିଭଳି ସରକାରୀ ଜାଗାରେ ଘର କରି ଭଡ଼ା ଦିଆଯାଇଛି ବୋଲି ସମାଜ ସେବୀ ଚିନ୍ମୟୀ ଦାସ କରିଛନ୍ତି।

## ଆକ୍ସନ ମୁଡ଼ରେ ଆସିକା ତହସିଲଦାର ଜବତ ହେଲା ପୁଣି ଏକ ହାଇୱା

**ଆସିକା,୧୯।୧୨ (ମହାଭାରତ):** ଦୀର୍ଘଦିନର ନୀରବତା ପରେ ଆକ୍ସନ ମୁଡ଼ରେ ଆସିକା ତହସିଲର ନା ନିଯୁକ୍ତ ତହସିଲଦାର ସଂଗୀତା ସେନ। ଗତ କିଛି ବର୍ଷ ହେବ ଆସିକାର ଲାଇଫ ଲାଇନ କୁହାଯାଉଥିବା ଋଷିକୂଲ୍ୟା ଓ ବଡ ନଦୀକୁ ବାଲି ମାଫିଆ ମାନେ ବେଧଡ଼କ ଭାବେ ବିଭିନ୍ନ ସ୍ଥାନରେ ନଦୀ ହୁଡ଼ା କାଟି ବାଲି ଲୁଟି ଚାଲିଛନ୍ତି। ବାଲି ଚୋରା ଚାଲାଣକୁ ରୋକିବା ପାଇଁ ନିକଟ ଅତୀତରେ ବଡଖୋଳି, ରିଷିପୁର, ପଥରା ଆଦି ଅନେକ ଗ୍ରାମରେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ କରାଯିବାର ନଜିର ରହିଛି ଏବଂ ବାରମ୍ବାର ପତ୍ର ପତ୍ରିକାରେ ଏହି ଚୋରା ବାଲି ଚାଲାଣ ରୋକିବାକୁ ଖବର ପ୍ରକାଶିତ ହେବା ପରେ ମଧ ଆସିକା ତହସିଲ, ଲଘୁ ଖଣିଜ ବିଭାଗ, ଆସିକା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉନଥିଲା। କିନ୍ତୁ ଗତ କିଛି ଦିନ ହେବ ନୂତନ ଭାବେ ନିଯୁକ୍ତି ପାଇଥିବା ତହସିଲଦାର ଆକ୍ସନ ମୁଡ଼ରେ ଆସିକା ତହସିଲଦାର ସଂଗୀତା ସେନ। ସେ ଗତ କିଛିଦିନ ହେବ ଋଷିକୂଲ୍ୟା ଓ ବଡ଼ନଦୀର ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରି ବେଆଇନ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଓ ହାଇୱାକୁ ଜବତ କରୁଛନ୍ତି। ଆଜି ଆସିକା କଇଁଫୁଲିଆ ଛକ ନିକଟରୁ ଆସିକା ତହସିଲଦାର ଓଡି ୩୨ ଏଚ ୬୪୪୬ ନମ୍ବର ହାଇୱା କୁ ଜବତ କରି ଆସିକା ତହସିଲ ଠାରେ ଅଟକ ରଖିଛନ୍ତି।ଆସିକା ତହସିଲଦାର ଙ୍କ ଏହିପରି ବାଲି ଚୋରା ଗାଡି ଜବତକୁ ନେଇ ମାଫିଆଙ୍କ ମଧ୍ୟରେ କୋକୁଆ ଭୟ। ତହସିଲଦାର ଙ୍କ ଏହି ପରି ପଦକ୍ଷେପକୁ ଅଞ୍ଚଳବାସୀ ବୁଦ୍ଧିଜୀବୀ ଭୂରି ପ୍ରଶଂସା କରିଛନ୍ତି।

# ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ତରଫରୁ ସୂଚନା ଅଧିକାର ଆଇନ୍ ପ୍ରଶିକ୍ଷଣ

**କଣ୍ଟାପଡ଼ା,୧୯।୧୨ (ମହାଭାରତ):** ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ଗୁରୁ ପ୍ରସାଦ ମହାପାତ୍ର, ବସନ୍ତ ଜେନା ଓ ମାଧବାନନ୍ଦ ଭୋଇଙ୍କ ନେତୃତ୍ୱରେ ଗତ ରବିବାର ଦିନ କଟକ ଜିଲ୍ଲା ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ସାଇଁସୋ ପଞ୍ଚାୟତର ବିଜୁ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକ ତରଫରୁ ସୂଚନା ଅଧିକାର ଆଇନ୍ ସମ୍ପର୍କରେ ଏକ ପ୍ରଶିକ୍ଷଣ ଓ ଜନ ସଚେତନତା ଶିବିର ଆୟୋଜିତ ହୋଇଯାଇଅଛି । ଏହି ପ୍ରଶିକ୍ଷଣ ଶିବିରରେ ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକରୁ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ଅଂଶ ଗ୍ରହଣ କରିଥିଲେ। ଏହି ତାଲିମ୍ ଶିବିରରେ ସୂଚନା ଅଧିକାର ଅଭିଯାନ (ଓସା)ର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ବରିଷ୍ଠ ଆଇନଜିବୀ ସୁଧୀର ମହାନ୍ତି, ଓସାର ବରିଷ୍ଠ ସଦସ୍ୟା ସଂଯୁକ୍ତା ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ, ଓସାର ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ, କେନ୍ଦ୍ରାପଡ଼ା ଜିଲ୍ଲାର ଆବାହକ ପ୍ରତାପ ମହାନ୍ତି, ଯୁବ ଆଇନ୍‌ଜୀବୀ ତଥା ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ ଓ କଟକ ଆମ୍ବେଦକର ଲୋହିଆ ବିଚାର ମଞ୍ଚର ସଦସ୍ୟ ତଥା ସୂଚନା ଅଧିକାର କର୍ମୀ ନବ ଦାସ ବହୁ ପ୍ରମୁଖ ବ୍ୟକ୍ତି ଯୋଗଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ବିସ୍ତୃତ ଭାବରେ ସୂଚନା ଅଧିକାର ଆଇନ୍ ପାଇଁ ହୋଇଥିବା ଜନଆନ୍ଦୋଳନ ଉପରେ ମତ ରଖିଥିଲେ । ସୂଚନା ଅଧିକାର ଆଇନ୍ କିଭଳି ସାଧାରଣ ଲୋକଙ୍କ ଅଧିକାର ଓ କ୍ଷମତାକୁ ଅଧିକ ଶାଣିତ ଓ ସଶକ୍ତ କରୁଛି ତାହା ଉପରେ ବକ୍ତବ୍ୟ ଦେଇଥିଲେ । ଏହି ଆଇନ୍‌କୁ ନେଇ ନାଗରିକ ମାନେ କିଭଳି ବ୍ୟକ୍ତିଗତ ଜୀବନରେ ବ୍ୟବହାର କରିପାରିବେ ଓ ସରକାରୀ ଅଫିସ୍ ମାନଙ୍କରେ ଏହି ଅଧିକାର ବଳରେ ନିଜର ଅଧିକାର ଜାହିର କରିପାରିବେ, ସରକାରୀ ଅଧିକାରୀଙ୍କୁ ବିଭିନ୍ନ ଯୋଜନା ଉପରେ ପ୍ରଶ୍ନ କରିପାରିବେ ତାହା ଉପରେ ଆଲୋଚନା କରିଥିଲେ । ଏହି ଆଇନ୍‌କୁ ବ୍ୟବହାର କରି କିଭଳି ପୂର୍ବରୁ ୨୪ ବର୍ଷ ଧରି ଦୁର୍ନୀତିରେ ଲିପ୍ତ ରହିଥିବା ପୂର୍ବ ରାଜ୍ୟ ସରକାରଙ୍କ ସମସ୍ତ ଦୁର୍ନୀତି ଓ ହରିଲୁଟ୍‌କୁ ପର୍ଦ୍ଦାଫାସ୍ କରିଛନ୍ତି ଓ ଶେଷରେ ସରକାର ପରିବର୍ତ୍ତନ ପାଇଁ ସୂଚନା ଅଧିକାର କର୍ମୀମାନେ ପରିବର୍ତ୍ତନର ମାଧ୍ୟମ ହୋଇପାରିଛନ୍ତି ତାହା ଉପରେ ଆଲୋଚନା କରିଛନ୍ତି । ଏହି ଶିବିରରେ ଅତିଥି ଭାବରେ ଯୋଗାଦେଇଥିବା ସୂଚନା ଅଧିକାର ଅଭିଯାନର ଉପଦେଷ୍ଟା ସୁଧୀର ମହାନ୍ତି ସୂଚନା ଅଧିକାର ଆଇନ୍ କାର୍ଯ୍ୟକାରୀ ଉପରେ ଅନେକ ପ୍ରତିବନ୍ଧକ ଓ ସାହସର ସହ ଲଢ଼େଇ ପାଇଁ ମତ ରଖିଥିଲେ । ଓସାର ବରିଷ୍ଠ ସଦସ୍ୟା ସଂଯୁକ୍ତା ପାଣିଗ୍ରାହୀ ସୂଚନା ଅଧିକାର କର୍ମୀମାନଙ୍କ ଉପରେ ହେଉଥିବା ଆକ୍ରମଣ ଓ ବିଭିନ୍ନ ସମୟରେ ଦୁର୍ନୀତିଗ୍ରସ୍ତ ଅଧିକାରୀ କିଭଳି ସୂଚନା ଅଧିକାର କର୍ମୀମାନଙ୍କୁ ଲାଞ୍ଛନା ଦେବା ଓ ମିଥ୍ୟା ଅଭିଯୋଗରେ ବଦନାମ କରିବା ଆଦି କାର୍ଯ୍ୟ ବିଷୟରେ ମତ ରଖିଥିଲେ ଏବଂ ଶିକ୍ଷା ଅଧିକାର ଆଇନ୍‌କୁ ଠିକ୍ ଭାବରେ ଲାଗୁ କଲେ, ଯୁବପିଢ଼ୀ ଅଧିକ ଶିକ୍ଷିତ ହେଲେ ସୂଚନା ଅଧିକାର କର୍ମୀମାନେ ଅଧିକରୁ ଅଧିକ ସଚେତନ ଏହି ଆଇନ୍‌କୁ କାର୍ଯ୍ୟକାରୀ କରିପାରିବେ ତାଙ୍କ ବକ୍ତବ୍ୟ ରଖିଥିଲେ । ଏହାପରେ ଅତିଥି ଭାବରେ ରାଜ୍ୟ ନିର୍ବାଚନ କମିଶନ୍‌ରେ କାର୍ଯ୍ୟରତ ଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ ସୂଚନା ଅଧିକାର ଆଇନ୍ କିଭଳି ନାଗରିକର ମୌଳିକ ଅଧିକାର ପରିସରରେ ଆସୁଛି ଏବଂ ଏହି ଆଇନ୍‌ର ବିଭିନ୍ନ ମୌଳିକତା ଓ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଶେଷରେ ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ ସୂଚନା ଅଧିକାର ଆଇନ୍‌ରେ ବ୍ୟବହାର ହେଉଥିବା ବିଭିନ୍ନ ଫର୍ମ ପୂରଣ ଓ ପୂରଣ ସମୟରେ ସାମ୍ନା କରିଥିବା ଜଟିଳତା ଉପରେ ଆଲୋଚନା କରିଥିଲେ ଓ ଲୋକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଅଞ୍ଚଳରେ ଏପରି ସୂଚନା ଅଧିକାର ଆଇନ୍ ପ୍ରଶିକ୍ଷଣ ଶିବିରକୁ ଆୟୋଜନ କରିଥିବା ଅଞ୍ଚଳକର ସୂଚନା ଅଧିକାର କର୍ମୀଙ୍କୁ ବହୁ ଶିକ୍ଷିତ, ବୁଦ୍ଧିଜୀବୀ ଓ ଯୁବବର୍ଗମାନେ ପ୍ରଶଂସା କରୁଛନ୍ତି । ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକରେ ଆଗକୁ ଏପରି ସୂଚନା ଅଧିକାର ଆଇନ୍‌କୁ ବ୍ୟାପକ କରାଯିବ ବୋଲି ବାରଙ୍ଗ ବ୍ଲକ ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ଗୁରୁ ପ୍ରସାଦ ମହାପାତ୍ର କହିଛନ୍ତି ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଲେ ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖଡ଼ଗେ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ସଂସଦରେ 'ଏକ ଦେଶ, ଏକ ନିର୍ବାଚନ' ବିଲକୁ ନେଇ ହୋହଲ୍ଲା ମଧ୍ୟରେ ଆଜି (ବୁଧବାର) ପ୍ରଧାନମନ୍ତ୍ରୀ ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ମଧ୍ୟରେ ବୈଠକ ହୋଇଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୩ ନେତାଙ୍କ ବୈଠକକୁ ନେଇ ଚର୍ଚ୍ଚା ହେଉଛି । ଜାତୀୟ ମାନବାଧିକାର କମିଶନ (ଏନଏଚ୍‌ଆରସି)ର ଅଧ୍ୟକ୍ଷ ନିଯୁକ୍ତିକୁ ନେଇ ମୋଦୀ, ରାହୁଲ ଏବଂ ଖଡ଼ଗେଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି । ସୂଚନାଯୋଗ୍ୟ ଯେ, ଏନଏଚ୍‌ଆରସି ଅଧ୍ୟକ୍ଷ ନିଯୁକ୍ତି ଲାଗି ଗଠିତ କମିଟିରେ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଜ୍ୟସଭାର ଏଲଓପି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ସଦସ୍ୟ



ଅଛନ୍ତି । କିନ୍ତୁ ଆଜିର ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ, ଏବଂ ଦୁଇ ଗୃହର ନେତା ପ୍ରତିପକ୍ଷ ଉପସ୍ଥିତ ରହିଛନ୍ତି । ଏହି କମିଟି ଉପରେ ଜାତୀୟ ମାନବାଧିକାର କମିଶନର ସଦସ୍ୟଙ୍କ ନିଯୁକ୍ତି ଦାୟିତ୍ୱ ମଧ୍ୟ ରହିଛି । ତେବେ ଏନଏଚଆରସିର ପୂର୍ବତନ ଅଧ୍ୟକ୍ଷ ଅରୁଣ କୁମାର ମିଶ୍ରଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଜୁନ୍‌ରେ ଶେଷ ହୋଇଛି । ଏହା ପରେ କମିଶନର ସଦସ୍ୟ ବିଜୟ ଭାରତୀ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି । ୨୦୨୧ରେ ଅରୁଣ ମିଶ୍ରଙ୍କୁ ଏନଏଚ୍‌ଆରସି ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା । ସେ ସୁପ୍ରିମକୋର୍ଟର ପୂର୍ବତନ ଜଜ୍ ହୋଇଥିଲେ ହେଁ ପ୍ରଧାନ ବିଚାରପତି ନହୋଇ ଏନଏଚଆରସିର ମୁଖ୍ୟ ହୋଇପାରିଥିଲେ ।

## ମୁମ୍ବାଇର ଗେଟ ୱେ ଅଫ ଇଣ୍ଡିଆ ନିକଟରେ ବୁଡ଼ିଲା ବୋଟ୍

**ମୁମ୍ବାଇ,୧୯।୧୨(ଏଜେନ୍ସି):** ମୁମ୍ବାଇର ଗେଟୱେ ଅଫ୍ ଇଣ୍ଡିଆ ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି । ମିଳିଥିବା ସୂଚନା ଅନୁଯାୟୀ, ୬୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଓଲଟି ପଡିଛି। ଇତି ମଧ୍ୟରେ ୨୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବାବେଳେ ୪୦ ଜଣ ଯାତ୍ରୀ ନିଖୋଜ ଥିବା କୁହାଯାଉଛି। ପୁଲିସ ସୂଚନା ଅନୁସାରେ ଡଙ୍ଗା ବୁଡ଼ି ଯାଇଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି । ପୁଲିସ କହିଛି ଯେ, ବୁଧବାର ମହାରାଷ୍ଟ୍ରର ମୁମ୍ବାଇ ଉପକୂଳ ନିକଟରେ ୬୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ି ଯାଇଛି । ଡଙ୍ଗାଟି ମୁମ୍ବାଇ ନିକଟସ୍ଥ 'ଏଲିଫେଣ୍ଟା' ଦ୍ୱୀପ ଆଡକୁ ଯାଉଥିଲା, କିନ୍ତୁ ଏହା ଓରଣ ନିକଟରେ ବୁଡ଼ି ଯାଇଥିଲା । ଅଧିକାରୀ କହିଛନ୍ତି ଯେ, ପୁଲିସ, ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ, ତଟରକ୍ଷୀ ବାହିନୀ ଏବଂ ମତ୍ସ୍ୟଜୀବୀଙ୍କ ସହାୟତାରେ ଘଟଣାସ୍ଥଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଚାଲିଛି।

## ରୁଷ୍ ଆଣିଲା କ୍ୟାନସର ଟୀକା

**ବେଜିଂ,୧୯।୧୨(ଏଜେନ୍ସି):** କର୍କଟ ରୋଗ ବିରୋଧ ଲଢ଼େଇରେ ସମଗ୍ର ବିଶ୍ୱ ପାଇଁ ଏକ ନୂଆ ଆଶାର କିରଣ ସୃଷ୍ଟି ହୋଇଛି । ରୁଷିଆ କ୍ୟାନସର ପାଇଁ ନିଜର ଏମଆରଏନଏ ଟିକା ବିକଶିତ କରିଛି, ଯାହା ୨୦୨୫ ପ୍ରାରମ୍ଭରେ ଲଞ୍ଚ ହେବ । ଏହି ବୈପ୍ଳବିକ ଟିକାକୁ ରୋଗୀଙ୍କୁ ମାଗଣାରେ ଉପଲବ୍ଧ କରାଇବାକୁ ଘୋଷଣା କରାଯାଇଛି । ରୁଷ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରେଡିଓଲୋଜି ମେଡିକାଲ ରିସର୍ଚ୍ଚ ସେଣ୍ଟରର ଜେନେରାଲ ଡାଇରେକ୍ଟର ଆଣ୍ଡରେ କାପ୍ରିନ ଏହି ଘୋଷଣା କରିଛନ୍ତି । ରୁଷୀୟ ନ୍ୟୁଜ୍ ଏଜେନ୍ସି ଟାସ୍ ଅନୁଯାୟୀ, ଏହି ଟିକା କର୍କଟ ଚିକିତ୍ସାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇପାରେ । ଗାମାଲେୟା ନ୍ୟାସନାଲ ରିସର୍ଚ୍ଚ ସେଣ୍ଟର ଫର ଏପିଡେମିଓଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜିର ନିର୍ଦ୍ଦେଶକ ଆଲେକଜାଣ୍ଡର ଗିଣ୍ଟସବର୍ଗ କହିଛନ୍ତି ଟିକାର ପ୍ରି-କ୍ଲିନିକାଲ ପରୀକ୍ଷଣ ସମୟରେ ଏହା ଦେଖାଯାଇଛି ଯେ ଏହା ଟ୍ୟୁମର ବୃଦ୍ଧି ଏବଂ ମେଟାଷ୍ଟାସିସ୍ ବା କର୍କଟ ବ୍ୟାପିବା ରୋକିବାରେ ପ୍ରଭାବଶାଳୀ । ରୁଷ




ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଚଳିତ ବର୍ଷ ପ୍ରାରମ୍ଭରେ କହିଥିଲେ ଆମେ ଏକ ନୂତନ ପିଢ଼ିର କର୍କଟ ଟିକା ଏବଂ ଇମ୍ୟୁନୋମୋଡୁଲେଟରୀ ଔଷଧର ବିକାଶର ଅତି ନିକଟରେ ପହଞ୍ଚିଛୁ । ରୁଷିଆର ଟିକା ବିଶେଷଜ୍ଞ ଗିଣ୍ଟସବର୍ଗ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ସହାୟତାରେ ବ୍ୟକ୍ତିଗତ କ୍ୟାନସର ଟିକା ତିଆରି ପ୍ରକ୍ରିୟା ଘଣ୍ଟା ଘଣ୍ଟା ମଧ୍ୟରେ ଶେଷ ହୋଇପାରିବ । ବର୍ତ୍ତମାନ ସମୟରେ, ଏହି ପ୍ରକ୍ରିୟା ଲମ୍ବା ଏବଂ ଜଟିଳ, କାରଣ ଏଥିରେ ଗାଣିତିକ ପଦ୍ଧତି ବ୍ୟବହାର କରାଯାଏ । କିନ୍ତୁ ଏଆଇ ଏବଂ ନ୍ୟୁରାଲ ନେଟୱାର୍କ କମ୍ପ୍ୟୁଟିଂ ସାହାଯ୍ୟରେ ଏହାକୁ ମାତ୍ର ୩୦ ମିନିଟରୁ ୧ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇପାରିବ । କର୍କଟ ରୋଗର ଚିକିତ୍ସାରେ ଟିକା ରୋଗ ପ୍ରତିରୋଧକ ଶକ୍ତିକୁ କର୍କଟ କୋଷକୁ ଚିହ୍ନଟ କରି ନଷ୍ଟ କରିବାରେ ସାହାଯ୍ୟ କରିଥାଏ । ଥେରାପ୍ୟୁଟିକ୍ କ୍ୟାନସର ଟିକା ବିଶେଷ କରି ଟ୍ୟୁମର କୋଷରୁ ପ୍ରୋଟିନ୍ କିମ୍ବା ଆଣ୍ଟିଜେନକୁ ଟାର୍ଗେଟ କରି ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ ଟ୍ୟୁମରକୁ ଦୂର କରିବାରେ ସକ୍ଷମ କରିଥାଏ । ଏହାବ୍ୟତୀତ ଏଚପିଭି ଟିକା ଭଳି ପ୍ରତିଷେଧକ ଟିକା ଭୂତାଣୁ ସହ ଜଡିତ କର୍କଟ ରୋଗକୁ ରୋକିବାରେ ସାହାଯ୍ୟ କରିଥାଏ ।

## ୟୁପି କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ ବେଳେ ଅଘଟଣ, ଜଣେ ମୃତ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି)** ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ ବେଳେ ଅଘଟଣ ।ପ୍ରଦର୍ଶନରେ ସାମିଲ ଯୁବ କଂଗ୍ରେସ କର୍ମୀ ପ୍ରଭାତ ପାଣ୍ଡେଙ୍କ ମୃତ୍ୟୁ ହୋଇଛି । ପୋଲିସ ଠେଲାପେଲାରେ ପ୍ରଭାତଙ୍କ ମୃତ୍ୟୁ ହୋଇଥିବା ନେଇ କହିଛି କଂଗ୍ରେସ। ଯୁବ କଂଗ୍ରେସର ମୃତ୍ୟୁ ଖବର ମିଳିବା



ପରେ ୟୁପିର ଡେପୁଟି ସିଏମ୍ ବ୍ରଜେଶ ପାଠକ ସିଭିଲ ହସ୍ପିଟାଲରେ ପହଁଞ୍ଚିଥିଲେ । ଏହା ପୂର୍ବରୁ ପୋଲିସର ଠେଲାପେଲାରେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଅଜୟ ରାୟ ମଧ୍ୟ ବେହୋଶ ହୋଇଯାଇଥିଲେ। ଯୁବ କଂଗ୍ରେସ କର୍ମୀଙ୍କ ପାଇଁ ପାଇ ପୋଲିସର ବଳପ୍ରୟୋଗ ଓ କଣ୍ଟା ବ୍ୟାରିକେଡକୁ ଦାୟୀ କରିଛି ଦଳ । କଂଗ୍ରେସ କହିଛି, ଆଜି ବିଧାନସଭା ଘେରାଉ କରିବାକୁ ଯାଉଥିବା କର୍ମୀଙ୍କୁ ରୋକିବାକୁ ପୋଲିସ ବଳପ୍ରୟୋଗ କରିଥିଲା । ଫଳରେ ଗୋରଖପୁର ନିବାସୀ ଯୁବ କଂଗ୍ରେସ କର୍ମୀ ପ୍ରଭାତ ପାଣ୍ଡେଙ୍କ ମୃତ୍ୟୁ ହୋଇଥିଲା ।ଏହି ଘଟଣା ଦ୍ୱାରା ପୁରା କଂଗ୍ରେସ ପରିବାର ଆହତ ଓ ଆକ୍ରୋଶିତ ।କଂଗ୍ରେସ କହିଛି ଯୋଗୀ ସରକାରଙ୍କ ହତ୍ୟାକାରୀ ପୋଲିସ ରାଜ୍ୟ କଂଗ୍ରେସ ମୁଖ୍ୟାଳୟର ଚାରିପଟେ କଣ୍ଟା ବ୍ୟାରିକେଡ୍ ଲଗାଇଛି । ତାଙ୍କର ବର୍ବରତା କାରଣରୁ ଆମର ଜଣେ କର୍ମୀଙ୍କର ମୃତ୍ୟୁ ହୋଇଛି । ଆମେ ଏହି ଦୁର୍ଘଟଣାକୁ କେବେ ବି ବରଦାସ୍ତ କରିବୁନି ।

## କ୍ୟାବିନେଟରୁ ଶାହଙ୍କୁ ବରଖାସ୍ତ କରିବାକୁ ଦାବି

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ସଂସଦରେ ଆମ୍ବେଦକରଙ୍କୁ ନେଇ ଗୃହମନ୍ତ୍ରୀ ଅମିତ ଶାହଙ୍କ ଟିପ୍ପଣୀ ପରେ ତାଙ୍କୁ କ୍ୟାବିନେଟରୁ ବରଖାସ୍ତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟରେ ଦାବି କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । କହିଛନ୍ତି ଏଭଳି ନେତାଙ୍କୁ ସଂସଦରେ ରହିବାର କୌଣସି ଅଧିକାର ନାହିଁ । ଗତ ମଙ୍ଗଳବାର ସଂସଦରେ ବିବୃତ୍ତି ରଖିବାକୁ ବାବା ସାହେବ ଆମ୍ବେଦକରଙ୍କ ବିଷୟରେ ଆଲୋଚନା କରିଥିଲେ ଗୃହମନ୍ତ୍ରୀ ଅମିତ ଶାହ । ଏହାକୁ ନେଇ ଏବେ ବିରୋଧୀ ତାଙ୍କୁ ଘନଘନ ଟାର୍ଗେଟ୍ କରିବାରେ ଲାଗିଛନ୍ତି । ବିରୋଧୀଙ୍କୁ କଟାକ୍ଷ କରିବାକୁ ଯାଇ ଅମିତ ଶାହ କହିଥିଲେ, ଏବେ ଗୋଟିଏ ଫ୍ୟାସନ ହୋଇଗଲାଣି । ଆମ୍ବେଦକର୍ଙ୍କ ଆମ୍ବେଦକର୍ଙ୍କ ଏତେ ଥର ଯଦି ଭଗବାନଙ୍କ ନାମ ଜପି ଥାଆନ୍ତେ, ତେବେ ୭ ଜନ୍ମ ପର୍ଯ୍ୟନ୍ତ ସ୍ୱର୍ଗ ପ୍ରାପ୍ତି ହୋଇ ଥାଆନ୍ତା । ଏଭଳି ବୟାନ ପରେ ବିରୋଧୀ ତାତିଥିବା



ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏକ ପ୍ରେସ୍ କନ୍‌ଫରେନ୍ସ କହିଛନ୍ତି, ସଂସଦରେ ଅମିତ ଶାହ ଯେଉଁଭଳି ବୟାନ ରଖିଛନ୍ତି ତାହା ନିନ୍ଦନୀୟ । ବାଧ ହୋଇ ମୋତେ କହିବକୁ ପଡୁଛି ଯେ, ଏମାନେ ସମ୍ବିଧାନକୁ ମାନୁ ନାହାନ୍ତି । ଏମାନେ କେତେବେଳେ ସ୍ୱର୍ଗ ନର୍କ କଥା କହୁଛନ୍ତି ତ କେତେବେଳେ ମନସ୍ମୃତି କଥା କହୁଛନ୍ତି । ସେଥିରେ ହିଁ ସ୍ୱର୍ଗ ନର୍କ କଥା ଲେଖା ରହିଛି । ଏହି ବିଚାରଧାରାକୁ ଅମ୍ବେଦକର ମାନୁନଥିଲେ । ସେ କେବେ ସ୍ୱର୍ଗ ନର୍କ କଥା କହୁନଥିଲେ, ଅମିତ କହୁଛନ୍ତି । ମୋଦୀ ମଧ୍ୟ ତାଙ୍କୁ ସମର୍ଥନ ଦେବାକୁ ଯାଇ ଏକା ଥରକେ ୬ଟି ଟ୍ୱିଟ୍ କଲେ । ଏହାର କଣ ଆବଶ୍ୟକତା ଥିଲା ? ଯଦି କେହି ବାବା ସାହେବଙ୍କ ନାଁରେ କିଛି ଭୁଲ୍ କହୁଛନ୍ତି, ତେବେ ତାଙ୍କୁ କ୍ୟାବିନେଟ୍‌ରୁ ବରଖାସ୍ତ କରିବା ଉଚିତ୍ । କିନ୍ତୁ ପ୍ରଧାନମନ୍ତ୍ରୀ ଓ ଶାହ ଅତି ଘନିଷ୍ଠ ବନ୍ଧୁ, ଏଣୁ ପରସ୍ପରର ପାପକୁ ଘୋଡ଼ାଇବାରେ ଲାଗିଛନ୍ତି । ମଙ୍ଗଳବାର ସଂସଦର ଅମିତ ଶାହଙ୍କ ବୟାନ ପରେ ଲଗତାର ତାଙ୍କୁ ପ୍ରଶ୍ନବାଣ ମାରୁଛନ୍ତି । କେତେକ ବିରୋଧୀ ନେତା ଅମିତ ଶାହଙ୍କ କ୍ଷମା ପ୍ରାର୍ଥନା ମଧ୍ୟ ଦାବି କରିଛନ୍ତି ।

ବେଳେ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି କେନ୍ଦ୍ରମନ୍ତ୍ରୀଙ୍କ ବୟାନଙ୍କୁ ଭୁଲ୍ ଅର୍ଥରେ ନେଉଛନ୍ତି ବିରୋଧୀ ନେତା । କଂଗ୍ରେସ

## ଋଷ ଆକ୍ରମଣରେ ଦିନକରେ ୫୪୦ ୟୁକ୍ରେନ ସୈନିକ ନିହତ

**ମସ୍କୋ,୧୯।୧୨(ଏଜେନ୍ସି)** ପୁଟିନ୍‌ଙ୍କ ସବୁଠାରୁ ବିଶ୍ୱସ୍ତ ଲେଫ୍ଟନାଣ୍ଟ ଜେନେରାଲ ଇଗୋର କିରିଲୋଭଙ୍କ ମୃତ୍ୟୁ ଋଷକୁ ଦୋହଲାଇ ଦେଇଛି । ଏକ ବୋମା ବିସ୍ଫୋରଣରେ କିରିଲୋଭଙ୍କ ମୃତ୍ୟୁପରେ ଋଷ ଏବେ ୟୁକ୍ରେନ୍ ସେନାଠାରୁ ଏହାର ପ୍ରତିଶୋଧ ନେଇଛି । ଋଷ ପ୍ରତିରକ୍ଷା ମନ୍ତ୍ରଣାଳୟର କହିବା ଅନୁସାରେ, ଗତ ୨୪ ଘଣ୍ଟାରେ ଋଷ ୫୪୦ ୟୁକ୍ରେନ୍ ସେନା କର୍ମଚାରୀଙ୍କୁ ମାରିବାରେ ସଫଳ ହୋଇଛି । ଏହା ସହ ବହୁ ଯାନ ବାହନକୁ ମଧ୍ୟ ଧ୍ୱଂସ କରିଛି । ଋଷର 'ଜେପଡ' (ପଶ୍ଚିମ) ଓ 'ସେନ୍ଟ୍ର' (କେନ୍ଦ୍ର) ସେନା ୟୁକ୍ରେନର ୧୧ ପାଲଟା ଆକ୍ରମଣକୁ ବିଫଳ କରିଛି । 'ଜେପଡ' ଗ୍ରୁପ୍ ୪୪୦ ୟୁକ୍ରେନ୍ ସେନିକଙ୍କୁ ମାରିବାରେ ସଫଳ ହୋଇଛି । ସେଭଳି 'ୟୁଗ'(ଦକ୍ଷିଣ) ଗ୍ରୁପ୍ ୩୫୦ ସୈନିକଙ୍କୁ ନିପାତ କରିଛି । ଏହାଛଡା ଡୋନଷ୍ଟେକ୍ ଅଞ୍ଚଳର ଗୁଡୋଭ ଓ ଷ୍ଟାରି ଟେର୍ନି ଅଞ୍ଚଳକୁ ଦଖଲ କରିଛି ଋଷ ସେନା । ମଙ୍ଗଳବାର ମସ୍କୋରେ କିରିଲୋଭ ଆପାର୍ଟମେଣ୍ଟ ବାହାରେ ଠିଆ ହୋଇଥିବା ଏକ ସ୍କୁଟର ହୋଇଥିଲା ବୋମା ବିସ୍ଫୋରଣ । ଏହି ବିସ୍ଫୋରଣରେ କିରିଲୋଭଙ୍କ ସହ ତାଙ୍କର ଜଣେ ସହଯୋଗୀଙ୍କର ମୃତ୍ୟୁ ହୋଇଥିଲା । ଋଷ ଏଜେନ୍ସିର କହିବା ଅନୁସାରେ ଆକ୍ରମଣ ୟୁକ୍ରେନ୍ ଗୁଇନ୍ଦା ଏଜେନ୍ସି ପକ୍ଷରୁ କରାଯାଇଥିଲା । କୁହାଯାଉଛି ଯେ, ଉଜବେକିସ୍ତାନରେ ରହୁଥିବା ସନ୍ଦିଗ୍ଧ ଆକ୍ରମଣକାରୀ ୟୁକ୍ରେନ୍ ଏଜେନ୍ସି ଏହି କାମ ପାଇଁ ଏକ ଲକ୍ଷ ଡଲାର ଓ ୟୁରୋପରେ ରହିବା ସୁରକ୍ଷା ଦାବି କରିଥିଲା । କିରିଲୋଭଙ୍କ ହତ୍ୟା ପରେ ଋଷରେ ଖେଳିଯାଇଥିଲା ଚାଞ୍ଚଲ୍ୟ । କିଛି ଲୋକ ଏହାକୁ ଇସ୍ରାଏଲର ମୋସାଦ ଭଳି ରଣନୀତି ବୋଲି କହିଥିଲେ । ସେପଟେ ଋଷ ନିଜର ପ୍ରତିଷ୍ଠା ଉପରେ ଏଭଳି ଆକ୍ରମଣକୁ ସହ୍ୟ କରିପାରିନଥିଲା । ତେଣୁ ବଡ଼ ଆକ୍ରମଣ କରିବାକୁ ଚେଷ୍ଟା କରୁଛି । ଋଷ ସ୍ପଷ୍ଟ କରିଛି କିରିଲୋଭଙ୍କ ହତ୍ୟାର ପ୍ରତିଶୋଧ ନିଆଯିବ ।

## ଓସ୍ମେ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ବ୍ୟବସାୟରେ ଅଭିବୃଦ୍ଧି ସମ୍ମିଳନୀ




**ଭୁବନେଶ୍ୱର,୧୯।୧୨ (ମହାଭାରତ):** ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଏବଂ ଜାତୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠାନ (ଏନ୍‌ଆଇ -ଏମ୍‌ଏସ୍‌ଏମ୍‌ଇ)ର ମିଳିତ ସହଯୋଗରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଓସ୍ମେ) ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ବ୍ୟବସାୟରେ ଅଭିବୃଦ୍ଧି ଓ ଆଶାବାଦ ଉପରେ ଆନ୍ତର୍ଜାତିକ ସମ୍ମିଳନୀ ସଫଳତାର ସହିତ ଶୁଭାରମ୍ଭ ହୋଇଛି । ଉଦ୍‌ଘାଟନୀ ଦିବସରେ ଭାରତ ତଥା ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ । ଇଣ୍ଡୋନେସିଆର ୟୁନିଭର୍ସିଟି ଆମ୍ ଜୟ ଯୋଗ୍ୟକର୍ତାର ଆସୋସିଏଟ୍ ପ୍ରଫେସର ଡ. ବୁଦି ସୁପ୍ରାପ୍ତୋ, ଷ୍ଟାରାଜିନ୍‌ର ସିଇଓ ତଥା ଦକ୍ଷିଣ କୋରିଆର କୋରିଆ ଆମଦାନୀକାରୀ ସଂଘ (କୋଇମା)ର ସଦସ୍ୟ ୟୁଜିନ ହାନ୍, ଆଇଇଡିଏସ୍, କଟକର ଏମ୍‌ଏସ୍‌ଏମ୍‌ଇ ଡିଏଫଓ ପି.କେ.ଗୁପ୍ତା, ଓସ୍ମେଓମେନ୍ ୱିଙ୍ଗର ଅଧ୍ୟକ୍ଷା ଜ୍ୟୋର୍ତିମୟୀ ମହାନ୍ତି, ଏନ୍‌ଆଇ - ଏମ୍‌ଏସ୍‌ଏମ୍‌ଇର ଏସ୍‌ଇଇର ନିର୍ଦ୍ଦେଶକ ଡ. ଶ୍ରୀକାନ୍ତ ଶର୍ମା, ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ୍‌ବି) କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ପ୍ରମୋଦ କୁମାର ବିଜୟବର୍ଗିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଓସ୍ମେର ମହାସଚିବ ସାତ୍ତ୍ୱିକ ସ୍ୱାଇଁଙ୍କ ନେତୃତ୍ୱରେ ସଂଯୋଜନା କରାଯାଇଥିଲା । ଏହି ଅବସରରେ ଡ. ବୁଡି ସୁପ୍ରାପ୍ତୋ ଏକ ଦୃଢ଼ ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମ ସୃଷ୍ଟି କରିବାରେ ଇଣ୍ଡୋନେସିଆର ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ଭାରତ ଓ ଇଣ୍ଡୋନେସିଆ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସମାନ ଆହ୍ୱାନ ଓ ସୁଯୋଗ ରଖୁଛନ୍ତି ବୋଲି, ସେ କହିଛନ୍ତି । ସହଯୋଗ ଏବଂ ଉତ୍ତମ ଅଭ୍ୟାସ ଆଦାନପ୍ରଦାନ ପାରସ୍ପରିକ ଭାବେ ଲାଭଦାୟକ ହେବ । ଏହି ସମ୍ମିଳନୀରେ ୟୁଜିନ୍ ହାନ୍ ଏମ୍‌ଏସ୍‌ଏମ୍‌ଇ ବିକାଶରେ କୋରିଆର ଅଗ୍ରଗତି ଏବଂ ଭାରତ ପାଇଁ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ ।

## ଏନଇସିସି ଗ୍ରୀନ୍ ଲଜିଷ୍ଟିକ୍ସ ପ୍ରତି ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛି

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ଘରୋଇ, ଅନ୍ତର୍ଜାତୀୟ, ବାଣିଜ୍ୟିକ ଓ ଶିଳ୍ପ ସାମଗ୍ରୀ ପରିବହନ କ୍ଷେତ୍ରରେ ଅଗ୍ରଣୀ କମ୍ପାନି ନର୍ଥ ଇଷ୍ଟର୍ଣ୍ଣ କ୍ୟାରିଙ୍ଗ୍ କର୍ପୋରେସନ୍ ଲିମିଟେଡ୍ ନିକଟରେ ଏକ ବିଜନେସ୍ ଅପଡେଟ୍ ଘୋଷଣା କରିଛି । ଗୁରୁଗ୍ରାମ ନିକଟସ୍ଥ ତାଉରୁରେ ଥିବା ଏକ ସ୍ଥାନରେ ଏନଇସିସି ଏକ ଅତ୍ୟାଧୁନିକ, ୧୮୩,୦୦୦ ବର୍ଗଫୁଟର ଗୋଦାମ କାରଖାନା ବିକଶିତ କରିବା ପ୍ରକ୍ରିୟାରେ ଅଛି । ଏହି ସମନ୍ୱିତ ସୁବିଧା ୫ ଏକର ଜମିରେ ନିର୍ମିତ ହେବ ଏବଂ ଏଥିରେ କର୍ମଚାରୀଙ୍କ ପାଇଁ ବାସଗୃହ, ଦକ୍ଷ ସଂରକ୍ଷଣ ପାଇଁ ବହୁସ୍ତରୀୟ ରେକିଂ ବ୍ୟବସ୍ଥା, ଆଧୁନିକ ବୈଦ୍ୟୁତିକ ସାମଗ୍ରୀ ପରିଚାଳନା ଉପକରଣ ସହିତ ଛାତ ଉପରେ ୨ ମେଗାୱାଟ ସୌର ଶକ୍ତି ସ୍ଥାପନ କରାଯିବ । ଇନ୍-ହାଉସ୍ ସୌର କ୍ଷମତା ସହିତ, ଏନଇସିସି କମ୍ ଇନପୁଟ୍ ଖର୍ଚ୍ଚ ଏବଂ ଉନ୍ନତ ଦକ୍ଷତା ଦ୍ୱାରା ଲାଭବାନ ହେବ । ବିଶେଷ କରି ଇଲେକ୍ଟ୍ରିକ୍ (ଇଭି) ଟ୍ରକ୍ ବ୍ୟବହାର କରିବା ସମୟରେ ଏହି ସୁବିଧା ପ୍ରଥମ ମାଇଲ୍ ଏବଂ ଶେଷ ମାଇଲ୍ ଡେଲିଭରି ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବ । କଂପାନି ଆହୁରି ମଧ୍ୟ କୁହାଯାଇଛି, "ସ୍ଥାୟୀ ଟ୍ରକିଂ ସମାଧାନ ପାଇଁ ଉତ୍ସର୍ଗୀକୃତ କମ୍ପାନୀ ଏସଜି ଗ୍ରୀନ ଲଜିଷ୍ଟିକ୍ସରେ ଏନଇସିସିର ସାମ୍ପ୍ରତିକ ରଣନୈତିକ ପୁଞ୍ଜିନିବେଶକୁ ଅଂଶୀଦାର କରିବାକୁ ଆମେ ଉତ୍ସାହିତ ।

## ଅମିତ ଶାହଙ୍କ 'ଏଡିଟେଡ୍ ଭିଡିଓ' ସେୟାର କରିଥିବା କଂଗ୍ରେସ ନେତାଙ୍କୁ ନୋଟିସ୍

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ କିଛି ଭିଡିଓ କ୍ଲିପକୁ ସେମାନଙ୍କ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍ ଏକ୍ସରେ ସେୟାର୍ କରିଥିବାରୁ କଂଗ୍ରେସର ଅନେକ ନେତାଙ୍କୁ ନୋଟିସ୍ ମିଳିଛି । କଂଗ୍ରେସ ଦଳ ଦାବି କରିଛି ଯେ ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ପକ୍ଷରୁ ସେମାନଙ୍କ ନାମରେ ଏହି ନୋଟିସ୍ ଜାରି କରାଯାଇଛି । ରାଜ୍ୟସଭାରେ ବିଆର ଆମ୍ବେଦକରଙ୍କ ବିଷୟରେ ଅମିତ ଶାହ ହେଉଥିବା ଭାଷଣକୁ ଏଡିଟ୍ କରାଯାଇ ଭିଡିଓ ସେୟାର କରାଯାଇଛି ବୋଲି ବିଜେପି ଅଭିଯୋଗ ଆଣିବା ପରେ ଏପରି ଘଟିଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଅନୁରୋଧ କ୍ରମେ କଂଗ୍ରେସକୁ ଏହି ବିଜ୍ଞପ୍ତି ଜାରି କରାଯାଇଥିବା ସୂତ୍ରରୁ ପ୍ରକାଶ ପାଇଛି । ମଙ୍ଗଳବାର ଦିନ କଂଗ୍ରେସର ଅନେକ ନେତା ଶାହଙ୍କ ଭାଷଣର ଏକ କ୍ଲିପ୍ ସେୟାର କରିବା ପରେ ଭାରତୀୟ ସମ୍ବିଧାନର ସ୍ଥପତି ଆମ୍ବେଦକରଙ୍କୁ ଅପମାନିତ କରିଥିବା ଅଭିଯୋଗ ଆଣିଥିଲେ । ଏହାକୁ ନେଇ ଏକ ବିରାଟ ରାଜନୈତିକ ଝଡ଼ ଦେଖା ଦେଇଥିଲା । ଏହି ଅଭିଯୋଗର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ହସ୍ତକ୍ଷେପ କରିଥିବା ବେଳେ ବିଜେପି ଏକ ପ୍ରତିପକ୍ଷ ଆକ୍ରମଣ ଆରମ୍ଭ କରିଥିଲା । କଂଗ୍ରେସ ସେୟାର କରିଥିବା ଭିଡିଓରେ ଅମିତ ଶାହ କହୁଥିବାର ନଜର ଆସୁଛି, ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର କହିବା ଏକ ଫ୍ୟାସନରେ ପରିଣତ ହୋଇଛି । ଯଦି ସେମାନେ ଏତିକି ଥର ଭଗବାନଙ୍କ ନାମ ନେଇଥାନ୍ତେ ତ ତେବେ ସେମାନେ ସ୍ୱର୍ଗରେ ସ୍ଥାନ ପାଇଥାନ୍ତେ ।''ଏହି ଭିଡିଓକୁ ଜରିଆ କରି କଂଗ୍ରେସ ଅଭିଯୋଗ ଆଣିଥିଲା ଯେ ଶାହଙ୍କ କହିବାର ତାତ୍ପର୍ଯ୍ୟ ହେଉଛି ଭଗବାନଙ୍କ ନାମ ଧରିବା ପୂଣ୍ୟର କଥା ଓ ଆମେଦକରଙ୍କ ନାମ ଧରିବା ଏକ ପାପରେ ଯାହାକି ଆମ୍ବେଦକରଙ୍କୁ ଏକ ଅପମାନ ।

## ଅତ୍ୟାଧୁନିକ ଦକ୍ଷତାଭିତ୍ତିକ ତାଲିମ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** କାଇନେଟିକ୍ ଗ୍ରୀନ ଏନର୍ଜି ଏବଂ ପାୱାର ସଲ୍ୟୁସନ ଲିମିଟେଡ୍, ଯାହାକି ଭାରତର ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇଚକିଆ ଏବଂ ତିନିଚକିଆ ଯାନର ନିର୍ମାଣକାରୀ ପ୍ରତିଷ୍ଠାନ, ଏକ ଲମ୍ବା ଅବଧିର ଭାଗୀଦାରିତା ପ୍ରତିଷ୍ଠା ପାଇଁ ବିଶ୍ୱକର୍ମା ଇନଷ୍ଟିଚ୍ୟୁଟ ଆଣ୍ଡ ୟୁନିଭରସିଟି ସହିତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି ଯାହାର ଲକ୍ଷ୍ୟ ପ୍ରାସଙ୍ଗିକ ବିକାଶର ଅଗ୍ରଗତି, କୌଶଳ ଆଧାରିତ ପ୍ରଶିକ୍ଷଣ, ଅତ୍ୟାଧୁନିକ ଜ୍ଞାନକୌଶଳର ଗବେଷଣା ତଥା ଶିକ୍ଷା । ଏହି ମିଳିତ ସହଯୋଗୀତା ଶିକ୍ଷା ନବୀସ ଏବଂ ଶିଳ୍ପ ମଧ୍ୟରେ ରହିଥିବା ଦୂରତାକୁ ପୂରଣ କରିବା ସହିତ ଆଗାମୀ ଭବିଷ୍ୟତର ପ୍ରତିଭାମାନଙ୍କର ବିକାଶକୁ ପ୍ରତିପୋଷଣ କରିପାରିବ । ଏହି ଭାଗୀଦାରିତା ଜରିଆରେ କାଇନେଟିକ୍ ଗ୍ରୀନ ପ୍ରଶିକ୍ଷଣ, ବ୍ୟବହାରିକ ସହଯୋଗରେ ହସ୍ତକ୍ଷେପ କରିବା ସହିତ ପ୍ରୟୋଗଶାଳା, କର୍ମଶାଳା, ଶିଳ୍ପାଂଚଳ ପରିଦର୍ଶନ, ବାସ୍ତବ ଦୁନିଆର ମୂଲ୍ୟବାନ୍ ଅଭିଜ୍ଞତା ଉଭୟ ଛାତ୍ର ଏବଂ ଶିକ୍ଷା ନବୀସମାନଙ୍କୁ ଯୋଗାଇବ । ପ୍ରତିବଦଳରେ ବିଶ୍ୱକର୍ମା ଇନଷ୍ଟିଚ୍ୟୁଟ ଆଣ୍ଡ ୟୁନିଭରସିଟି ଏହାର ଶିକ୍ଷା ପଦ୍ଧତିକୁ ବ୍ୟବହାର କରି ଶିଳ୍ପକ୍ଷେତ୍ରର ଆବଶ୍ୟକତାକୁ ପରିପୂରଣ କରିବା ସହିତ ଛାତ୍ରମାନଙ୍କର ଭବିଷ୍ୟତକୁ ସୁନ୍ଦର ଭାବରେ ପ୍ରସ୍ତୁତ କରିବାକୁ ସୁନିଶ୍ଚିତ କରିବ ।

## ଷ୍ଟୋଭକ୍ରାଫ୍ଟକୁ ଆଇକିଆ ଦ୍ୱାରା ଗ୍ଲୋବାଲ ସପ୍ଲାଇ ପାର୍ଟନର

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ରୋଷେଇ ଘର ଓ ହୋମ୍ ଆପ୍ଲାଏନ୍ସ ଓ କୁକ୍‌ୱେୟାର କ୍ଷେତ୍ରରେ ଅଗ୍ରଣୀ ନାମ ଷ୍ଟୋଭକ୍ରାଫ୍ଟ ଲିମିଟେଡକୁ ବିଶ୍ୱପ୍ରସିଦ୍ଧ ରିଟେଲ କମ୍ପାନୀ ଆଇକିଆ ପକ୍ଷରୁ ବିଶ୍ୱ ଯୋଗାଣ ସହଯୋଗୀ ଭାବେ ମନୋନୀତ କରାଯାଇଛି । ଏହି ଭାଗିଦାରୀର ଏକ ଅଂଶ ଭାବରେ, ଷ୍ଟୋଭକ୍ରାଫ୍ଟ ୨୦୨୬ରୁ ଆଇକିଆର ଗ୍ଲୋବାଲ ନେଟୱାର୍କ ଅଫ୍ ଷ୍ଟୋର ମାଧ୍ୟମରେ ବିକ୍ରି ହେବାକୁ ଥିବା ରନ୍ଧନ ସାମଗ୍ରୀ ଗୁଡିକର ଏକ ସ୍ୱତନ୍ତ୍ର ଶୃଙ୍ଖଳା ବିକଶିତ କରିବ । ଏହି ଯୋଗାଣ ଭାଗିଦାରୀ ପାଇଁ ଷ୍ଟୋଭକ୍ରାଫ୍ଟ ଏହାର ହାରୋହଲ୍ଲୀ କ୍ୟାମ୍ପସରେ ୧,୮୦,୦୦୦ ବର୍ଗଫୁଟର ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ସ୍ଥାପନ କରୁଛି । ଏହି ସୁବିଧା ଆଇକିଇର ବିଶ୍ୱସ୍ତରୀୟ ମାନଦଣ୍ଡପୂରଣ କରିବ, ସର୍ବୋତମ ଉତ୍ପାଦନ ଅଭ୍ୟାସ ଏବଂ ଉନ୍ନତ ଯୋଗାଣ ଶୃଙ୍ଖଳା ପ୍ରକ୍ରିୟାକୁ ସମନ୍ୱିତ କରିବ । ଷ୍ଟୋଭକ୍ରାଫ୍ଟର ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର ଗାନ୍ଧୀ କହିଛନ୍ତି ଯେ, "ଆଇକିଆ ସହ ଭାଗିଦାରୀ ଷ୍ଟୋଭକ୍ରାଫ୍ଟର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିନିଧିତ୍ୱ କରୁଛି, ଯାହା ଏହାର ବିଶ୍ୱସ୍ତରୀୟ ପାଦ ବିସ୍ତାର କରିବା ଏବଂ ଅନ୍ତର୍ଜାତୀୟ ବଜାରରେ ଆମର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆମର ରଣନୈତିକ ଲକ୍ଷ୍ୟ ସହିତ ଯୋଡ଼ି ହୋଇଛି ।"

## ବିଲଡରଙ୍କୁ ସୁପ୍ରିମକୋର୍ଟଙ୍କ ଛାଟ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ବିଲଡରଙ୍କୁ ସୁପ୍ରିମକୋର୍ଟଙ୍କ ଛାଟ । ନିୟମ ବିରୁଦ୍ଧରେ ନିର୍ମାଣ ହୋଇଥିବା ଘରକୁ ମିଳିବନି ସର୍ବକ୍ଷମା ଏମିତିକି ବେଆଇନ୍ ଘରକୁ ମିଳିବନି ବିଜୁଳି ମିଳିବନି ପାଣି । ନିୟମ ବିରୁଦ୍ଧରେ କନଷ୍ଟ୍ରକସନ କରିଥିଲେ ଘର ବି ଭାଙ୍ଗିବେ ସରକାର । ଅକୁପେନସି ସାର୍ଟିଫିକେଟ ନଥିବା ଆପାର୍ଟମେଂଟକୁ ମିଳିବନି ବିଦୁତ, ପାଣି ଏହା ସହ ମୁନିସପାଲଟି ଟ୍ରେଡ ଲାଇସେନ୍ସ ନ ମିଳିବା ସହ ବ୍ୟାଙ୍କ ବି ଦେବନି ଲୋନ । ୟୁପିରେ ଏକ ମାମଲାର ବିଚାର କରି ମାନ୍ୟବର ସୁପ୍ରିମକୋର୍ଟ ଦେଇଛନ୍ତି କଡ଼ା ନିର୍ଦ୍ଦେଶ । ସହରାଂଚଳରେ ନିୟମ ବିରୁଦ୍ଧରେ କରାଯାଇଥିବା ନିର୍ମାଣକୁ ସରକାରଙ୍କୁ ଘର ଭାଙ୍ଗିବା ସହ ସଂପୃକ୍ତ ଘରକୁ ପାଣି ବିଜୁଳି ନ ଦେବା ପାଇଁ ବାରଣ କରିଛନ୍ତି ମାନ୍ୟବର ସୁପ୍ରିମ କୋର୍ଟ । ଏମିତିକି ନିର୍ମାଣ ଧ୍ୱନ କୋଠା ବା ଆପର୍ଟମେଂଟ ଯେଉଁ ଅଧିକାରୀଙ୍କ ଅଂଚଳରେ ଆସୁଛି ସଂପୃକ୍ତ ଅଧିକାରୀଙ୍କ ବିନା ଅନୁମତିରେ କୋଠା ନିର୍ମାଣ ହେଲେ ତା ଉପରେ କାର୍ଯ୍ୟନୁଷ୍ଠାନ ହେବ ବୋଲି କହିଛନ୍ତି ମାନ୍ୟବର ସୁପ୍ରିମକୋର୍ଟ ।

## ଭାରତକୁ ଟ୍ରମ୍ପଙ୍କ ଟିକସ ଧମକ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଟିକସ ଧମକ ଦେଇଛନ୍ତି । ସେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛନ୍ତି ଯେ ଯଦି ଆମେରିକୀୟ ସାମଗ୍ରୀ ଉପରେ ଭାରତ ଉଚ୍ଚ ଟିକସ ଲଗାଇବ, ତେବେ ଆମେ ପାଲଟା ଟିକସ ଲଗାଇବୁ । ଯଦି ସେମାନେ ଆମ ଉପରେ ଟିକସ କଷିବେ, ଆମେ ବି ସମାନ ଟିକସ କଷିବୁ । ଆମେରିକାର ଅନେକ ସାମଗ୍ରୀ ଉପରେ ସେମାନେ ଟିକସ ଲଗାଇଥିବା ବେଳେ ଆମେ ସେଭଳି କରୁନାହୁଁ ବୋଲି ଟ୍ରମ୍ପ କହିଛନ୍ତି । ଚୀନ୍ ସହ ସମ୍ଭାବ୍ୟ ବାଣିଜ୍ୟ ରାଜିନାମା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଛନ୍ତି ଯେ ଭାରତ ଓ ବ୍ରାଜିଲ୍ ତରଫରୁ କିଛି ଆମେରିକୀୟ ଉତ୍ପାଦ ଉପରେ ଚା ଟିକସ ଲାଗୁ କରାଯାଇଛି । ପାଲଟା ଟିକସ ଲଗାଇବା ଗୁରୁତ୍ୱପୂର୍ଣ୍ଣ ବୋଲି କହି ଟ୍ରମ୍ପ ଜଣାଇଛନ୍ତି ଯେ ଯଦି ଭାରତ ୧୦୦ ପ୍ରତିଶତ ଟିକସ ଲଗାଇବ, ତେବେ ଆମେ ତା'ଠାରୁ କମ୍ ଟିକସ ଲଗାଇବୁ ନାହିଁ । ସେମାନେ ଆମ ଦେଶକୁ ସାଇକଲ୍ ଗୋଟିଏ ପଠାଇଲେ, ଆମେ ମଧ୍ୟ ସେମାନଙ୍କ ଦେଶକୁ ସାଇକେଲଟିଏ ପଠାଉଛୁ । ସେମାନେ ଆମ ଉପରେ ୧୦୦ କିମ୍ବା ୨୦୦ ପ୍ରତିଶତ ଟିକସ ଲଗାଉଛନ୍ତି । ଭାରତ ବହୁତ ଟିକସ ଅସୁଲ କରୁଛି । ବ୍ରାଜିଲ ବି ତାହା କରୁଛି । ଯଦି ସେମାନେ ଆମ ଉପରେ ଟିକସ ଲଗାଇବାକୁ ଚାହୁଁଛନ୍ତି, ତେବେ ଆମର କିଛି ଅସୁବିଧା ନାହିଁ । କିନ୍ତୁ ଆମେ ବି ସମାନ ଢଙ୍ଗରେ ସେମାନଙ୍କ ଉପରେ ଟିକସ ଲଗାଇବୁ ବୋଲି ଟ୍ରମ୍ପ କହିଛନ୍ତି । ଟ୍ରମ୍ପଙ୍କ ପ୍ରଥମ ପାଳି ଶାସନ ବେଳେ ମଧ୍ୟ ସେ ଭାରତ ଲଗାଇଥିବା ଟିକସକୁ ନେଇ ଖୋଲାଖୋଲି ବିରୋଧ କହିଥିଲେ । ବିଶେଷ କରି ହାର୍ଲି ଡେଭିଡସନ୍ ବାଇକ୍ ଉପରେ ଭାରତ ଲଗାଇଥିବା ୧୦୦ ପ୍ରତିଶତ ଟିକସକୁ ସମାଲୋଚନା କରିବା ସହ ତାହା ପ୍ରତ୍ୟାହାର କରିବା ଲାଗି ଦାବି କରିଥିଲେ । ଏଥର ଯେହେତୁ ସଂଖ୍ୟାଗରିଷ୍ଠତା ସହ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ଫେରୁଛନ୍ତି, ତେଣୁ ସେ ନିଜ ଯୋଜନାଗୁଡ଼ିକୁ ଦୃଢ ଭାବେ କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଛି । ସେ ଆମେରିକାକୁ ପ୍ରାଥମିକତା ଦେଉଛନ୍ତି । ଯେଉଁମାନେ ସେହି ଡାଞ୍ଚାକୁ ଗ୍ରହଣ କରିବେ ନାହିଁ, ସେମାନଙ୍କ ଉପରେ ଚାପ ସୃଷ୍ଟି କରିବାକୁ ସେ ପଛାଇବେ ନାହିଁ । ଡଲାରର ବିକଳ୍ପ ଆଣିବା ଲାଗି ବ୍ରିକ୍ସ ସମୂହ ରଖିଥିବା ଯୋଜନାକୁ କିଛି ଦିନ ତଳେ ଟ୍ରମ୍ପ ସମାଲୋଚନା କରିଥିଲେ । ଯଦି ସେଭଳି ମୁଦ୍ରା ଆସିବ କିମ୍ବା ଅନ୍ୟ କୌଣସି ମୁଦ୍ରାକୁ ବ୍ରିକ୍ସ ସମର୍ଥନ କରିବ ତେବେ ଆମେରିକା ସେମାନଙ୍କ ଉପରେ ଚା ଟିକସ ଲାଗୁ କରିବ ବୋଲି ଟ୍ରମ୍ପ ଧମକ ଦେଇଥିଲେ । ବ୍ରିକ୍ସ ସମୂହରେ ଭାରତ ଏକ ପ୍ରମୁଖ ସଦସ୍ୟ । ଯେହେତୁ ବିଶ୍ୱର ଅଧିକାଂଶ କାରବାର ବେଳେ ଡଲାରରେ ଦେୟ ପେଠ କରାଯାଉଛି, ତେଣୁ ଅଧିକାଂଶ ଦେଶ ନିଜର ବୈଦେଶିକ ମୁଦ୍ରା ଭଣ୍ଡାର ଗଠନ କରିଛନ୍ତି । ଆମଦାନୀ ଓ ବୈଦେଶିକ ମୁଦ୍ରା ଆବଶ୍ୟକତା ପୂରଣ କରିବା ଲାଗି ସେମାନେ ସେଥିରେ ଆମେରିକୀୟ ଡଲାର ସମେତ ବିଭିନ୍ନ ମୁଦ୍ରା ରଖୁଛନ୍ତି ।

# ଆଇସିସିର ନିଷ୍ପତ୍ତି : ୨୦୨୭ ଯାଏଁ ନିରପେକ୍ଷ ଭେନ୍ୟୁ




ନୂଆଦିଲ୍ଲୀ,୧୯।୧୨: ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଭାରତ ଓ ପାକିସ୍ତାନର ମ୍ୟାଚ୍‌କୁ ନେଇ ଆଜି ଆଇସିସି ବଡ଼ ଘୋଷଣା କରିଛି। ଚାମ୍ପିୟନ୍ସ ଟ୍ରଫି ୨୦୨୫ ଆୟୋଜନ କରିବାର ଅଧିକାର ପାକିସ୍ତାନକୁ ମିଳିଥିଲେ ହେଁ ଭାରତ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସେଠାକୁ ଯିବ ନାହିଁ।

ଭାରତର ମ୍ୟାଚ୍ ଗୁଡ଼ିକ ନିରପେକ୍ଷ ଭେନ୍ୟୁ ସମ୍ଭବତଃ ଦୁବାଇରେ ଅନୁଷ୍ଠିତ ହେବ ବୋଲି ଆଇସିସି କହିଛି। ହାଇବ୍ରିଡ ମଡେଲରେ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତର ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ହେବ। କିନ୍ତୁ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ୍‌ଗୁଡ଼ିକ ପାକିସ୍ତାନରେ ଖେଳାଯିବ।

ଆଇସିସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ୨୦୨୪-୨୦୨୭ ମଧ୍ୟରେ ଆଇସିସିର ସମସ୍ତ ଇଭେଣ୍ଟରେ ଭାରତ ଓ ପାକିସ୍ତାନର ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। ଭାରତୀୟ ଟିମ ପାକିସ୍ତାନ ଯିବ ନାହିଁ କିମ୍ବା ପାକିସ୍ତାନ ଟିମ ମଧ୍ୟ ଭାରତ ଆସିବ ନାହିଁ। ଉଭୟ ଦଳ ନିରପେକ୍ଷ ଭେନ୍ୟୁରେ ମ୍ୟାଚ ଖେଳିବେ।

ଏହାର ଅର୍ଥ ୨୦୨୫ ମହିଳା ଦିନିକିଆ ବିଶ୍ୱକପ ଖେଳିବାକୁ ପାକିସ୍ତାନ ଭାରତ ଆସିବ ନାହିଁ। ସେହିପରି ୨୦୨୫ ମହିଳା ଟି-୨୦ ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା କରିବାକୁ ଥିଲେ ହେଁ ପାକିସ୍ତାନ ଟିମ ଭାରତରେ କୌଣସି ମ୍ୟାଚ୍ ଖେଳିବ ନାହିଁ ବୋଲି ଆଇସିସି କହିଛି।

ଆଇସିସି ଆହୁରି କହିଛି ଯେ ପାକିସ୍ତାନ କ୍ରିକେଟ ବୋର୍ଡକୁ ୨୦୨୮ ମହିଳା ଟି-୨୦ ବିଶ୍ୱକପ ଆୟୋଜନ କରିବାକୁ ଅଧିକାର ପ୍ରଦାନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ହାଇବ୍ରିଡ ମଡେଲ ଆପଣାଯିବ।

ଭାରତୀୟ ଟିମ ୨୦୨୮ ମହିଳା ଟି-୨୦ ବିଶ୍ୱକପ ଖେଳିବାକୁ ପାକିସ୍ତାନ ଯିବ ନାହିଁ। ଅତିରିକ୍ତ ଭାବେ ୨୦୨୯-୨୦୩୧ ସାଇକେଲ ମଧ୍ୟରେ କ୍ରିକେଟ ଅଷ୍ଟ୍ରେଲିଆ ଗୋଟିଏ ବଡ଼ ମହିଳା ଆଇସିସି ଇଭେଣ୍ଟ ଆୟୋଜନ କରିବ। ଅନ୍ୟପକ୍ଷରେ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର କିଛି ମ୍ୟାଚ୍ ହରାଇଥିବାରୁ ଆଇସିସି ଠାରୁ କ୍ଷତିପୂରଣ ମାଗିଥିଲା। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡକୁ କୌଣସି ପ୍ରକାରର କ୍ଷତିପୂରଣ ମିଳିନାହିଁ। ଚାମ୍ପିୟନ୍ସ ଟ୍ରଫି ହାଇବ୍ରିଡ ମଡେଲରେ ଖେଳଯିବାକୁ ଥିବା ବେଳେ ମ୍ୟାଚସୂଚୀ ଖୁବଶୀଘ୍ର ଜାରି କରାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

## ଜିଲ୍ଲାସ୍ତରୀୟ ସିନିୟର ଆନ୍ତଃ କ୍ଲବ କ୍ରିକେଟ୍

# ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ ବିଜୟୀ




କେନ୍ଦ୍ରାପଡା-୧୯।୧୨: କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ଦ୍ୱାଦଶ ମ୍ୟାଚ୍‌ରେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଗୁରୁବାର ଦିନ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ କ୍ରିକେଟ କ୍ଲବ ଏବଂ ବିଶ୍ୱାସ କ୍ରିକେଟ କ୍ଲବ ମଧ୍ୟରେ ସୁପର ଲିଗ ଅନୁଷ୍ଠିତ ହୋଇଥିଲା।

ପ୍ରଥମେ କ୍ଷେତ୍ରପାଳ ସ୍ପୋର୍ଟିଂ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୪୦ ଓଭରରେ ୬ ଓ୍ୱିକେଟ୍ ବିନିମୟରେ ୨୧୯ ରନ୍ କରିଥିଲା। ଜବାବରେ ବିଶ୍ୱାସ କ୍ରିକେଟ କ୍ଲବ ୨୪.୫ ଓଭରରେ ୯୩ ରନ୍ କରି ଅଲ ଆଉଟ ହୋଇଥିଲା। ଫଳରେ କ୍ଷେତ୍ରପାଳ ସ୍ପୋର୍ଟିଂ କ୍ରିକେଟ କ୍ଲବ ୧୨୬ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ କ୍ଷେତ୍ରପାଳ ସ୍ପୋର୍ଟିଂ କ୍ରିକେଟ କ୍ଲବର ଦିପ୍ତି ଭୂଷଣ ବିହାରୀ ୬ଟି ଚୌକା ଓ ୧ଟି ଛକା ମାରି ୭୩ ବଲ୍‌ରେ ୫୬ରନ୍ କରିବା ସହିତ ୪ଓଭର ବୋଲିଂ କରି ୧୮ରନ ଦେଇ ୩ଟି ଓ୍ୱିକେଟ ନେଇ ମ୍ୟାନ ଅଫ ମ୍ୟାଚ୍ ହୋଇଥିଲେ। ଏହି ଅବସରରେ ନିରଞ୍ଜନ କର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ବିହାରୀଙ୍କୁ ମ୍ୟାନ ଅଫ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଚିରଞ୍ଜୀବୀ ବଳ ଓ ଏସକେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦା କାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦିପକ କୁମାର ବାରିକ, ସମିର ମହାପାତ୍ରଙ୍କ ସହଯୋଗରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# ଅବସର ନେବେ ରୋହିତ-ବିରାଟ !



ନୂଆଦିଲ୍ଲୀ,୧୯।୧୨: ଭାରତୀୟ କ୍ରିକେଟ ଦଳର ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ବୁଧବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଅଶ୍ୱିନ ହଠାତ୍ ଅବସର ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ବର୍ତ୍ତମାନ ରିପୋର୍ଟରେ ଦର୍ଶାଯାଇଛି ଯେ ଅଶ୍ୱିନଙ୍କ ଅବସର କେବଳ ଆରମ୍ଭ ଏହା ବ୍ୟତୀତ ଆହୁରି ଅନେକ ବଡ ବଡ଼ କ୍ରିକେଟର ଅବସର ନେଇପାରନ୍ତି ଯାହା ପରେ ପ୍ରଶଂସକଙ୍କ ମନରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ନାମ ଆସିବା ଆରମ୍ଭ କରିଛି।

ରିପୋର୍ଟରେ କୁହାଯାଇଛି, ଅଶ୍ୱିନ୍‌ଙ୍କ ଅବସର ନିଷ୍ପତ୍ତି ସ୍ୱତଃପ୍ରବୃତ୍ତ ନା କେବଳ ପ୍ରଭାବିତ ହୋଇଛି ତାହା ବିଚାର କରିବା କଷ୍ଟକର, କିନ୍ତୁ ଭାରତୀୟ ଦଳରେ ପରିବର୍ତ୍ତନ ଶୀଘ୍ର ଆଶା କରାଯାଉଛି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ସିରିଜରେ ବିଜୟ ଖେଳାଳିଙ୍କ ପାଇଁ ଏକ ଭରସା ଏହି ସିରିଜରେ ପରାଜୟ ଆହୁରି ଅନେକ ଅବସର ଆଡକୁ ଯାଇପାରେ। ରିପୋର୍ଟରେ କୁହାଯାଇଛି, ଏହା ସମ୍ଭବ ନୁହେଁ ଯେ କେହି ଏହା ଖୋଲାଖୋଲି ଭାବରେ ସ୍ୱୀକାର କରିବେ। ୨୦୦୮ ଭଳି, ଯେତେବେଳେ ଅନେକ ବରିଷ୍ଠ ଖେଳାଳି ଶୀଘ୍ର ଅବସର ନେଇଥିଲେ।

ପର୍ଯ୍ୟନ୍ତ ଏହି ବିଷୟରେ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ। ଏହା କେବଳ ଦାବି କରାଯାଉଛି ବର୍ତ୍ତମାନ ବର୍ଡର-ଗାଭାସ୍କର ଟ୍ରଫି ପରେ ଦଳରେ କଣ ଘଟୁଛି ତାହା ଦେଖିବା ମଜାଦାର ହେବ ସୂଚନାଯୋଗ୍ୟ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ରୋହିତ ଶର୍ମା ଏହି ସିରିଜରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରି ନାହାଁନ୍ତି, କିନ୍ତୁ ବିରାଟ କୋହଲି ପର୍ଥ ଟେଷ୍ଟରେ ଏକ ଶତକ ହାସଲ କରିଛନ୍ତି।

## ନ୍ୟୁଜିଲାଣ୍ଡକୁ ମିଳିଲା ଦିନିକିଆ, ଟି୨୦ର ନୂଆ ଅଧିନାୟକ

ନୂଆଦିଲ୍ଲୀ,୧୯।୧୨: ମିଚେଲ ସାଣ୍ଟନରଙ୍କୁ ଆଧିକାରୀକ ଭାବେ ନ୍ୟୁଜିଲାଣ୍ଡର ହ୍ୱାଇଟ୍ ବଲ୍ ଟିମ୍‌ର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ସେ କେନ୍ ଓ୍ୱିଲିୟମସନଙ୍କ ସ୍ଥାନ ନେବେ, ଯିଏ କି ଆମେରିକା ଏବଂ ଓ୍ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପରୁ ଦଳ ବାହାର ହେବା ପରେ ପଦ ଛାଡ଼ି ଦେଇଥିଲେ। ତେବେ ସାଣ୍ଟନର ହ୍ୱାଇଟ୍ ବଲ୍ ଫର୍ମାଟରେ ୧୦୦ରୁ ଅଧିକ ଥର ନ୍ୟୁଜିଲାଣ୍ଡ ଟିମ୍‌ର ପ୍ରତିନିଧି କରୁଥିବା କେବଳ ୪ ଖେଳାଳିଙ୍କ ମଧ୍ୟରୁ ଜଣେ ଗତ ମାସରେ ସେ ଶ୍ରୀଲଙ୍କା ଗସ୍ତ ସହିତ ୨୪ ଟି୨୦ ଏବଂ ୪ ଦିନିକିଆ। ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଛନ୍ତି।

ପୂର୍ଣ୍ଣକାଳୀନ ଅଧିକାରୀକ ଭାବେ ସାଣ୍ଟନରଙ୍କ କାର୍ଯ୍ୟକାଳ ଡିସେମ୍ବର ଶେଷ ଏବଂ ଜାନୁଆରୀ ଆରମ୍ଭରେ ଶ୍ରୀଲଙ୍କା ବିପକ୍ଷ ଟି୨୦ ଏବଂ ଦିନିକିଆ। ସିରିଜରୁ ଆରମ୍ଭ ହେବ। ଏହି ଦୁଇ ସିରିଜରୁ ନ୍ୟୁଜିଲାଣ୍ଡ ଦଳ ପାଇଁ ନୂଆ ସମୟ ଆରମ୍ଭ ହେବ। ସାଣ୍ଟନର କହିଛନ୍ତି ଯେ, ଏହା ସ୍ପଷ୍ଟ ଭାବେ ବହୁତ ବଡ଼ ସମ୍ମାନ ଏବଂ ବଡ଼ ଅଧିକାରର ବିଷୟ ଯେ ଆପଣଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଯେତେବେଳେ ଆପଣ ଜଣେ ଯୁବ କ୍ରିକେଟର ହୋଇଥାନ୍ତି ସେତେବେଳେ ଦେଶ ପାଇଁ ଖେଳିବା ସ୍ୱପ୍ନ ଦେଖିଥାନ୍ତି। ଏମିତିରେ ଦେଶର ନେତୃ ନେବା ବଡ଼ କଥା। ସୀମିତ ଓଭର କ୍ରିକେଟରେ ସାଣ୍ଟନରଙ୍କ ୨୦୦୦ରୁ ଅଧିକ ରନ୍ ଏବଂ ୨୨୫ ଉଇକେଟ ଅଛି।

# ଅଶ୍ୱିନଙ୍କ ଅବସର ଘୋଷଣା : ବାପା ଅସନ୍ତୁଷ୍ଟ



ଚେନ୍ନାଇ,୧୯।୧୨; ଟିମ ଇଣ୍ଡିଆର ଭେଟରାନ ସ୍ପିନର ରବି ଅଶ୍ୱିନଙ୍କ ବାପା ରବିଚନ୍ଦ୍ରନ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବୁଧବାର ସମସ୍ତଙ୍କୁ ଚକିତ କରି ଅଶ୍ୱିନ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଅଧାରୁ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଥିଲେ ଆଜି ଅଶ୍ୱିନ ନିଜ ଘର ଚେନ୍ନାଇକୁ ଫେରିଛନ୍ତି।

ଅଶ୍ୱିନ୍‌କୁ ଦେଖି ତାଙ୍କ ବାପା ଭାବୁକ ହୋଇ ପଡିଥିଲେ ସେ ତାଙ୍କୁ ଆଲିଙ୍ଗନ କରିବା ସହ ଚୁମ୍ବନ ଦେଇ ଅଭିବାଦନ ଜଣାଇଥିଲେ। ସେହିପରି ଅଶ୍ୱିନ୍ ଘରକୁ ଫେରିବା ପରେ ତାଙ୍କ ମା' କାନ୍ଦି ପକାଇଛନ୍ତି ଏହି ସମୟର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଚେନ୍ନାଇ ସ୍ଥିତ ତାଙ୍କ ଘରେ ପହଞ୍ଚିବା ପରେ ଅଶ୍ୱିନ୍‌ଙ୍କୁ ପାରମ୍ପରିକ ଢ଼ଙ୍ଗରେ ସ୍ୱାଗତ କରାଯାଇଛି। ଡ୍ରମ୍ ଓ ବାଜା ବଜାଇ ତାଙ୍କ ଫୁଲ ମାଳ ପକାଇ ତାଙ୍କୁ ଘରକୁ ପାଛୋଟି ନେଇଛନ୍ତି ଲୋକେ ଡ୍ରମ୍ ବାଦ୍ୟ ଓ ଫୁଲ ବର୍ଷଣ ମଧ୍ୟରେ ଅଶ୍ୱିନଙ୍କ ବାପାଙ୍କ ସୁନ୍ଦର ଅଭିବାଦନ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି।

ହେଲେ ହଠାତ ଇସ୍ତଫାକୁ ନେଇ ତାଙ୍କ ବାପା ରବିଚନ୍ଦ୍ରନ ସମସ୍ତଙ୍କୁ ଚକିତ କରିବା ଭଳି କଥା କହିଛନ୍ତି ଅଶ୍ୱିନଙ୍କ ଅପ୍ରତ୍ୟାଶିତ ଅବସର ପରିବାର ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ପୁଅ ଭାରତ ପାଇଁ ଖେଳୁ ବୋଲି ରବିଚନ୍ଦ୍ରନ ଚାହୁଁଥିଲା। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅ ବାରମ୍ବାର ଅପମାନିତ ହୋଇଆସୁଥିଲେ। ସମ୍ଭବତଃ ଏହି କାରଣ ପାଇଁ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥାଇପାରନ୍ତି ବୋଲି ରବିଚନ୍ଦ୍ରନ ମତ ରଖିଛନ୍ତି।

ରବିଚନ୍ଦ୍ରନ ନିର୍ଦ୍ଦିଷ୍ଟ ଭାବେ ସେ ଆଣିଥିବା ଅପମାନ ଅଭିଯୋଗ ସମ୍ପର୍କରେ କିଛି ବି କହିନାହାନ୍ତି। କିନ୍ତୁ ବିଦେଶ ମାଟିରେ ଅଶ୍ୱିନଙ୍କୁ ନିୟମିତ ସୁଯୋଗ ନ ମିଳିବା ପ୍ରସଙ୍ଗ ହିଁ ରବିଚନ୍ଦ୍ରନ ଏଠାରେ କହିବାକୁ ଚେଷ୍ଟା କରିଛନ୍ତି।

ଗୋଟିଏ ଗଣମାଧ୍ୟମକୁ ଅଶ୍ୱିନଙ୍କ ବାପା ରବିଚନ୍ଦ୍ରନ କହିଛନ୍ତି, ଶେଷ ମୁହୂର୍ତ୍ତରେ ମୁଁ ମଧ୍ୟ ଅବସର ସମ୍ପର୍କରେ ଜାଣିବାକୁ ପାଇଥିଲି। ତା ଇଚ୍ଛା ଓ ନିଷ୍ପତ୍ତିକୁ ସମ୍ମାନ ଜଣାଇ ମୁଁ ଏଥିରେ ହସ୍ତକ୍ଷେପ କରିନାହିଁ। କିନ୍ତୁ ସେ ଯେଉଁଭଳି ଭାବେ ଅବସର ଘୋଷଣା କଲା, ତା ପଛରେ ସମ୍ଭବତଃ ଅନେକ କାରଣ ରହିଥାଇ ପାରେ। କେବଳ ଅଶ୍ୱିନ ସେକଥା ଜାଣିଛି। ସମ୍ଭବତଃ ସେ ଅପମାନିତ ବୋଧ ପ୍ରକାଶ କରିଛି।

ବୁଧବାର ହଠାତ୍ ଅଶ୍ୱିନ ଅବସର ଘୋଷଣା କରିବା କଥା ଶୁଣି ପରିବାର ଲୋକ ଭାବବିହ୍ୱଳ ହୋଇଯାଇଥିଲେ କି ପ୍ରଶ୍ନରେ ରବିଚନ୍ଦ୍ରନ କହିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ। କାରଣ ସେ ପଡ଼ିଆରେ ୧୪ରୁ ୧୫ ବର୍ଷ ହେଲା ରହିଥିଲା। ହଠାତ ପରିବର୍ତ୍ତନ ଓ ଅବସର ନିଶ୍ଚିତ ଭାବେ ଆମକୁ ଝଟକା ଦେଇଛି।

ସମାନ ସମୟରେ ଆମେ ଏସବୁ ପଛରେ ସେ ସାମ୍ନା କରୁଥିବା ଅପମାନ ମଧ୍ୟ ଗୋଟିଏ କାରଣ ରହିଥାଇ ପାରେ ବୋଲି ଆଶଙ୍କା କରିଛୁ ସେ କେତେ ଦିନ ଯାଏ ଏସବୁ ସହ୍ୟ କରି ରହିଥାଆନ୍ତା ? ସମ୍ଭବତଃ ସେ ନିଜେ ସବୁ କିଛି ଭାବି ନିଷ୍ପତ୍ତି ନେଇଛି।

ଅଶ୍ୱିନଙ୍କ ବାପା ଆହୁରି କହିଛନ୍ତି, ତା ମୁଣ୍ଡରେ କଣ ସବୁ ଚାଲିଥିଲା। ମୁଁ ଜାଣିନାହିଁ ସେ କେବଳ ଅବସର ଘୋଷଣା କରିଛି। ମୁଁ ମଧ୍ୟ ଏହାକୁ ଉତ୍ସାହର ସହ ଗ୍ରହଣ କରିଛି। ଏନେଇ ମୋର କୌଣସି ପ୍ରକାରର ଦୁଇ ମତ ନାହିଁ କିନ୍ତୁ ସେ ଯେଉଁଭଳି ଭାବେ ଅବସର ଘୋଷଣା କଲା, ଗୋଟିଏ ପଟେ ମୁଁ ବହୁତ ଖୁସି ହୋଇଥିବା ବେଳେ ଅନ୍ୟପଟେ ମୁଁ ଚାହୁଁଥିଲି ଯେ ସେ ଜାତୀୟ ଦଳ ପାଇଁ ଖେଳିବା ଜାରି ରଖୁ।

# ଓ୍ୱେଷ୍ଟଇଣ୍ଡିଜ ସବୁ ଫର୍ମାଟର କୋଚ୍ ହେଲେ ସାମି

ନୂଆଦିଲ୍ଲୀ: ଓ୍ୱେଷ୍ଟଇଣ୍ଡିଜ କ୍ରିକେଟ୍ ବୋର୍ଡ(ସିଡବ୍ଲ୍ୟୁଆଇ) ପୂର୍ବତନ ଷ୍ଟାର ଅଲରାଉଣ୍ଡର ଡାରେନ ସାମିଙ୍କୁ ବଡ଼ ଦାୟିତ୍ୱ ଦେଇଛି। ସାମିଙ୍କୁ ଓ୍ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ତିନି ଫର୍ମାଟ୍‌ର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ କରାଯାଇଛି। ବୋର୍ଡର ନିର୍ଦ୍ଦେଶକ ମାଇଲ୍ସ ବେସକାମ୍ପ ସାମ୍ବାଦିକ ସମ୍ମିଳନୀ କରି ଏହାର ଘୋଷଣା କରିଛନ୍ତି ସାମି। ବର୍ତ୍ତମାନ ଯାଏ ଓ୍ୱେଷ୍ଟେଇଣ୍ଡିଜର ଦିନିକିଅର ଓ ଟି-୨୦ ଦଳର କୋଚ୍ ଥିଲେ। ଏବେ ସେ ୨୦୨୫ ଏପ୍ରିଲ ୧ରୁ ଟେଷ୍ଟ ଦଳର ବି କୋଚିଂ ଦାୟିତ୍ୱ ସମ୍ଭାଳିବେ। ସାମି ଟେଷ୍ଟ ଦଳର କୋଚ୍ ଆନ୍ଦ୍ରେ କୋଲିଙ୍କ ସ୍ଥାନ ନେବେ। ଫିଲ ସିମନ୍ସଙ୍କ ଇସ୍ତଫା ପରେ କୋଲି କୋଚ୍ ପଦରେ ରହିଛନ୍ତି।

ସାମି ହେଉଛନ୍ତି ଓ୍ୱେଷ୍ଟେଇଣ୍ଡିଜ କ୍ରିକେଟ୍ ଦଳର ସଫଳ ଅଧିନାୟକ ତାଙ୍କ ନେତୃତ୍ୱରେ ଓ୍ୱେଷ୍ଟେଇଣ୍ଡିଜ ଦୁଇ ଥର ୨୦୧୨ ଓ ୨୦୧୬ରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା ଡିସେମ୍ବର ୨୦ରେ ୪୧ ବର୍ଷରେ ପଦାର୍ପଣ କରୁଥିବା ସାମି ନିଜ କ୍ୟାରିୟରରେ ୨୩୨ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି ସେ ୨୦୦୪ରୁ ୨୦୧୭ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ୍‌ର ସକ୍ରିୟ ରହିଥିଲେ ସେ ଦଳ ପାଇଁ ୩୮ ଟେଷ୍ଟ ଖେଳି ୧୩୨୩ ରନ ଓ ୮୪ ଓ୍ୱିକେଟ୍ ଅକ୍ତିକାର କରିଛନ୍ତି ସେହିପରି ଦିନିକିଆରେ ୧୨୬ଟି ଦିନିକିଆ। ଖେଳି ୧୮୭୧ ରନ କରିବା ସହ ୮୧ ଓ୍ୱିକେଟ୍ ନେଇଛନ୍ତି ୬୮ ଅନ୍ତର୍ଜାତୀୟ ଟି-୨୦୯ ମ୍ୟାଚ୍‌ରେ ୫୮୭ ରନ ଓ ୪୪ ଓ୍ୱିକେଟ୍ ନେଇଛନ୍ତି

ସାମି ୨୦୨୩ରେ ସୀମିତ ଓଭର ଫର୍ମାଟ୍‌ର ଦାୟିତ୍ୱ ସମ୍ଭାଳିବା ପରଠୁ ଦଳକୁ ନୂତନ ଆକାର ଦେବାରେ ଜୁଟି ଯାଇଛନ୍ତି ତାଙ୍କ ସକରାତ୍ମକ ଉଦ୍ୟମକୁ ମଧ୍ୟ ବେଶ ପ୍ରଶଂସା କରାଯାଉଛି। ସାମିଙ୍କୁ ତିନି ଫର୍ମାଟ୍‌ରେ ମୁଖ୍ୟ କୋଚ୍ ପଦରେ ନିଯୁକ୍ତି ଦେବା ତାଙ୍କ ଉପରେ ବୋର୍ଡର ଭରସାକୁ ଦର୍ଶାଉଛି ନିଜର ଦମଦାର ରଣନୀତି ଓ ପରିଚାଳନା ଦକ୍ଷତା ପାଇଁ ପରିଚିତ ସାମିଙ୍କଠୁ ବୋର୍ଡ ମଧ୍ୟ ଅନୁରୂପ ଆଶା ରଖିଛନ୍ତି ବିଶେଷ କରି ଟେଷ୍ଟ ଫର୍ମାଟ୍‌ରେ ଦଳର ଉନ୍ନତି ଚାହୁଁଛି ବୋର୍ଡ ନିକଟ ବର୍ଷରେ ଓ୍ୱେଷ୍ଟଇଣ୍ଡିଜକୁ ଟେଷ୍ଟ କ୍ରିକେଟ୍‌ରେ ସଂଘର୍ଷ କରିବାକୁ ପଡ଼ିଛି। ଏପରିକି ଡିସେମ୍ବର ଆରମ୍ଭରେ ଦଳ ବାଂଲାଦେଶ ବିପକ୍ଷରେ ଟେଷ୍ଟ ସିରିଜ୍ ପରାଜିତ ହୋଇଛି।

## କେରଳ ଟିମ୍‌ରୁ ବାହାରିଲେ ସଞ୍ଜୁ ସାମସନ୍

ନୂଆଦିଲ୍ଲୀ, ୧୯।୧୨: ଗୋଟିଏ ପଟେ ଭାରତୀୟ କ୍ରିକେଟ୍ ଦଳ ଅଷ୍ଟ୍ରେଲିଆ ଗସ୍ତରେ ବର୍ଡର-ଗାଭାସ୍କର ଟ୍ରଫି ଖେଳିବାରେ ବ୍ୟସ୍ତ ରହିଛି। ଏଥି ସହ ଭାରତରେ ଘରୋଇ କ୍ରିକେଟ୍ ଖେଳ ଚାଲିଛି। ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୪ପରେ ବର୍ତ୍ତମାନ ଏବେ ୨୧ଡିସେମ୍ବରରୁ ବିଜୟ ହଜାରେ ଟ୍ରଫି ଆରମ୍ଭ ହେବାକୁ ଯାଉଛି। ଯେଉଁଥିପାଇଁ କେରଳ ଟିମର ଘୋଷଣା କରାଯାଇଛି। ଭାରତୀୟ ବ୍ୟାଟର ସଞ୍ଜୁ ସାମସନଙ୍କୁ ବିଜୟ ହଜାରେ ଟ୍ରଫିରେ ସ୍ଥାନ ମିଳିପାରି ନାହିଁ। ଏହି ପଦକ୍ଷେପ ଏକ ନିର୍ଣ୍ଣୟ ପରେ ଉଠାଯାଇଛି। ଯେଉଁଥିରେ କେବଳ ସେହି ଖେଳାଳୀଙ୍କୁ ସାମିଲ କରାଯିବା ଲାଗି ନିର୍ଣ୍ଣୟ ନିଆଯାଇଛି ଯେଉଁମାନେ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପ୍ରସ୍ତୁତି ଶିବିରରେ ଭାଗ ନେଇଥିଲେ। ସାମସନ୍ ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୪-୨୫ରେ କେରଳର ନେତୃ କରିଥିଲେ। ଯେଉଁଥିରେ ସେ ନିଜ ୬ ମ୍ୟାଚରୁ ୪ଟିରେ ବିଜୟ ହାସଲ କରି ନକ୍‌ଆଉଟ୍ ପାଇଁ ଯୋଗ୍ୟତା ହରାଇଥିଲେ ସାମସନ୍, ଯାହାଙ୍କୁ ମୂଳତ ୩୦ ଜଣିଆ ସମ୍ଭାବ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମାତ୍ର ଶେଷ ତାଲିକାରୁ ବାଦ କରିଦିଆଗଲା। ସାଉଥ ଆଫ୍ରିକା ଗସ୍ତରେ ଦୁଇଟି ଟି-୨୦ଶତକ ଲଗାଇଥିବା ସାମସନ୍ ସୟଦ ମୁସ୍ତାକ ଅଲିରେ କେରଳ ପାଇଁ ୬ ଟି ମ୍ୟାଚ ମଧ୍ୟରୁ ଅର୍ଦ୍ଧଶତକ ହାସଲ କରି ମାତ୍ର ୧୩୫ ରନ୍ ସ୍କୋର କରିପାରିଛନ୍ତି।

# ଭାରତୀୟ କ୍ରିକେଟ ଦଳର ଲଜ୍ଜାଜନକ ରେକର୍ଡ



ନୂଆଦିଲ୍ଲୀ,୧୯।୧୨: ୨୦୨୪ ବର୍ଷ ଭାରତୀୟ କ୍ରିକେଟ ପାଇଁ ଏପରି ଉତଥାନ-ପତନ ଆଣିଥିଲା, ଯାହା ପ୍ରଶଂସକମାନେ ଭୁଲିଯିବା କଷ୍ଟକର ଯଦିଓ ଭାରତୀୟ ଦଳ ଚଳିତ ବର୍ଷ ଟି-୨୦ ବିଶ୍ୱକପ ଜିତିଛି, ତେବେ ଇତିହାସରେ ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡକୁ ମଧ୍ୟ ଟେଷ୍ଟ ସିରିଜ ହରାଇଛି। କିନ୍ତୁ ଯେପରି ଏହା ଯଥେଷ୍ଟ ନୁହେଁ ୨୦୨୪ରେ ଭାରତୀୟ ଦଳ ଗୋଟିଏ ବି ଦିନିକିଆ। ମ୍ୟାଚ ଜିତି ନ ଥିଲା ୧୯୭୯ ପରଠାରୁ ଏହା ପ୍ରଥମ ଥର ଏବଂ ସାମଗ୍ରିକ ଭାବେ କେବଳ ତୃତୀୟ ଥର ଯେ ଭାରତ ଗୋଟିଏ ଦିନିକିଆ। ମ୍ୟାଚ ଜିତିନଥିଲା।

ଭାରତୀୟ ପୁରୁଷ କ୍ରିକେଟ ଦଳ ୧୯୭୪ ପରଠାରୁ ଦିନିକିଆ। ମ୍ୟାଚ ଖେଳୁଛି ସେବେଠାରୁ ଭାରତ କ୍ରମାଗତ ଭାବେ ଦିନିକିଆ। ମ୍ୟାଚ ଖେଳୁଛି ପ୍ରାରମ୍ଭିକ ଅବଧିରେ ଭାରତ ଏହି ଫର୍ମାଟରେ ଭଲ ପ୍ରଦର୍ଶନ କରି ନ ଥିଲା ଏବଂ ୧୯୭୪, ୧୯୭୬ ଏବଂ ୧୯୭୯ରେ ଭାରତ ଗୋଟିଏ ଦିନିକିଆ। ମ୍ୟାଚ ଜିତି ପାରି ନଥିଲା ଅବଶ୍ୟ, ଏହି ସମୟ ମଧ୍ୟରେ, ଏହା ୧୯୭୫ ବିଶ୍ୱକପରେ ଏକ ମ୍ୟାଚ ଜିତିଥିଲା ଏବଂ ୧୯୭୮ରେ ପାକିସ୍ତାନକୁ ମଧ୍ୟ ପରାସ୍ତ କରିଥିଲା।

୧୯୮୦ ମସିହାରୁ ଆରମ୍ଭ ହୋଇଥିବା ଭାରତୀୟ କ୍ରିକେଟର ବିଜୟ ଧାରା ୨୦୨୩ ପର୍ଯ୍ୟନ୍ତ ଜାରି ରହିଥିଲା ଭାରତ ପ୍ରତିବର୍ଷ ଅଧିକ କିମ୍ବା କମ ମ୍ୟାଚ ଜିତିଥିଲା କିନ୍ତୁ ଭାରତର ଏହି ବିଜୟ ଧାରା ୨୦୨୪ରେ ବନ୍ଦ ହୋଇଗଲା ତେବେ ଭାରତୀୟ ଦଳ ଚଳିତ ବର୍ଷ ଅନେକ ଦିନିକିଆ। ମ୍ୟାଚ ଖେଳି ନାହିଁ ଭାରତୀୟ ଦଳ ବିରାଟ କୋହଲିଙ୍କ ଭଳି ତାରକାଙ୍କ ସହ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଶ୍ରୀଲଙ୍କାରେ ପହଞ୍ଚିଥିଲେ ଅଗଷ୍ଟରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ। ସିରିଜ ହୋଇଥିଲା ଯାହା ଶ୍ରୀଲଙ୍କା ୨-୧ରେ ଜିତିଥିଲା ସିରିଜର ଗୋଟିଏ ମ୍ୟାଚ ବାତିଲ କରାଯାଇଥିଲା ଏହିପରି ଭାବରେ, ଭାରତୀୟ ଦଳ ୨୦୨୪ରେ ଗୋଟିଏ ବି ଦିନିକିଆ। ମ୍ୟାଚ ଜିତପାରି ନ ଥିଲା।

ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ କେବଳ ୨୦୨୪ରେ ଗୋଟିଏ ଦିନିକିଆ। ଜିତିବାରେ ଅଲୋଡା ରେକର୍ଡ ସୃଷ୍ଟି କରିନାହିଁ, ବରଂ ସେହି ବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ମଧ୍ୟ ହାରି ଯାଇଥିଲା ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ କ୍ଲିନ୍ ସୁଇପ କରିଥିଲା ଏବଂ ଏହି ପରାଜୟର ଦାଗ ମଧ୍ୟ ରୋହିତଙ୍କ ନାମରେ ଲାଗିଥିଲା। ନ୍ୟୁଜିଲାଣ୍ଡ ଦଳ ଚଳିତ ବର୍ଷ ୩ଟି ମ୍ୟାଚ ଖେଳିଛି ତାଙ୍କୁ ଏହି ତିନୋଟି ମ୍ୟାଚ୍‌ରେ ପରାଜୟର ସାମ୍ନା କରିବାକୁ ପଡିଥିଲା।

ଭାରତ ଏବଂ ନ୍ୟୁଜିଲାଣ୍ଡର ଦଳ ମଧ୍ୟ ଏହି ବର୍ଷ ସର୍ବନିମ୍ନ ଦିନିକିଆ। ମ୍ୟାଚ ଖେଳିଥିଲେ ଏହି ଦୁଇଟି ପରେ ଆୟର୍ଲାଣ୍ଡ ସର୍ବନିମ୍ନ ସଂଖ୍ୟକ ମ୍ୟାଚ ଖେଳିଥିଲା ସେ ୨୦୨୪ରେ ୫ଟି ଦିନିକିଆ। ଖେଳି ଗୋଟିଏ ଜିତିଥିଲେ ଜିମ୍ବାବେ ୬ଟି ଦିନିକିଆ। ଖେଳି ଗୋଟିଏ ଜିତିଥିଲା ଦକ୍ଷିଣ ଆଫ୍ରିକା ମଧ୍ୟ ୬ଟି ମ୍ୟାଚ ଖେଳିଥିଲା, ସେଥିମଧ୍ୟରୁ ୩ଟି ଜିତିଥିଲା।

## ଶୀର୍ଷକୁ ଉଠିଲେ ରୁଟ୍, ଦ୍ୱିତୀୟ ସ୍ଥାନକୁ ଖସିଲେ ବ୍ରୁକ୍

ଦୁବାଇ,୧୯।୧୨: ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ବ୍ୟାଟିଂ ମାନ୍ୟତା ତାଲିକାରେ ଇଂଲଣ୍ଡର ଜୋ ରୁଟ୍ ପୁନର୍ବାର ଶୀର୍ଷ ସ୍ଥାନ ଫେରି ପାଇଛନ୍ତି। ଗତ ସପ୍ତାହରେ ସେ ଦ୍ୱିତୀୟକୁ ଖସିଥିଲେ। ତାଙ୍କ ସ୍ଥାନରେ ହ୍ୟାରୀ ବ୍ରୁକ୍ ପ୍ରଥମ କରି ଶୀର୍ଷ ସ୍ଥାନ ଦଖଲ କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ସେ ଯଥାକ୍ରମେ ୩୨ ଓ ୫୪ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଉକ୍ତ ଟେଷ୍ଟରେ ୪୨୩ ରନ୍‌ରେ ପରାଜିତ ହୋଇଥିଲା ବ୍ରୁକ୍ ଉଭୟ ଇନିଂସରେ ୦ ଓ ୧ ରନ୍ କରି ଆଉଟ୍ ହୋଇଥିଲେ। ନ୍ୟୁଜିଲାଣ୍ଡର କେନ ଓ୍ୱିଲିୟମସନ ପୂର୍ବବତ ତୃତୀୟ ସ୍ଥାନରେ ରହିଥିଲେ ହେଁ ତୃତୀୟ ଟେଷ୍ଟ ସଫଳତା ପରେ ୨୮ ପଏଣ୍ଟ ଅର୍ଜନ କରିଥିଲେ। ସେ ଉଭୟ ଇନିଂସରେ ଯଥାକ୍ରମେ ୪୪ ଓ ୧୫୬ ରନ୍ ସଂଗ୍ରହ କରିଥିଲେ। ଭାରତୀୟଙ୍କ ମଧ୍ୟରେ ଯଶସ୍ୱୀ ଜୈସ୍ୱାଲ୍ ଚତୁର୍ଥ ସ୍ଥାନରେ ରହିଥିବାବେଳେ ରିଷଭ ପନ୍ତ ନବମ ସ୍ଥାନ ବଜାୟ ରଖିଛନ୍ତି। ଟେଷ୍ଟ ବୋଲିଂ ମାନ୍ୟତାରେ ଯଶପ୍ରୀତ ବୁମରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି ଅଷ୍ଟ୍ରେଲିଆ। ବିପକ୍ଷ ତୃତୀୟ ଟେଷ୍ଟରେ ସେ ୮ଟି ୱିକେଟ୍ ନେଇଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ରବି ଅଶ୍ୱିନ ପଞ୍ଚମ ଓ ରବିନ୍ଦ୍ର ଜାଡେଜା ଷଷ୍ଠ ସ୍ଥାନରେ ରହିଛନ୍ତି।

# ଭାରତ ଛାଡି ପରିବାର ସହ ଲଣ୍ଡନ ପଳାଇବେ ବିରାଟ



ନୂଆଦିଲ୍ଲୀ, ୧୯।୧୨: ଆଜିକାଲି ଟିମ ଇଣ୍ଡିଆର ଭେଟେରାନ ଖେଳାଳି ବିରାଟ କୋହଲି ଅଷ୍ଟ୍ରେଲିଆ। ଗସ୍ତରେ ଅଛନ୍ତି ଅଷ୍ଟ୍ରେଲିଆ। ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚରେ ସେ କିଛି ବିଶେଷ କରିପାରି ନ ଥିଲେ ଏବେ କୋହଲିଙ୍କ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି ଏକ ରିପୋର୍ଟ ଅନୁଯାୟୀ, ବିରାଟ ଖୁବ ଶୀଘ୍ର ତାଙ୍କ ପରିବାର ସହିତ ଲଣ୍ଡନ ପଳାଇବେ ଏବଂ ଏହା ତାଙ୍କ ପିଲାଦିନର କୋଚ ରାଜକୁମାର ଶର୍ମାଙ୍କ ଦ୍ୱାରା ନିଶ୍ଚିତ ହୋଇଛି କୋହଲି ଭାରତ ଛାଡିବାକୁ ଯୋଜନା କରୁଛନ୍ତି।

କୋହଲି ଏବଂ ଅନୁଷ୍କା ଲଣ୍ଡନ ସ୍ଥାନାନ୍ତର ବିଷୟରେ ଆଲୋଚନା ଦୀର୍ଘ ଦିନ ଧରି ଚାଲିଆସୁଛି କିନ୍ତୁ ଏ ସମ୍ପର୍କରେ କୌଣସି ସରକାରୀ ସୂଚନା ପ୍ରକାଶ ପାଇନାହିଁ କିନ୍ତୁ ପ୍ରଥମ ଥର ପାଇଁ କେହି କେହି କୋହଲିଙ୍କ ବିଷୟରେ ଏ ବିଷୟରେ କିଛି କହିଛନ୍ତି କୋଚ ରାଜକୁମାର ଶର୍ମା ନିକଟରେ ଏକ ସାକ୍ଷାତକାର ସେ କହିଛନ୍ତି, ବିରାଟ ପିଲା ଏବଂ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଲଣ୍ଡନ ଯିବାକୁ ଯୋଜନା କରୁଛନ୍ତି। ଦିଲ୍ଲୀରେ ବିରାଟ କୋହଲିଙ୍କ ଘର ଅଛି ମୁମ୍ବାଇରେ ତାଙ୍କର ଏକ ଘର ମଧ୍ୟ ଅଛି ସେ ମୁମ୍ବାଇରେ ଏକ ଆପାର୍ଟମେଣ୍ଟ କିଣିଥିଲେ ଏହା ସହିତ ଆଲିବାଗରେ ଏକ ବଙ୍ଗଳା ମଧ୍ୟ କ୍ରୟ କରାଯାଇଥିଲା। ସେ ଛୁଟିଦିନ ପାଇଁ ଏହି ଘର ନିର୍ମାଣ କରିଥିଲେ କିନ୍ତୁ ବର୍ତ୍ତମାନ ସେମାନେ ଭାରତ ଛାଡିବାକୁ ଯୋଜନା କରୁଛନ୍ତି ବିରାଟ କୋହଲିଙ୍କ ନୂଆ। ଘର ଲଣ୍ଡନରେ ହେବ କିନ୍ତୁ ବିରାଟ ଏ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି।


Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ